ଧରିତ୍ରୀ 51 Years
ଧରିତ୍ରୀ
DHARITRI
ପୃଷ୍ଠା-୧୨+୮
ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୦/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 20/2025 Page 20 ₹ 7.00 BERHAMPUR
୫୧ଶ ଭାଗ ୨୯୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 296 ମୂଲ୍ୟ₹୭/-




# ୨ ପୁଅଙ୍କୁ ବିଷ ପିଆଇଲେ ବାପା

ବନ୍ତଲା,୧୯।୯ (ସୁଶିତ ସାହୁ)/ ଛେଣ୍ଡିପଦା (ଅଜିତ ଧଳ)

ସ୍କୁଲ ଯିବାକୁ କହି ୨ ନାବାଳକ ପୁଅଙ୍କୁ ବାଇକ୍‌ରେ ବସାଇଥିଲେ। ହେଲେ ଦୁହିଁଙ୍କୁ ସ୍କୁଲରେ ନ ଛାଡ଼ି ୨୫ କିଲୋମିଟର ଦୂର ଜଙ୍ଗଲ ନିକଟକୁ ନେଇ ବିଷ ପିଆଇ ଦେଇଥିଲେ ବାପା। ଛଟପଟ ହେଉଥିବା ୨ ପିଲାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଖବରପାଇ ଉଦ୍ଧାର ପାଇଁ ଆସିଥିବା ପୋଲିସକୁ କାମୁଡ଼ି ଖଣ୍ଡିଆଖାବରା କରିଥିଲେ ଅଭିଯୁକ୍ତ ବାପା। ଅନୁଗୋଳ ବ୍ଲକ ବଡ଼କନ୍ତକୁଳ ପଞ୍ଚାୟତ ନୂଆକ୍ଷେତା ଫରେଷ୍ଟ ଚେକ୍‌ଗେଟ୍ ନିକଟରେ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଘଟିଥିବା ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ଜରପଡ଼ା ଥାନା ତୁବେ ଗ୍ରାମ କୁମ୍ଭାରସାହିର ☞ପୃଷ୍ଠା-୪

# ଦୋମୁହାଁ ଖେଳରେ ବିଜେଡି ଆଗୁଆ

- ଅନାସ୍ଥା ନୋଟିସ ପାଇଛି, ଗୃହରେ ଆଗତକରିବା ଭଳି ସ୍ୱାଭାବିକ ସ୍ଥିତି ନାହିଁ: ବାଚସ୍ପତି
- କଂଗ୍ରେସର ୫ ସଦସ୍ୟଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ
- ସାର ପ୍ରସଙ୍ଗରେ ବିଜେଡିର ହୋହଲ୍ଲା, ୯ ମିନିଟ୍ ଚାଲିଲା ଗୃହ କାର୍ଯ୍ୟ

ଭୁବନେଶ୍ୱର, ୧୯।୯ (ସୁନିତ୍ ମିଶ୍ର)



କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ଅନ୍ୟମାନଙ୍କ ପକ୍ଷରୁ ଅଣାଯାଇଥିବା ଅନାସ୍ଥା ସମ୍ପର୍କିତ ନୋଟିସ ପାଇଛି। ହେଲେ ଗୃହ ବର୍ତ୍ତମାନ ସ୍ୱାଭାବିକ ସ୍ଥିତିରେ ନାହିଁ। ଯେପର୍ଯ୍ୟନ୍ତ ଗୃହ ସ୍ୱାଭାବିକ ସ୍ଥିତିକୁ ନ ଫେରିଛି ଏହା ପୂର୍ବରୁ ଅନାସ୍ଥା ନୋଟିସ ଗୃହରେ ଆଗତକରିବା ସମ୍ଭବ ନୁହେଁ ବୋଲି ବାଚସ୍ପତି ସୁରମା ପାଢ଼ୀ ସୂଚନା ଦେଇଛନ୍ତି। ଶୁକ୍ରବାର ଦ୍ୱିତୀୟାର୍ଦ୍ଧରେ ବିଧାନସଭା କାର୍ଯ୍ୟ ଅପରାହ୍ନ ୪ଟା ସମୟରେ ଆରମ୍ଭ ହେବା କ୍ଷଣି ବିରୋଧୀ ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସାର ପ୍ରସଙ୍ଗ ଉଠାଇ ହୋହଲ୍ଲା ଆରମ୍ଭ କରିଦେଇଥିଲେ। ବିଜେଡି ସଦସ୍ୟମାନେ ସରକାର ବିରୋଧୀ ନାରାରେ ଗୃହ ଚଳାଇଦେଇ ନ ଥିଲେ। ଏହି ସମୟରେ ବାଚସ୍ପତି ବିରୋଧୀ ସଦସ୍ୟମାନଙ୍କୁ ନିଜ ସ୍ଥାନକୁ ଯିବା ପାଇଁ ନିର୍ଦ୍ଦେଶ ଦେବାପରେ ଅନାସ୍ଥା ସମ୍ପର୍କିତ ସୂଚନା ଦେଇ ୪ଟା ୫ମିନିଟ୍‌ରେ ଗୃହ କାର୍ଯ୍ୟକୁ ଶନିବାର ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ସେହିପରି ପ୍ରଥମାର୍ଦ୍ଧରେ ମଧ୍ୟ ଗୃହରେ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ହିଁ ବିରୋଧୀ ବିଜେଡିର ସଦସ୍ୟମାନେ ହାତରେ ପ୍ଲାକାର୍ଡ, ବ୍ୟାନର ଧରି ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା ଏବଂ ସରକାର ବିରୋଧୀ ନାରାରେ ଦେଇ କମ୍ପାଇଥିଲେ। ଫଳରେ ଗୃହ ୪ମିନିଟ୍ ଚାଲିବା ପରେ ବାଚସ୍ପତି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକାର୍ଯ୍ୟ ମୁଲତବୀ ଘୋଷଣା କରିଥିଲେ। ଏହିପରି ଦିନକ ଭିତରେ ମୋଟ୍ ୯ ମିନିଟ୍ ପାଇଁ ଗୃହକାର୍ଯ୍ୟ ଚାଲିଥିଲା। ଗୋଟିଏ ପଟେ କଂଗ୍ରେସର ଅନାସ୍ଥା ପ୍ରସ୍ତାବକୁ ବିଜେଡି ସମର୍ଥନ ଦେବ ନା ନାହିଁ ସ୍ପଷ୍ଟ କରୁ ନ ଥିବାବେଳେ ଗୃହକୁ ଚଳାଇ ନ ଦେବାକୁ ଉଦ୍ୟମ କରିବାରେ ଲାଗିଛି। ତେଣୁ ଦୋମୁହାଁ ଖେଳରେ ବିଜେଡି ଆଗୁଆ ବୋଲି ତାଙ୍କ ଦଳର ଅନେକ ସଦସ୍ୟ ଏବେ କହିବା ଆରମ୍ଭ କରିଦେଲେଣି ବୋଲି ଚର୍ଚ୍ଚା ଜୋର୍ ଧରିଛି।

ସୂଚନାଯୋଗ୍ୟ, ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ପ୍ରସଙ୍ଗ, ସାର ସମସ୍ୟା, ବେକାରି ପ୍ରସଙ୍ଗ ଆଦିକୁ ନେଇ ସରକାର ବିରୋଧରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଗତ କରିଛି। ଯଦି ଗୃହରେ ଅନାସ୍ଥା ନୋଟିସ ଆସେ ତେବେ ଏହା ଉପରେ ବ୍ୟାପକ ଆଲୋଚନା ହେବ। ଏହି ଆଲୋଚନା ସମୟରେ ବିଜେଡି ନିଜର ସାର ସମସ୍ୟା ନେଇ ଗୃହରେ ଯୁକ୍ତି ରଖିପାରେ। ହେଲେ ବିଜେଡି ବର୍ତ୍ତମାନ ସରକାରଙ୍କୁ ଘେରିବା ପରିବର୍ତ୍ତେ କଂଗ୍ରେସଠାରୁ ଶକ୍ତିଶାଳୀ ବୋଲି ପ୍ରମାଣ କରିବାକୁ ପ୍ରତିଯୋଗିତା ଆରମ୍ଭ କରିଦେଇଛି। ବିଜେଡି ଗୃହରେ ହୋହଲ୍ଲାକରି ଗୃହ ଚଲାଇ ଦେବନାହିଁ ବୋଲି ଯେଉଁ ଯୋଜନା କରିଛି ଏଥିରେ ସରକାରୀ ଦଳକୁ ଲାଭ ମିଳିଛି। କାରଣ ବିରୋଧୀଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଚାଲିଲେ ରାଜ୍ୟର ଯେଉଁ ଅନେକ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

ଖବରରେ ଖେଡ୍‌କର

## ଆଜିର ମନ୍ତବ୍ୟ

"ସଂଘର୍ଷ କିପରି ଆରମ୍ଭ ଓ ତୁରନ୍ତ ଶେଷ କରାଯାଏ, ତାହା ଅନ୍ୟ ଦେଶଗୁଡ଼ିକ ଭାରତଠାରୁ ଶିଖିବା ଉଚିତ।

-ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ, ବାୟୁସେନା ମୁଖ୍ୟ




# 'ୟା ଅଲି' ଗାୟକ ଜୁବୀନ ଗର୍ଗଙ୍କ ପରଲୋକ



ଗୁଆହାଟୀ/ସିଙ୍ଗାପୁର, ୧୯।୯

ସିଙ୍ଗାପୁରରେ ସ୍କୁବା ଡାଇଭିଂ କରୁଥିବା ବେଳେ ଦୁର୍ଘଟଣା ଘଟି ଆସାମର ପ୍ରସିଦ୍ଧ ଗାୟକ ଜୁବୀନ ଗର୍ଗ (୫୨)ଙ୍କର ମୃତ୍ୟୁ ହୋଇଯାଇଛି। ଶୁକ୍ରବାର ଦୁର୍ଘଟଣା ପରେ ସିଙ୍ଗାପୁର ପୋଲିସ ଦ୍ୱାରା ଜୁବୀନଙ୍କୁ ସମୁଦ୍ରରୁ ବାହାର କରାଯାଇ ନିକଟସ୍ଥ ☞ପୃଷ୍ଠା-୪

# ୪,୭୩୯ କୋଟିର ନିବେଶକୁ ମୋହର

## ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି କମିଟି ବୈଠକ

### ୨୫,୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ

ଭୁବନେଶ୍ୱର,୧୯।୯ (ରବିନାରାୟଣ ଜେନା)

ରାଜ୍ୟ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି। ଶିଳ୍ପ ହିଁ ରାଜ୍ୟର ସମୃଦ୍ଧିରେ ବିଶେଷ ସହାୟକ ହୋଇପାରିବ। ଏହି ଲକ୍ଷ୍ୟ ନେଇ ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଡବ୍ଲୁସିଏ)ର ୧୪୦ତମ ବୈଠକରେ ୪,୭୩୯ କୋଟି ଟଙ୍କାର ୨୫ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଖୋର୍ଦ୍ଧା, ଯାଜପୁର, କଟକ, ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, ମୟୂରଭଞ୍ଜ, ଅନୁଗୋଳ ଓ ଗଜପତି ଜିଲାରେ ୨୫,୨୦୦ଟି ନୂତନ ନିଯୁକ୍ତି ସୃଷ୍ଟି ହେବ ବୋଲି ବୈଠକରୁ ଜଣାଯାଇଛି।

ଓଡ଼ିଶାର ଗତିଶୀଳ ଶାସନ, ରଣନୈତିକ ଦୃଷ୍ଟିଭଙ୍ଗୀ ଓ ସୁଦୃଢ଼ ନୀତିଗତ ଢାଞ୍ଚା, ବ୍ୟବସାୟ କରିବା ପାଇଁ ସୁବିଧାଜନକ ପରିବେଶକୁ ପ୍ରୋତ୍ସାହିତ କରୁଛି। ଫଳରେ ଓଡ଼ିଶା ଭାରତର ପସନ୍ଦଯୋଗ୍ୟ ନିବେଶ ସ୍ଥଳ ଭାବେ ଦ୍ରୁତ ପ୍ରତୀୟମାନ ହେଉଛି। ଏଥିପାଇଁ ଶୁକ୍ରବାର ୧୩ଟି କ୍ଷେତ୍ରରେ ନିବେଶ ସୁଯୋଗ ସୃଷ୍ଟି ହୋଇଛି ବୋଲି ବୈଠକରୁ ଜଣାଯାଇଛି। ପ୍ରମୁଖ ପ୍ରକଳ୍ପ ମଧ୍ୟରେ ସୂଚନା ପ୍ରଯୁକ୍ତି ତଥା ଆଇଟି ସକ୍ଷମ ସେବା କ୍ଷେତ୍ରରେ ଲିନ୍‌ଡେ ଇଣ୍ଡିଆ ଲିମିଟେଡ୍ ଖୋର୍ଦ୍ଧାରେ ପରିବହନ ଏବଂ ଦୂରରୁ ପରିଚାଳନା(ରିମୋଟ ଅପରେଶନ) ପାଇଁ ଏକ ବୈଶ୍ୱିକ କୌଶଳ କେନ୍ଦ୍ର ସ୍ଥାପନ କରିବ। ଏଥିପାଇଁ ୮୨ କୋଟି ଟଙ୍କା ନିବେଶ ହେବା ସହିତ ୨୧୦ ନିଯୁକ୍ତି ସୃଷ୍ଟି ହେବ। ଏହି କମ୍ପାନୀ ମଧ୍ୟ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଯାଜପୁରରେ ଟାଟା ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପାଇଁ ପାଇପଲାଇନ୍ କ୍ଲଷ୍ଟର ପ୍ରକଳ୍ପ ସ୍ଥାପନ କରିବ। ଏଥିରେ ୧୦୫.୭୦ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରୁ ୩୫ଟି ନିଯୁକ୍ତି ସୃଷ୍ଟି ହେବ। ☞ପୃଷ୍ଠା-୪

# ଗୁପ୍‌ଚୁପ୍ ପାଇଁ ରାସ୍ତାରେ ଧାରଣା

ଭଦୋଦରା, ୧୯।୯



ଗୁଜରାଟର ଭଦୋଦରାର ସୁରସାଗର ଅଞ୍ଚଳରେ ଶୁକ୍ରବାର ଜଣେ ମହିଳା ରାସ୍ତା କଡ଼ରେ ଥିବା ଏକ ଗୁପ୍‌ଚୁପ୍ ଷ୍ଟଲରେ ଗୁପ୍‌ଚୁପ୍ ଖାଉଥିଲେ। ତେବେ ଗୁପ୍‌ଚୁପ୍ ବିକାଳି ଜଣକ ତାଙ୍କୁ ୨୦ ଟଙ୍କାରେ ୬ଟି ବଦଳରେ ମାତ୍ର ୪ଟି ଗୁପ୍‌ଚୁପ୍ ଖାଇବାକୁ ଦେଇଥିଲେ। ଘଟଣାକୁ ନେଇ ଗୁପ୍‌ଚୁପ୍ ବିକାଳିଙ୍କ ସହ ମହିଳାଙ୍କର ଯୁକ୍ତିତର୍କ ହୋଇଥିଲା। ମହିଳାଙ୍କୁ ୪ରୁ ଅଧିକ ଗୁପ୍‌ଚୁପ୍ ଦେବାକୁ ବିକାଳି ଜଣକ ସିଧାସଳଖ ମନା କରିଦେଇଥିଲେ। ଫଳରେ ସେ ରାଗରେ କାନ୍ଦି କାନ୍ଦି ରାସ୍ତାରେ ଧାରଣାରେ ବସିଥିଲେ। ମହିଳା ଜଣକ ରାସ୍ତା ମଝିରେ ଧାରଣା ଦେବା ସହ କାନ୍ଦି କାନ୍ଦି କହିଥିଲେ, ଗୁପ୍‌ଚୁପ୍ ବିକାଳି ଜଣକ ଚାଲାକୀ କରୁଛନ୍ତି। ସେ ଅନ୍ୟ ସମସ୍ତଙ୍କୁ ୨୦ ଟଙ୍କାରେ ୬ଟି ଗୁପ୍‌ଚୁପ୍ ଦେଉଥିବା ବେଳେ ତାଙ୍କୁ ମାତ୍ର ୪ଟି ଗୁପ୍‌ଚୁପ୍ ଦେଇ ଠକିଦେଲେ। ସେ ସବୁବେଳେ ୨୦ ଟଙ୍କାରେ ୬ଟି ଗୁପ୍‌ଚୁପ୍ ଖାଉଥିବାବେଳେ ଏବେ ତାଙ୍କ ସହ ଅନ୍ୟାୟ ହୋଇଥିବା ସେ କହିଥିଲେ। ଗୁପ୍‌ଚୁପ୍ ବିକାଳି ଜଣକ ତାଙ୍କୁ ଆଉ ୨ଟି ଗୁପ୍‌ଚୁପ୍ ଖାଇବାକୁ ଦିଅନ୍ତୁ, ନଚେତ ତାଙ୍କ ଠେଲା ଦୋକାନକୁ ବନ୍ଦ କରାଯାଉ ବୋଲି ସେ ଦାବି କରିଥିଲେ। ମହିଳା ଜଣକ ରାସ୍ତା ମଝିରେ ବସି ଧାରଣା ଦେଉଥିବାରୁ ସେଠାରେ ଟ୍ରାଫିକ୍ ଜାମ୍ ସ୍ଥିତି ସୃଷ୍ଟି ହୋଇଥିଲା। ରାସ୍ତାରେ ଯାଉଥିବା ଲୋକମାନେ ମହିଳାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ। ଲୋକଙ୍କଠାରୁ ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିଥିଲା। ଅନେକ ସମୟ ଧରି ବୁଝାଶୁଝା କରିବା ପରେ ପୋଲିସ ମହିଳାଙ୍କୁ ଥାନାକୁ ନେଇ ☞ପୃଷ୍ଠା-୪





A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in

# ୨୭ରେ ରଙ୍ଗେଇଲୁଣ୍ଡା ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୯।୯ (ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ବ୍ରହ୍ମପୁରର ରଙ୍ଗେଇଲୁଣ୍ଡାଠାରେ ହେବାକୁ ଥିବା 'ସେବା ପର୍ବ' କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ଜଣାପଡ଼ିଛି, ପ୍ରଧାନମନ୍ତ୍ରୀ ସେହିଦିନ ପୂର୍ବାହ୍ନ ୧୧ଟାରେ ବ୍ରହ୍ମପୁରଠାରେ ଜାତୀୟ ସ୍ତରୀୟ 'ସେବା ପର୍ବ' କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ଜନହିତକର ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ଅନେକ ନୂତନ କାର୍ଯ୍ୟକ୍ରମ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଓ କାର୍ଯ୍ୟକ୍ରମର ସଫଳ ଆୟୋଜନ ସମେତ ଏହାକୁ ସୁଚାରୁଭାବେ ସମ୍ପାଦନ କରିବା, ଏଥିନିମନ୍ତେ ସୁରକ୍ଷା ବ୍ୟବସ୍ଥା, ଜନସାଧାରଣଙ୍କ ସହଭାଗିତା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ସଚିବ ଓ ଅଧିକାରୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଯାତ୍ରାପଥ, ଆଗମନ-ବିଦାୟ ବ୍ୟବସ୍ଥା, ସୁରକ୍ଷା ବଳଙ୍କ ନିୟୋଜନ, ସଭାସ୍ଥଳର ପ୍ରସ୍ତୁତି, ସ୍ୱାସ୍ଥ୍ୟ, ପୋଲିସ, ପାଣି,ବିଦ୍ୟୁତ୍ ଓ ସ୍ଥାନୀୟ ପ୍ରଶାସନ ସମେତ ସମସ୍ତ ବିଭାଗକୁ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନକରି ସ୍ମରଣୀୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।




# ଛେଳି ଚରାଇବା ବେଳେ ମହିଳାଙ୍କୁ ଟାଣିନେଲା ବଉଳା କୁମ୍ଭୀର

ମହାକାଳପଡ଼ା,୧୯।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତ ୮ ନମ୍ବର ୱାର୍ଡ ଗୋବରୀ ନଦୀ ମାଉଥ୍ ଶାଖା ନାଳରେ ଥିବା ଏକ ୨୦ ଫୁଟ୍‌ର ବଉଳା କୁମ୍ଭୀର ଶୁକ୍ରବାର ଜଣେ ମହିଳାଙ୍କୁ ଟାଣି ନେଇଯାଇଛି। ନିଖୋଜ ମହିଳା ହେଲେ ବେଣାକନ୍ଧା ଘୋଲାପଡ଼ାର ଲକ୍ଷ୍ମୀ ଦଳାଇ(୪୦)। ସେ ନଦୀ ପାଖରେ ଛେଳି ଚରାଉଥିବା ବେଳେ ହଠାତ୍ ଏକ ବଉଳା କୁମ୍ଭୀର କଣ୍ଟାବାଡ଼ ଖୁଣ୍ଟ ଡେଇଁ ତାଙ୍କୁ ନଦୀ ଭିତରକୁ ଟାଣି ନେଇଯାଇଥିଲା। କୁମ୍ଭୀରଟି ଟାଣିନେଲା ବେଳେ ତାଙ୍କ ଶାଢ଼ି କାନି କଣ୍ଟାବାଡ଼ରେ ଲାଗି ଚିରିଥିବା ଦେଖିବାକୁ ମିଳିଛି। ନିକଟରେ ଥିବା ଅନ୍ୟଜଣେ ମହିଳା ଲକ୍ଷ୍ମୀ ଜେନା ତାଙ୍କ ଚିତ୍କାର ଶୁଣି ଭୟଭୀତ ହୋଇଯାଇଥିଲେ। ପରେ ସେ ଗ୍ରାମବାସୀଙ୍କୁ ଖବର ଦେବା ସହ ବନ ବିଭାଗକୁ ଜଣାଇଥିଲେ। ସ୍ଥାନୀୟ ଅଞ୍ଚଳର ଲୋକେ ଡଙ୍ଗା ଦ୍ୱାରା ଖୋଜାଖୋଜି ଆରମ୍ଭ କରିଥିଲେ ମଧ୍ୟ ସନ୍ଧ୍ୟାସୁଦ୍ଧା ନିଖୋଜ ମହିଳାଙ୍କର କୌଣସି ପତ୍ତା ମିଳିନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ବନ ବିଭାଗ, ତନ୍ତିଆପାଳ ପୋଲିସ, ମତ୍ସ୍ୟଜୀବୀ, ରାଜସ୍ୱ କର୍ମଚାରୀ, ମହାକାଳପଡ଼ା ଅଗ୍ନିଶମ ବାହିନୀ କର୍ମଚାରୀମାନେ ନଦୀରେ ବୋଟ୍ ଯୋଗେ ଖୋଜାଖୋଜି କରୁଥିଲେ ମଧ୍ୟ କୌଣସି ସନ୍ଧାନ ମିଳିନାହିଁ। ଖବରପାଇ ସୁନିତି ସରପଞ୍ଚ ଭଗବତୀ ମଣ୍ଡଳ, ପୂର୍ବତନ ସରପଞ୍ଚ ମନୋଜ ପାତ୍ର, ଗଗନ କୁମାର ପ୍ରଧାନ, ଭାଜପା ସଂଯୋଜକ ସରୋଜ କାନ୍ତ ସାହୁ, ଗଗୁଆ ରାଜସ୍ୱ ନିରୀକ୍ଷକ ଦେବେନ୍ଦ୍ର କୁମାର ସାହୁ, ତନ୍ତିଆପାଳ ଥାନା ଅଧିକାରୀ କିଶୋର କୁମାର ତରାଇ ଓ ଜମ୍ବୁ ରେଞ୍ଜ ଅଧିକାରୀ ଶାନ୍ତନୁ କୁମାର ଦଳାଇଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

# ଆରିୟା ପ୍ଲାଣ୍ଟ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ବଡ଼ବିଲ, ୧୯।୯(ଜୟନ୍ତୀ ରଣା): କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ ମାତକାମବେଡ଼ାସ୍ଥିତ ଆରିୟା ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀ କାରଖାନାରେ ଜଣେ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ବଲାଣି ଥାନା ଶାନ୍ତି ନଗରର ଆଜାଦ ସାହୁ(୫୪)। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଆଜାଦ ସନ୍ଧ୍ୟା ୫ଟାରେ କାରଖାନାର ଇଲେକ୍ଟ୍ରିକାଲ ବିଭାଗରେ ଡ୍ୟୁଟି କରୁଥିବାବେଳେ ଟଳି ପଡ଼ିଥିଲେ। ସହକର୍ମୀମାନେ ତାଙ୍କୁ ତୁରନ୍ତ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଆଜାଦଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ଦେଖିବାକୁ ଆସିଥିବା ଆଜାଦଙ୍କ ଆତ୍ମୀୟସ୍ୱଜନ ଓ ପରିଚିତ ଲୋକେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର କମ୍ପାନୀ କର୍ତ୍ତୃପକ୍ଷ ଆସି ନ ଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବଲାଣି ପୋଲିସ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା।

# ସ୍ତ୍ରୀଙ୍କ ମୁଣ୍ଡ କାଟିଲେ ସ୍ୱାମୀ

## ପରକୀୟା ପ୍ରୀତି ସନ୍ଦେହ

ଜଳେଶ୍ୱର,୧୯।୯(ନବୀନ ସାହୁ)

ଚରିତ୍ରରେ ସନ୍ଦେହ, ପାରିବାରିକ କଳହ, ଜମି ବିବାଦ, ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଘରୋଇ ହିଂସା ବଢ଼ିଚାଲିଛି। ବିଶେଷକରି ପରିକୀୟା ପ୍ରୀତିକୁ ନେଇ କେଉଁଠି ସ୍ତ୍ରୀଙ୍କ ଜୀବନ ନେଉଛନ୍ତି ସ୍ୱାମୀ ତ କେଉଁଠି ଏହାର ଓଲଟା ସ୍ଥିତି ଘଟୁଛି। ବାଲେଶ୍ୱର ଜିଲାରେ ଗୋଟିଏ ଦିନରେ ୨ଟି ବଡ଼ ପାରିବାରିକ ହିଂସା ଘଟିଛି। ଗୁରୁବାର ଅପରାହ୍ନରେ ବାଲେଶ୍ୱର ଟାଉନ ଥାନା ଅଞ୍ଚଳରେ ସ୍ତ୍ରୀ ପିଙ୍କି ଖାତୁନଙ୍କ ବେକକୁ ସ୍ୱାମୀ ମହମ୍ମଦ ଅମଜାଦ (୫୨) ଛୁରିରେ କାଟି ହତ୍ୟା ଉଦ୍ୟମ କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ପିଙ୍କି କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସ୍ୱାମୀଙ୍କ କଥାରେ ସ୍ତ୍ରୀ ଅରାଜି ହେବାରୁ ଏଭଳି ଘଟଣା ଘଟିଥିଲା। ସେଭଳି ଆଉ ଏକ ଜଘନ୍ୟ କାଣ୍ଡ ଘଟିଛି ଗୁରୁବାର ରାତିରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳରେ। ପରକୀୟା ପ୍ରୀତି ସନ୍ଦେହରେ ସ୍ୱାମୀ ସାଜିଥିଲେ ସଇତାନ। ସ୍ତ୍ରୀ ଶୋଇଥିବା ଅବସ୍ଥାରେ ଏକ ଧାରୁଆ ଅସ୍ତ୍ରରେ ହାଣି ତାଙ୍କ ଗଣ୍ଡି ମୁଣ୍ଡ ଅଲଗା କରିଦେଇଛନ୍ତି।



ଜଳେଶ୍ୱର ରାଇବଣିଆ ଅଞ୍ଚଳର ଚାକୁଆପାଳ ଗ୍ରାମରେ ମହିଳାଙ୍କୁ ହତ୍ୟା କରାଯାଇଥିବା ଘରେ ଦେଖଣାହାରିଙ୍କ ଭିଡ଼।

ସୂଚନା ଅନୁସାରେ ରାଇବଣିଆ ଥାନା କାଳିକ ପଞ୍ଚାୟତ ଚାକୁଆପାଳ ଗ୍ରାମର ଚନ୍ଦ୍ରମୋହନ ପାତ୍ର (୫୦)ଙ୍କ ସ୍ତ୍ରୀ ଜୟନ୍ତୀ (୪୦) ତାମିଲନାଡୁରେ ପୁଅ ସହିତ ରହି ଏକ କମ୍ପାନୀରେ କାମ କରୁଥିଲେ। ୪ ଦିନ ପୂର୍ବରୁ ଜୟନ୍ତୀ ଗାଁକୁ ଫେରିଥିଲେ। ପରକୀୟା ପ୍ରୀତି ସନ୍ଦେହରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପୂର୍ବରୁ କଳହ ଲାଗିରହିଥିଲା। ଗୁରୁବାର ରାତିରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ବିଳମ୍ବିତ ରାତିରେ ଜୟନ୍ତୀ ଘରେ ଶୋଇଥିବା ଅବସ୍ଥାରେ ସ୍ୱାମୀ ଚନ୍ଦ୍ରମୋହନ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟି ହତ୍ୟା କରିଥିଲେ। ବିଭତ୍ସ ହତ୍ୟାକାଣ୍ଡ ଘଟାଇ ଶୁକ୍ରବାର ସକାଳେ ଚନ୍ଦ୍ରମୋହନ ରାଇବଣିଆ ଥାନାରେ ଆତ୍ମସମର୍ପଣ କରିଥିଲେ। ଘଟଣାସ୍ଥଳରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା, ରାଇବଣିଆ ଥାନା ଅଧିକାରୀ ଲୋପାମୁଦ୍ରା ପଣ୍ଡା ୩ ଜଣିଆ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ. ୮୪/୨୫) ରୁଜୁ କରି ପୋଲିସ ମୃତଦେହ ଜବତ କରିଛି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ହତ୍ୟାକାଣ୍ଡ ସମ୍ପର୍କରେ ଅଧିକ ପଚରାଉଚରା ଜାରି ରଖିଛି। ଅପରପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅଭିଯୁକ୍ତ ଚନ୍ଦ୍ରମୋହନ ୧୦ ବର୍ଷ ତଳେ ନିଜ ବାପାଙ୍କୁ ହାଣି ହତ୍ୟା ଉଦ୍ୟମ କରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ତ୍ରୀନେତ୍ର କଳା କୁଞ୍ଜ, ଚୌଦ୍ୱାର ପକ୍ଷରୁ ୫ମ ପୁରସ୍କାର ଉତ୍ସବ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକ୍ ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ଶାନ୍ତିପୂର୍ଣ୍ଣ ଧର୍ମଘଟ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ଭୟର ୧୨ତମ ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ମେ' ଫେୟାର ଲାଗୁନ ଅର୍କିଡ଼ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଓଡ଼ିଶା ପକ୍ଷରୁ ବିଧାନସଭା ଗୃହ ଘେରାଉ, ସ୍ଥାନ: ଲୋୟର ପିଏମ୍‌ଜି, ବିଧାନସଭା ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- 'ବିଭାବନା'ର ରାଜ୍ୟସ୍ତରୀୟ ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୪ଟା।
- ପାଠକାର୍ପଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ମାସିକ ଆଲୋଚନାଚକ୍ର, ସ୍ଥାନ: କେଦାରଗୌରୀ ମାର୍ଗସ୍ଥିତ ପ୍ରତିଷ୍ଠାନ ପରିସର, ସମୟ: ସନ୍ଧ୍ୟା ୬ଟା।
- ୟୁନିକ୍ରାଫ୍ଟ ୨୦୨୫ (କଳା ପଦର୍ଶନ), ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଆମ୍ବିସନ କ୍ଲବ ପରିସର, ସମୟ: ସକାଳ ୯ଟା।
- ଶିକ୍ଷାବିତ୍ କୁସୁମ କୁମାରୀ ଖଟୁଆଙ୍କ ତୃତୀୟ ଶ୍ରାଦ୍ଧୋତ୍ସବରେ ସ୍ମୃତିଚାରଣ ସଭା, ସ୍ଥାନ: ସିନ୍ଧୁପୁର, ମାହାଙ୍ଗା, ସମୟ: ପୂର୍ବାହ୍ନ ୧୧ଟା।
- ଇମର୍ତ୍ତି ଦେବୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳନ, ସ୍ଥାନ: ମହାବିଦ୍ୟାଳୟ ପରିସର, ନୟାସଡ଼କ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ତୃତୀୟ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ଅଧିବକ୍ତା ପରିଷଦ ଓଡ଼ିଶା ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ରାଷ୍ଟ୍ରୀୟ ହିନ୍ଦୀ ଦିବସ ସମାରୋହ, ସ୍ଥାନ: ମିଶନ ଗାର୍ଲସ ହାଇସ୍କୁଲ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା

## ଭଦ୍ରକ

- ସ୍ୱଚ୍ଛତା ଅଭିଯାନ, ସ୍ଥାନ: ଗଣିଜାଙ୍ଗ, ବନ୍ତ, ସମୟ: ସକାଳ ୮ଟା।
- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃରାଷ୍ଟ୍ରୀୟ ତଟ ସୁରକ୍ଷା ଦିବସ ପାଳନ, ସ୍ଥାନ: ଚୂଡ଼ାମଣି, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ଭକ୍ତଙ୍କ ମାନସିକ ମେଳା ଏବଂ ପୂଜା, ସ୍ଥାନ : ମୋଟରାଗଡିଆ, ହାଟଡ଼ିହୀ, ସମୟ : ସକାଳ ୭ ଟା ଏବଂ ସନ୍ଧ୍ୟା ୬ଟା।
- ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନ: ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ, ସମୟ: ସକାଳ ୯ଟା।
- ସ୍ୱଚ୍ଛତା ସମ୍ପର୍କିତ ଏକ ଦିବସୀୟ ତାଲିମ ଶିବିର, ସ୍ଥାନ : ହାଟଡ଼ିହୀ ବ୍ଲକ୍, ସମୟ : ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ଜିଲାସ୍ତରୀୟ ଯୋଗ ପ୍ରତିଯୋଗିତା କାର୍ଯ୍ୟକ୍ରମ,ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର ଉପ୍ରା ବିଦ୍ୟାଳୟ,ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡଲୁମ୍ ପ୍ରଦର୍ଶନ ମେଳା,ସ୍ଥାନ: ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଅନ୍ତର୍ଜାତୀୟ ସମୁଦ୍ରତଟ ସଫେଇ ଦିବସ, ସ୍ଥାନ: ଗୋପାଳପୁର ବେଳାଭୂମି,ସମୟ: ସକାଳ ୮ଟା।

## ଗଞ୍ଜାମ

- ମହିଳା ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନ: ଛତ୍ରପୁରସ୍ଥିତ ପୁରୁଣା ଏସ୍‌ପି ଅଫିସ,ସମୟ : ସକାଳ ୮ଟା।
- ଅନ୍ତର୍ଜାତୀୟ କୋଷ୍ଟାଲ ସଫେଇ ଦିବସ, ସ୍ଥାନ: ଛତ୍ରପୁର ରଷିକୂଲ୍ୟା ମୁହାଣ, ସମୟ: ସକାଳ ୯ଟା।

## କନ୍ଧମାଳ

- ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ।

## ଢେଙ୍କାନାଳ

- ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ, ସ୍ଥାନ: ସଦଭାବନା ହଲ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଜଗତ୍‌ସିଂହପୁର

- ଆନ୍ତର୍ଜାତିକ କୋଷ୍ଟାଲ କ୍ଲିନ ଅପ୍ ଡେ ଉପଲକ୍ଷେ ପାରାଦୀପ ପୌରପରିଷଦ ପକ୍ଷରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ପାରାଦୀପ, ସମୟ: ସକାଳ ୬ଟା।
- ସ୍ୱରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର ପାଖ ବେଳାଭୂମି, ପାରାଦୀପ, ସମୟ: ସକାଳ ୭ଟା।
- ପାରାଦୀପ ଟ୍ରକ୍ ମାଲିକସଂଘ ପୂଜା ତୋରଣ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡ଼ିଆ,ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବିକଶିତ ଭାରତ ୨୦୪୭ ଶୀର୍ଷକରେ ଜିଲା ପ୍ରଶାସନ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ:କେନ୍ଦ୍ରାପଡା ଟାଉନ ହାଇସ୍କୁଲ, ସମୟ:ସକାଳ ୯ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ନିକିରାଇ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

## ଯାଜପୁର

- ଏକଦିବସୀୟ ଚିତ୍ରକଳା ପ୍ରତିଯୋଗିତା ଓ ପ୍ରଦର୍ଶନୀ, ସ୍ଥାନ: ଯାଜପୁର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୯ଟା।

## ନୟାଗଡ଼

- ନାରାୟଣୀଙ୍କ ଷୋଡଶ ପୂଜାର ସପ୍ତମ ଦିବସ, ସ୍ଥାନ:ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା ।
- ସତ୍ୟ ସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ ସହ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ୯ଟା ୩୦।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରାରୋପଣ, ସ୍ଥାନ:ଇଟାମାଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।
- ଜବରଦଖଲ ଉଚ୍ଛେଦକୁ ନେଇ ସର୍ଭେ, ସ୍ଥାନ:ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ସେବା ପକ୍ଷର ଏକ ଦିବସୀୟ କର୍ମଶାଳା ସହ ପେଣ୍ଟିଂ ପ୍ରତିଯୋଗିତା, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ।
- ଭଲ ବିଦ୍ୟାର୍ଥୀ କିପରି ହେବା କାର୍ଯ୍ୟକ୍ରମ, ସ୍ଥାନ: କଣ୍ଟିଲୋ ନୀଳମାଧବ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ବିମଳାଙ୍କ ଷୋଡଶ ପୂଜାର ସପ୍ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।

## ନବରଙ୍ଗପୁର

- ଜୋନାଲସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ପାପଡ଼ାହାଣ୍ଡି, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଚିତ୍ରାଙ୍କନ କର୍ମଶାଳା, ସ୍ଥାନ: ଆରସିଡି ହାଇସ୍କୁଲ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ

- ଜାତୀୟ ଆଲୋଚନା ଚକ୍ର, ସ୍ଥାନ: ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ସ୍ୱାସ୍ଥ୍ୟ ମେଳା, ସ୍ଥାନ: ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଭାଜପାର ରକ୍ତଦାନ ଶିବିର, ସ୍ଥାନ: କାଲିମେଳା ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା ।
- ଜିଲା ପ୍ରଶାସନ ଆୟୋଜନରେ ଜିଲାସ୍ତରୀୟ ଚିତ୍ରକଳା କର୍ମଶାଳା ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ବଡବଜାର ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ: ସକାଳ ୯ଟା ।
- ସମ୍ବଲପୁରୀ ଭାଷାରେ ରାବଣ ବଧ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟା ।
- ସାମ୍ବିଧାନିକ ଅବିଚାର ମଞ୍ଚ ପକ୍ଷରୁ ଅସ୍ପୃଶ୍ୟତା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା ।

## ବଲାଙ୍ଗୀର

- ସର୍ବଭାରତୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ତୁଳସୀନଗର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା
- ବିଶ୍ୱକର୍ମା ପୂଜା ଉପଲକ୍ଷେ ଅର୍କେଷ୍ଟ୍ରା, ସ୍ଥାନ:ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଘ, ଠିକାଦାରପଡା ସମୟ: ସନ୍ଧ୍ୟା ୭ଟା

## ରାଉରକେଲା

- କ୍ଷେତ୍ରୀୟ ବନ ବିଭାଗୀୟ କ୍ରୀଡ଼ା ସମ୍ମିଳନୀ, ସ୍ଥାନ: ଆଥ୍‌ଲେଟିକ୍ ଷ୍ଟାଡିୟମ, ବିଶ୍ରା, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା କଲେଜରେ ସାହିତ୍ୟ ଆଲୋଚନା, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଚଲୋ ଜିତେ ହେଁ ଚଳଚ୍ଚିତ୍ର ପ୍ରଦର୍ଶନ, ସ୍ଥାନ: ପ୍ଲୁଟୋନ ମଲ୍, ସମୟ: ଅପରାହ୍ନ ୩ଟା।
- କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ସ୍ୱଚ୍ଛ ସାଥୀ ଓ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କୁ ନେଇ ସ୍ୱଚ୍ଛତା ହିଁ ସେବା ଓ ଶ୍ରମଦାନ ତାଲିମ ଶିବିର,ସ୍ଥାନ:କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ,ସମୟ: ସକାଳ ୧୦ଟା।
- ସ୍ୱଚ୍ଛସାଥିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର,ସ୍ଥାନ:କୁଆଁରମୁଣ୍ଡା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ଅପରାହ୍ନ ୨ଟା।
- ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ହକି ଓ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ,ସ୍ଥାନ: ଭବାନୀପୁର ଖେଳପଡିଆ,ସୁନ୍ଦରଗଡ,ସମୟ:ଅପରାହ୍ନ ୩ଟା।

## ବରଗଡ଼

- ସେବା ପକ୍ଷ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ଉଦ୍‌ଯାପନୀ ସମାରୋହ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି

- ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସଂଘ ପକ୍ଷରୁ ଜିଲା ଶିକ୍ଷାଅଧିକାରୀଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ନୂଆଖାଇ ଭେଟ୍‌ଘାଟ୍, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦର ସାଧାରଣ ପରେଡ଼ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ଯୁକ୍ତ ୨ ମହାବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ପୋଲିସ ରିଜର୍ଭ ପଡିଆ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁରେଶ୍ୱରୀଙ୍କ ପୀଠରେ ଚଣ୍ଡୀଯଜ୍ଞ ପାଇଁ ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ, ଅଷ୍ଟ ହନୁମାନ ଓ ଅଷ୍ଟବିଷ୍ଣୁଙ୍କୁ ନିମନ୍ତ୍ରଣ କାର୍ଯ୍ୟକ୍ରମ, ସ୍ଥାନ: ସୁରେଶ୍ୱରୀଙ୍କ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।
- ନବାହ୍ନ ପାରାୟଣର ତୃତୀୟ ଦିବସ, ସ୍ଥାନ: କର୍ଡାପାଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନଚକ୍ର, ସ୍ଥାନ: ପିତାମହୁଲ ହାଇସ୍କୁଲ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା
- ତରଭା ଶନି ମନ୍ଦିରଠାରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ରାଜ୍ୟସ୍ତରୀୟ ମାନିକପୁରୀ (ପେନିକା) ସମାଜ ଟଣିଆ ବଂଶର ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- କୁଲୁତା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଜେଲିନା ଏଣ୍ଟରପ୍ରାଇଜେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଏଣ୍ଟରପ୍ରାଇଜେସ କାର୍ଯ୍ୟାଳୟ ତେଲିପଡା ଛକ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଚତୁର୍ଥ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରବିଙ୍କ ଦୁର୍ବଳତା କାରଣରୁ ପିଲାଙ୍କ ଶିକ୍ଷା ସମ୍ପର୍କୀୟ ସମସ୍ୟା, ଅମୀମାଂସିତ ଆଲୋଚନା ଏବଂ ସମ୍ପର୍କହାନି ହେତୁ ଚିନ୍ତିତ ରହିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବନ୍ଧୁଙ୍କ ଗହଣରେ ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ଲାଗି ରହିବା ସହ ନିଜ କାମକୁ ଅବହେଳା କରି ପସ୍ତେଇବେ। ଚତୁର୍ଥଭାବ ପାପଗ୍ରହାକ୍ରାନ୍ତ କାରଣରୁ ନିଜର ଚତୁଃପାର୍ଶ୍ୱରୁ ଚାପର ସମ୍ମୁଖୀନ ହେବେ। ଖର୍ଚ୍ଚ ବୃଦ୍ଧି ଯୋଗୁ ବ୍ୟସ୍ତତା ବଢ଼ିଯାଇପାରେ । ଆନୁଷ୍ଠାନିକ କାର୍ଯ୍ୟକ୍ରମରେ କ୍ରୀଡ଼ା ତଥା ନୃତ୍ୟସଙ୍ଗୀତ ଦ୍ୱାରା ବେଶ୍ ଆଦୃତ ହେବେ।

**ମିଥୁନ** ଆଜିର ଗ୍ରହସ୍ଥିତି ପ୍ରଭାବରେ ନିର୍ଦ୍ଦିଷ୍ଟ ସମୟରେ କାମ ନ ହୋଇପାରିବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ଋଣଭାରରେ ଅତିଷ୍ଠ ହେବା ସାଙ୍ଗକୁ କରଜଦାତାଙ୍କ ଚାପ ବୃଦ୍ଧି ଦୁଶ୍ଚିନ୍ତାର କାରଣ ହେବ। ସହକର୍ମୀଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଦୂରଯାତ୍ରା ସହ ସବୁ କିଛିର ସମାଧାନ ଆପଣାଛାଏଁ ହୋଇଯିବ ।

**କର୍କଟ** ଷଷ୍ଠାଧିପ ଷଷ୍ଠ ସ୍ଥାନକୁ ଦୃଷ୍ଟି ଦେଉଥିବା ଯୋଗୁ ପରୋକ୍ଷ ଶତ୍ରୁତା ହେତୁ କର୍ମକ୍ଷେତ୍ରରେ ସମାଲୋଚିତ ହେବେ। ଯାତ୍ରା ସମୟରେ ବିଭିନ୍ନ ସମସ୍ୟାକୁ ଡାକି ଆଣି ପାରନ୍ତି। ବନ୍ଧୁଙ୍କ ସହାୟତାରେ ପରିବହନ, ବ୍ୟବସାୟ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହେବ। ଘରର ବରାଦ ଜିନିଷ ଭୁଲିଯିବେ ଓ ପରିବାରରେ ଏଥିପାଇଁ ଝଗଡ଼ା ଲାଗିବାର ସୂଚନା ରହିଛି।

**ସିଂହ** କର୍ମାଧିପତି ରାଶିରେ ଅବସ୍ଥାନ କରିଥିବାରୁ ନୂତନ କାମର ଯୋଜନା କରି ସଫଳତା ପାଇବେ। ବନ୍ଧୁଙ୍କ ସହ ଆଲୋଚନା,ଖେଳ,ମଉଜ ମଜଲିସ୍‌ରେ ସମୟ କଟାଇପାରନ୍ତି। ପରିବାରରେ ସବୁକଥାକୁ ସନ୍ଦେହ କଲେ କ୍ଷତିରେ ପଡ଼ିବେ। ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହୋଇପାରେ।

**କନ୍ୟା** ଗୁରୁକ୍ଷେତ୍ରସ୍ଥ ଶନିଙ୍କ ଯୋଗୁ ଏକ ଭିନ୍ନ ପରିସ୍ଥିତିରେ ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସହ ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧାରିନେବେ। ପାରିବାରିକ କ୍ଷେତ୍ରରେ ଅତୀତର ବିବାଦୀୟ ଘଟଣାରେ ଚିନ୍ତିତ ରହିବେ। ଆନୁଷ୍ଠାନିକ କାମରେ ବସ୍ତ୍ରଭୂଷଣ ଓ ଧାତୁ ଅଳଙ୍କାର ପ୍ରାପ୍ତି ହେବ।

**ତୁଳା** ଧନସପ୍ତମାଧିପତି ରାଶିରେ ଅବସ୍ଥାନ କରିଥିବାରୁ ଅର୍ଥସମ୍ବନ୍ଧୀୟ ଟେନ୍‌ସନ ଲାଗିରହିବ। ବିଭିନ୍ନ ଚିନ୍ତା ଉଙ୍କି ମାରିବ ସିନା କାର୍ଯ୍ୟତଃ କିଛିବି କରିପାରିବେ ନାହିଁ। ବ୍ୟୟ ଭାର କ୍ରମଶଃ କମି ଆସିବା ସହ ବ୍ୟବସାୟିକ କ୍ଷେତ୍ର ସନ୍ତୋଷଜନକ ରହିବ। ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା** କୋଣଭାବସ୍ଥ ତୃତୀୟାଧିପତିଙ୍କ ଯୋଗୁ ସମ୍ପର୍କୀୟଙ୍କ ଅନୁକୂଳ ମତ ଓ ମନ୍ତବ୍ୟ ମନକୁ ଆମୋଦିତ କରିବ। ପରିଜନଙ୍କ ସହିତ ଦୂରଯାତ୍ରା କରିବା ସକାଶେ ଯୋଜନା କରିପାରନ୍ତି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ। ଚନ୍ଦ୍ର ଯୁକ୍ତ କେତୁ ପ୍ରଭାବରୁ ଅନ୍ୟମନସ୍କତା କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ।

**ଧନୁ** ଆଜି ଚନ୍ଦ୍ରଙ୍କ ଏକାଦଶସ୍ଥ ଗୁରୁଙ୍କ ଯୋଗୁ କାର୍ଯ୍ୟ ସମ୍ପନ୍ନ କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ସକାଳୁ ସକାଳୁ ଯାତ୍ରା, ବନ୍ଧୁ ମିଳନ, ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ। ଆତ୍ମୀୟସ୍ୱଜନଙ୍କ ଦ୍ୱାରା ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇପାରନ୍ତି।

**ମକର** ଗ୍ରହମାନଙ୍କ ପ୍ରତିକୂଳ ସ୍ଥିତି ପ୍ରଭାବରୁ ପାରିବାରିକ ସମସ୍ୟା ଉତ୍କଟ ରୂପ ଧାରଣ କରିପାରେ। ସଭାସମିତି, ରାଜନୀତି, ଗବେଷଣା, କଳା, ସାହିତ୍ୟ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ଆଜିର ଫେରିବା ବାଟରେ ବନ୍ଧୁଙ୍କ ସହ ସାଧାରଣ ବଚସା ହୋଇପାରେ।

**କୁମ୍ଭ** କର୍ମକ୍ଷେତ୍ରର କୌଣସି ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିବେ। ରାହୁଙ୍କ କୁପ୍ରଭାବରୁ ପରିବାରରେ ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। କଳା, ସାହିତ୍ୟରେ ଉନ୍ନତି କରିବା ସହ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ମଧ୍ୟ ହେବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**ମୀନ** ରାଶିରେ ଶନିଙ୍କ ସ୍ଥିତି ଶାରୀରିକ ଏବଂ ମାନସିକ ସ୍ଥିତିକୁ ଶିଥିଳ କରିପାରେ। ଅନ୍ୟମାନଙ୍କ ସହଯୋଗ ଅଭାବରୁ କାର୍ଯ୍ୟହାନି ଜନିତ ମାନସିକ ଅସ୍ଥିରତା ଲାଗି ରହିବ। ସାମାଜିକ ସ୍ତରରେ ପ୍ରକୃତ ଘଟଣାକୁ ନ ବୁଝି କାମ କଲେ ଅସୁବିଧାରେ ପଡ଼ିବେ। ଅବଶ୍ୟ କର୍ମକ୍ଷେତ୍ର ପ୍ରତି ବୃହସ୍ପତିଙ୍କ ଦୃଷ୍ଟି ପଦାଧିକାରୀଙ୍କ ଅନୁକମ୍ପା ଲାଭରେ ସହାୟକ ହୋଇପାରିବ।

ଆଜି ସେପ୍ଟେମ୍ବର ୨୦ ତାରିଖ, ଆଶ୍ୱିନ କୃଷ୍ଣ ଚତୁର୍ଦ୍ଦଶୀ, ଶନିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ସକାଳ ଘ.୦୮।୦୬ ମି. ପର୍ଯ୍ୟନ୍ତ, ମଘା/ସିଂହ, ଚତର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୪ ଗତେ ଘ.୦୮।୩୯ ମଧ୍ୟେ, ଘ.୧୨।୦୪ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ୦୮।୩୯ ଗତେ ଘ.୧୦।୦୯ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୪,୭୩୯ କୋଟିର ...

ସେହିପରି ବସ୍ତ୍ର, ପୋଷାକ ଓ ପ୍ରାଯୁକ୍ତିକ ବସ୍ତ୍ର କ୍ଷେତ୍ରରେ କଲରଟୋନ୍ ଟେକ୍ସଟାଇଲ୍ସ ପ୍ରା.ଲି. ଖୋର୍ଦ୍ଧାରେ ୭୦୦.୨୯ କୋଟି ଟଙ୍କା ନିବେଶ କରି ସମନ୍ୱିତ ବସ୍ତ୍ର କେନ୍ଦ୍ର ସୁବିଧା ସ୍ଥାପନ କରିବ ; ଯଦ୍ୱାରା ୧,୦୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟେକ୍ନୋ ଆକ୍ଟିଭ ୱେୟାର୍ ପ୍ରା.ଲି. କଟକରେ କ୍ରୀଡ଼ା ପୋଷାକ ଫେବ୍ରିକ୍ ଓ ପୋଷାକ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରେ ୨,୫୦୦ଜଣଙ୍କୁ ନିଯୁକ୍ତି ମିଳିବ। ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲି. କେନ୍ଦୁଝର ଓ ସମ୍ବଲପୁରରେ ପୋଷାକ ୟୁନିଟ୍ ପାଇଁ ପ୍ରତ୍ୟେକରେ ୧୦୦ କୋଟି ଟଙ୍କା ନିବେଶ କରିବା ସହ ପ୍ରତ୍ୟେକରେ ୧,୨୦୦ କରି ମୋଟ ୨,୪୦୦ ନିଯୁକ୍ତି ସୃଷ୍ଟି କରିବ। ଏସ୍.ସି.ଏମ୍. ଗାର୍ମେଣ୍ଟ୍ସ ପ୍ରା.ଲି. କଟକରେ ଏକ ବୃହତ୍ ବୁଣା ପୋଷାକ ୟୁନିଟ୍ ପାଇଁ ୧୫୦ କୋଟି ଟଙ୍କା ନିବେଶ କରି ୪,୦୦୦ନିଯୁକ୍ତି ସୃଷ୍ଟି କରିବ। କାର୍ଲୁ ଟେକ୍ସ ପ୍ରା.ଲି. କଟକରେ ରେଡିମେଡ୍ ପୋଷାକ ୟୁନିଟ୍ ସ୍ଥାପନ ପାଇଁ ୬୦ କୋଟି ଟଙ୍କା ନିବେଶ କରିବ ଏବଂ ଏହାଦ୍ୱାରା ୨,୫୦୦ନିଯୁକ୍ତି ସୃଷ୍ଟି ହେବ। ପର୍ଫେକ୍ଟ ଇନ୍‌ଫ୍ରା ଭିଜନ୍ ପ୍ରା.ଲି. ବଲାଙ୍ଗୀରରେ ବସ୍ତ୍ର ଓ ଆନୁଷଙ୍ଗିକ ଉତ୍ପାଦ ୟୁନିଟ୍ ପାଇଁ ୧୧୦.୭୦ କୋଟି ଟଙ୍କା ବିନିଯୋଗ କରି ୧,୦୫୦ ନିଯୁକ୍ତି ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ୱାଭିନୋଭା ପ୍ରା.ଲି. କଟକରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୫୭.୫୩ କୋଟି ଟଙ୍କା ବିନିଯୋଗ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଏଥିରେ ୨୧୦ ଜଣ ନିଯୁକ୍ତି ପାଇପାରିବେ। ପିଉ ଫ୍ୟାଶନ ପ୍ରା.ଲି. ଖୋର୍ଦ୍ଧାରେ ପୋଷାକ ୟୁନିଟ୍ ପାଇଁ ୯୬.୯୯ କୋଟି ଟଙ୍କା ନିବେଶ କରି ୩,୭୦୦ଟି ନିଯୁକ୍ତି ଏବଂ ଅଦିତି ଲାଇଫ ଟାଇଲ୍ ପ୍ରା.ଲି. ଖୋର୍ଦ୍ଧାରେ ବୁଣା ବସ୍ତ୍ର ଓ ପୋଷାକ ୟୁନିଟ୍ ପାଇଁ ୨୦୯.୩୬ କୋଟି ଟଙ୍କା ନିବେଶ କରି ୧,୦୮୦ ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ ଏସ୍‌ୱାଇସିଇ ଇଣ୍ଡିଆ (ଓପିସି) ପ୍ରା.ଲି. ସମ୍ବଲପୁରରେ ୫-ତାରକା ବିଶିଷ୍ଟ ଆଡ଼ମ୍ବରପୂର୍ଣ୍ଣ ରିସୋର୍ଟ ପାଇଁ ୧୦୭.୪୨ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରେ ୧୫୦ ନିଯୁକ୍ତି ଦେବାକୁ ରହିଥିବାବେଳେ ଯାନ୍ତ୍ରିକ ଓ ବୈଦ୍ୟୁତିକ ଉପକରଣ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ରାହୀ ଟ୍ରାକ୍ ଟେକ୍ନୋଲୋଜିଜ୍ ପ୍ରା.ଲି. ଖୋର୍ଦ୍ଧାରେ ଭାରି ଇସ୍ପାତ କାଷ୍ଟିଂ ବ୍ୟବସ୍ଥା ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରିବ ଓ ୧୫୦ ଜଣଙ୍କୁ ନିଯୁକ୍ତି ଦେବ।

ସେହିପରି ଇସ୍ପାତ କ୍ଷେତ୍ରରେ କୋଣାର୍କ ଇସ୍ପାତ ଲି. ଝାରସୁଗୁଡ଼ାରେ ରୋଲିଂ ମିଲ୍, ପେଲେଟ୍ ପ୍ଲାଣ୍ଟ, ଡି.ଆର୍.ଆଇ., ବିଲେଟ୍ ପ୍ଲାଣ୍ଟ ଓ ସି.ପି.ପି. ସହିତ କାରଖାନା ବିସ୍ତାର ପାଇଁ ୯୯୦ କୋଟି ଟଙ୍କା ନିବେଶ କରି ୨,୦୦୦ଙ୍କୁ ନିଯୁକ୍ତି ଦେବାକୁ ରହିଥିବାବେଳେ ଧାତୁ ଆନୁଷଙ୍ଗିକ କ୍ଷେତ୍ରରେ ମାସ୍କଟ୍ ଇଲେକ୍ଟ୍ରୋମେକ୍ ପ୍ରା.ଲି. ମୟୂରଭଞ୍ଜରେ ୯୭.୭୬ କୋଟି ଟଙ୍କା ବିନିଯୋଗ କରି ୩୫୦ ନିଯୁକ୍ତି ସୃଷ୍ଟି କରିବ । ପୁନଃ ଚକ୍ରଣ ଅର୍ଥନୀତି(ସର୍କୁଲାର ଇକୋନୋମି) କ୍ଷେତ୍ରରେ ବିଇଆଇଏଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଲି. ଗଞ୍ଜାମରେ ଚିକିତ୍ସା, ସଂରକ୍ଷଣ ଓ ବର୍ଜ୍ୟ ଅପସାରଣ ସୁବିଧା ପାଇଁ ୨୦୦ କେଏଲ୍‌ଡି ଇଟିପି ପାଇଁ ୩୨୦.୭୦ କୋଟି ଟଙ୍କା ବିନିଯୋଗ କରିବ ଏବଂ ଏହାଦ୍ୱାରା ୧୪୫ ନିଯୁକ୍ତି ସୃଷ୍ଟି ହେବ । ପରିବହନ ଓ ସଞ୍ଚୟ କ୍ଷେତ୍ରରେ ସାଇଜାର୍ ଇଣ୍ଟରପ୍ରାଇଜ୍ ପ୍ରା.ଲି. ଅନୁଗୋଳରେ ଗୋଦାମ ଓ ଲଜିଷ୍ଟିକ୍ସ ପାର୍କ ପାଇଁ ୧୨୭.୮୬ କୋଟି ଟଙ୍କା ନିବେଶ କରି ୩୧୦ ନିଯୁକ୍ତି ସୃଷ୍ଟି କରିବ। ବିଦ୍ୟୁତ୍ ଓ ନବୀକରଣ ଯୋଗ୍ୟ ଊର୍ଜା କ୍ଷେତ୍ରରେ ପ୍ରୋଜିଲ୍ ଗ୍ରୀନ୍ ଏନର୍ଜି ଲି. ସୁବର୍ଣ୍ଣପୁରରେ ୬୯.୫ ମେଗାୱାଟ୍ ସୌର ପାର୍କ ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରି ୩୬୦ ନିଯୁକ୍ତି ସୃଷ୍ଟି, ଶୀତଳ ଭଣ୍ଡାର ଓ କୋଲ୍ଡ ଚେନ୍ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ପିପିଡି ଇସ୍ପାତ ପ୍ରା.ଲି. ଗଜପତିରେ ୨୦,୦୦୦ ମେଟ୍ରିକ୍ ଟନ ବିଶିଷ୍ଟ ଶୀତଳ ଭଣ୍ଡାର ୟୁନିଟ୍ ପାଇଁ ୫୧ କୋଟି ଟଙ୍କା ବିନିଯୋଗ ସହ ୧୨୦ଟି ନିଯୁକ୍ତି ସୃଷ୍ଟି, ରସାୟନ କ୍ଷେତ୍ରରେ ସିରିଅସ୍ ସ୍ପେଶିଆଲିଟି କେମିକାଲ୍ସ ପ୍ରା.ଲି. ଦ୍ୱାରା ଯାଜପୁରରେ କାର୍ବନ୍ ଇଲେକ୍ଟ୍ରୋଡ୍ ପେଷ୍ଟ ଉତ୍ପାଦନ କାରଖାନା ପାଇଁ ୨୦୫.୪୪ କୋଟି ଟଙ୍କା ନିବେଶ ଫଳରେ ୬୦୦ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରଖିଛି।

### ୨ ପୁଅଙ୍କୁ ବିଷ ...

କାଳୀଚରଣ ପ୍ରଧାନଙ୍କ ମାନସିକ ଅବସ୍ଥା ଠିକ୍ ନ ଥିଲା। ଏଥିପାଇଁ ସେ ଚିକିତ୍ସିତ ମଧ୍ୟ ହେଉଥିଲେ। ଗାଁରେ ତାଙ୍କର ଏକ ତେଜରାତି ଦୋକାନ ରହିଛି। ଅନେକ ସମୟରେ ସେ ସ୍ତ୍ରୀଙ୍କ ସହ ଝଗଡ଼ା କରୁଥିଲେ। ଗୁରୁବାର ରାତିରେ କଳହ ସହ ମାରପିଟ କରିଥିଲେ। ଶୁକ୍ରବାର ସକାଳେ ମାରପିଟ କରିବାରୁ ସ୍ତ୍ରୀ ଘର ଛାଡ଼ି କେଉଁଆଡ଼େ ଚାଲି ଯାଇଥିଲେ। ଏହାପରେ ୮ମ ଶ୍ରେଣୀରେ ପଢୁଥିବା ବଡ଼ପୁଅ ଓ ୨ୟ ଶ୍ରେଣୀରେ ପଢୁଥିବା ସାନପୁଅଙ୍କୁ ସ୍କୁଲ ନେବାକୁ କହି କାଳୀଚରଣ ବାଇକ୍‌ରେ ବସାଇଥିଲେ। ହେଲେ ଗାଁଠାରୁ ପ୍ରାୟ ୨୫ କି.ମି. ଦୂର ନୂଆକ୍ଷେତା ଅଞ୍ଚଳକୁ ନେଇ ବିଷ ପିଆଇ ଦେଇଥିଲେ। ୨ ନାବାଳକଙ୍କ ଚିତ୍କାର ଶୁଣି ନୂଆକ୍ଷେତା ଗାଁର କେତେଜଣ ଯୁବକ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ପ୍ରଥମେ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରୁ ଡାକ୍ତର ଉଭୟଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ଅନ୍ୟପକ୍ଷରେ ବିଷ ପିଆଇଥିବା କାଳୀଚରଣଙ୍କୁ ସ୍ଥାନୀୟ ଲୋକେ ଅଟକ ରଖି ବନ୍ତଳା ପୋଲିସକୁ ଖବର ଦେଇଥିଲେ। ବନ୍ତଳା ପୋଲିସ ନୂଆକ୍ଷେତାରେ ପହଞ୍ଚି କାଳୀଚରଣଙ୍କୁ ଗାଡ଼ିରେ ଥାନାକୁ ନେଉଥିବା ବେଳେ ସେ ଗାଡ଼ିର ଡୋର, କାଚ ଆଦି ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏଥିସହ ଏଏସ୍‌ଆଇ ନୀଳାଞ୍ଚଳ ବିଶ୍ୱାଳଙ୍କୁ କାମୁଡ଼ି ଦେଇଥିଲେ। ଅନ୍ୟ ୨ ପୋଲିସ କର୍ମଚାରୀଙ୍କୁ ଖଣ୍ଡିଆ ଖାବରା କରିଦେଇଥିଲେ। ଥାନାରେ ପହଞ୍ଚି ସେ ଉତ୍ପାତ କରିବା ସହ ଅଚେତ ହୋଇଯାଇଥିଲେ। ପରେ ପୋଲିସ ତାଙ୍କୁ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। କାଳୀଚରଣଙ୍କ ପରିବାର ପକ୍ଷରୁ ଜରପଡ଼ା ଥାନାରେ ଏତଲା ଦିଆଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। କାଳୀଚରଣଙ୍କ ଚିକିତ୍ସା କରୁଥିବା ଡାକ୍ତର ସ୍ନିଗ୍ଧା ସାହୁ କହିଛନ୍ତି, ଅଭିଯୁକ୍ତ ସୁସ୍ଥ ଅଛନ୍ତି। ଅତ୍ୟଧିକ ମଦ୍ୟପାନ କରିଥିବା ଜଣାପଡିଛି। ସେ ଜଣେ ବିକୃତ ମାନସିକଧାରୀ ବ୍ୟକ୍ତି ହୋଇଥାଇପାରନ୍ତି।

### 'ୟା ଅଲି' ଗାୟକ...

ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସିଙ୍ଗାପୁର ନର୍ଥ ଇଷ୍ଟ ଫେଷ୍ଟିଭାଲରେ ସଙ୍ଗୀତ ପ୍ରଦର୍ଶନ କରିବା ପାଇଁ ସେ ସେଠାକୁ ଯାଇଥିଲେ। ୧୯୭୨ ନଭେମ୍ବର ୧୮ରେ ଆସାମର ଜୋରହାଟରେ ଜୁବୀନ ଜନ୍ମ ହୋଇଥିଲେ। ଅହମିୟା, ବଙ୍ଗାଳୀ, ହିନ୍ଦୀ ସମେତ ୩୦ରୁ ଅଧିକ ଭାଷାରେ ଗୀତ ଗାଇ ସେ ଲୋକଙ୍କ ହୃଦୟ ଜିତି ପାରିଥିଲେ। ଆସାମର ରକ୍‌ଷ୍ଟାର ଭାବେ ସେ ପରିଚିତ ଥିଲେ। ୨୦୦୬ରେ ଜୁବୀନ ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଜ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ଅଭିନେତା ଇମ୍ରାନ୍ ହାସମୀଙ୍କ 'ଗ୍ୟାଙ୍ଗଷ୍ଟର' ଫିଲ୍ମର 'ୟା ଅଲି' ଗୀତ ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଯୁବପିଢ଼ିଙ୍କ ମଧ୍ୟରେ ଏହି ଗୀତ ବେଶ୍ ଲୋକପ୍ରିୟ ହୋଇଥିଲା ଏବଂ ସାରା ଦେଶରେ ଜୁବୀନ ପ୍ରସିଦ୍ଧି ପାଇଥିଲେ। ଏହାପରେ ମଧ୍ୟ ସେ ଅନେକ ବଲିଉଡ୍ ଫିଲ୍ମର ଗୀତ ଗାଇଛନ୍ତି। ଜୁବୀନଙ୍କ ଅକାଳ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଶୋକ ପ୍ରକଟ କରିଛନ୍ତି।

### ଗୁପ୍‌ଚୁପ୍ ପାଇଁ ...

ଯାଇଥିଲା। ତେବେ ଘଟଣାକୁ ନେଇ ଗୁପ୍‌ଚୁପ୍ ବିକାଳି କହିଛନ୍ତି, ତାଙ୍କ ବିରୋଧରେ ମହିଳା ଜଣକ ମିଥ୍ୟା ଅଭିଯୋଗ ଆଣିଛନ୍ତି। ସେ ତାଙ୍କୁ ଅତିରିକ୍ତ ଗୁପ୍‌ଚୁପ୍ ଖୁଆଇଥିଲେ। ଅନେକ ବର୍ଷ ହେବ ଠେଲା ଗାଡ଼ିରେ ଗୁପ୍‌ଚୁପ୍ ବିକୁଥିଲେ ମଧ୍ୟ ଏପରି ଅନୁଭବ ତାଙ୍କୁ ପ୍ରଥମ ଥର ପାଇଁ ହୋଇଥିବା ସେ କହିଛନ୍ତି।

### ଦୋମୁହାଁ ଖେଳରେ ...

ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି ତାହା ଉପରେ ଚର୍ଚ୍ଚା କି ଆଲୋଚନା ହୋଇପାରିବ ନାହିଁ; ଯାହାକି ପରବର୍ତ୍ତୀ ସମୟରେ ରାଜ୍ୟସ୍ତରୀରେ ବାର୍ତ୍ତା ଯିବ ବିରୋଧୀ ଗୃହ ଚଳାଇ ଦେଲେନାହିଁ। ଏହା ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ସରକାରଙ୍କୁ ସାହାଯ୍ୟ କରୁଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେବା ଆରମ୍ଭ ହୋଇଗଲାଣି। ଅନ୍ୟପଟେ ବିଜେଡିର କେତେଜଣ ବରିଷ୍ଠ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଉପରୁ ଯାହା ଚୂଡ଼ାନ୍ତ ହୋଇସାରିଛି ତାହାକୁ ବିଜେଡି ବିଧାନସଭାରେ ଲାଗୁକରୁଛି। ରାଜ୍ୟରେ କଂଗ୍ରେସ ଯେଉଁଭଳି ରାଜନୈତିକ କାର୍ଯ୍ୟକ୍ରମ ଆରମ୍ଭ କରିଛି ସେଥିରେ ଯଦି ବିଜେଡି ସାମିଲ ହୁଏ ତେବେ ଏହା ସରକାରଙ୍କ ପାଇଁ ଏକ ପ୍ରକାର ଅଡୁଆ ପରିସ୍ଥିତି ସୃଷ୍ଟି କରିବ। ତେଣୁ କଂଗ୍ରେସ ଉଠାଉଥିବା ପ୍ରସଙ୍ଗକୁ ସମର୍ଥନ ନ ଦେଇ ବିଜେଡି ନିଜ ବାଟରେ ଚାଲିବା ଦ୍ୱାରା ବିରୋଧୀ ଦଳଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଭିତରେ ଏହି ସ୍ୱଳ୍ପଦିନିଆ ମୌସୁମୀ ଅଧିବେଶନ ଶେଷ ହୋଇଯିବ। ଉପରାଷ୍ଟ୍ରପତି ନିର୍ବାଚନ ସମୟରେ ବିଜେଡି ଯେଭଳି ଭୋଟ ଦେବାରୁ ବିରତି ରହି ପରୋକ୍ଷରେ ଭାଜପାକୁ ସମର୍ଥନଦେଲା ବୋଲି ଚର୍ଚ୍ଚା ହେଲା ତାହା ରାଜ୍ୟରେ ମଧ୍ୟ ସମାନ ଆଭିମୁଖ୍ୟ ଆପଣାଇଛି। ତେଣୁ ବିଜେଡିର ଏଭଳି ଦୋମୁହାଁ ନୀତି କିଛି ନୂଆ ନୁହେଁ ବୋଲି ଆଲୋଚନା ହେଉଛି।

ଅନ୍ୟପଟେ ଭାଜପା ସଦସ୍ୟ ପଦ୍ମଲୋଚନ ପଣ୍ଡା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ତାରାପ୍ରସାଦ ବାହିନୀପତି, ସି.ଏସ. ରାଜନ ଏକ୍କା, ସୋଫିଆ ଫିର୍ଦ୍ଦୋସ ଏବଂ ଅଶୋକ ଦାସଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି। ଅନାସ୍ଥା ଆଣିବା ପୂର୍ବରୁ କଂଗ୍ରେସ ସଦସ୍ୟମାନେ ଏହି ପ୍ରସଙ୍ଗରେ ଗଣମାଧ୍ୟମରେ ଆଲୋଚନା କରିଥିବାରୁ ଏଭଳି ଅନାସ୍ଥା ପ୍ରସ୍ତାବ ଆଣିଥିବା ପଦ୍ମଲୋଚନ ପଣ୍ଡା କହିଛନ୍ତି। ଏହାକୁ ତର୍ଜମାକରି ଗୃହକୁ ଜଣାଇବେ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି।

GOVERNMENT OF INDIA
MINISTRY OF PORTS, SHIPPING AND WATERWAYS
SAGARMALA




# ସାମୁଦ୍ରିକ କ୍ଷେତ୍ରର ରୂପାନ୍ତରଣ



**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**
ସେବା ହିଁ ସଂକଳ୍ପ,
ଭାରତ ପ୍ରଥମ ପ୍ରେରଣା...୭୫ ବର୍ଷ

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ ଉତ୍ସବ

## ₹୩୪,୦୦୦ କୋଟି ମୂଲ୍ୟର

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

- ଶ୍ୟାମା ପ୍ରସାଦ ମୁଖର୍ଜୀ ବନ୍ଦର, କୋଲକାତାଠାରେ ନୂଆ କଣ୍ଟେନର ଟର୍ମିନାଲ ଓ ଅନ୍ୟାନ୍ୟ ପ୍ରକଳ୍ପ
- ପାରାଦୀପ ବନ୍ଦରଠାରେ ନୂଆ କଣ୍ଟେନର ବର୍ଥ, କାର୍ଗୋ ହ୍ୟାଣ୍ଡଲିଂ ସୁବିଧା ଓ ଅନ୍ୟାନ୍ୟ ପ୍ରକଳ୍ପ
- କାମାରାଜାର ବନ୍ଦର, ଏନୋରେଠାରେ ଅଗ୍ନି ନିର୍ବାପନ ସୁବିଧା, ଆଧୁନିକ ସଡ଼କ ସଂଯୋଗୀକରଣ ଏବଂ ଅନ୍ୟାନ୍ୟ ପ୍ରକଳ୍ପ
- ଚେନ୍ନାଇ ବନ୍ଦରଠାରେ ତଟ ସୁରକ୍ଷା ପାଇଁ ସୁଦୃଢ଼ ସମୁଦ୍ର-ପ୍ରାଚୀର ଏବଂ ପଥରବନ୍ଧ
- ଦୀନଦୟାଲ ବନ୍ଦର, କାନ୍ଦଲାଠାରେ ଟୁନା ଟେକ୍ରାରେ ବହୁ ଉଦ୍ଦେଶୀୟ କାର୍ଗୋ ବର୍ଥ
- କାର ନିକୋବର ଦ୍ୱୀପରେ ସମୁଦ୍ର-ପ୍ରାଚୀର
- ଦୀନଦୟାଲ ବନ୍ଦର, କାନ୍ଦଲାଠାରେ ସବୁଜ ବାୟୋ-ମିଥାନଲ କାରଖାନା, ତୈଳ ଜେଟି ଓ ଅନ୍ୟାନ୍ୟ ପ୍ରକଳ୍ପ
- ପାଟନାଠାରେ ଜାହାଜ ମରାମତି କାରଖାନା
- ବାରାଣସୀଠାରେ ଜାହାଜ ମରାମତି କାରଖାନା ଏବଂ ଫ୍ରେଟ୍ ଭିଲେଜ୍
- ୭୦ କିମି ଏନ୍‌ଏଚ୍‌ର ଚାରି ଲେନ୍ ପ୍ରକଳ୍ପ
- ସାର୍. ଟି. ହସ୍ପିଟାଲଠାରେ ଆକାଡେମିକ୍ ବ୍ଲକ୍, ଟିଟିଂ ହସ୍ପିଟାଲ ଏବଂ ଏମ୍‌ସିଏଚ୍ ବ୍ଲକ୍
- ଜିଜିଜି ହସ୍ପିଟାଲ, ଜାମନଗରଠାରେ ଓପିଡି, ଏମ୍‌ସିଏଚ୍ ଏବଂ ସୁପର ସ୍ପେଶାଲିଟି ହସ୍ପିଟାଲ

### ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

- ଇନ୍ଦିରା ଡକ୍, ମୁମ୍ବାଇ ବନ୍ଦରଠାରେ ମୁମ୍ବାଇ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ (ଏମ୍‌ଆଇସିଟି)
- ଛାରା ବନ୍ଦରଠାରେ ଏଚ୍‌ପିଏଲ୍‌ଏନ୍‌ଜି ରିଗ୍ୟାସିଫିକେଶନ୍ ଟର୍ମିନାଲ ଏବଂ ଗୁଜରାଟ ଆଇଓସିଏଲ୍ ରିଫାଇନେରୀଠାରେ ଆକ୍ରିଲିକ୍ସ ଓ ଓକ୍ସୋ ଆଲକହଲ୍ ପ୍ରକଳ୍ପ
- ସବୁଜ ଶକ୍ତି ନିମନ୍ତେ ୨୮୦ ଏମ୍‌ଡବ୍ଲ୍ୟୁଏସି / ୪୦୦ ଏମ୍‌ଡବ୍ଲ୍ୟୁଡିସି ସୌର ପ୍ରକଳ୍ପ ଏବଂ ଏକ ୬୦୦ ମେଗାୱାଟ୍ ଗ୍ରୀନ୍ ଶୁ' ପଦକ୍ଷେପ
- ଗୁଜରାଟରେ କୃଷକଙ୍କ ପାଇଁ ପିଏମ୍-କୁସୁମ ୪୭୫ ମେଗାୱାଟ୍ କ୍ଷମତାର କମ୍ପୋନେଣ୍ଟ ସି-ଫିଡର୍
- ୪୫ ମେଗାୱାଟ୍ ସରକାରୀ ପତିତ ଜମି ସୌର ପିଭି ପ୍ରକଳ୍ପ, ବଦେଲୀ
- ଧୋରଡୋ ଗ୍ରାମର ୧୦୦% ସୌରଶକ୍ତୀକରଣ

### ଶିଳ୍ପ ଏମ୍‌ଓୟୁ

- ଜାହାଜ ନିର୍ମାଣ ପାଇଁ ସିଏସ୍‌ଏଲ୍ ଓ ଏଚ୍‌ଡି କେଏସ୍‌ଓଇ ମଧ୍ୟରେ ଏମ୍‌ଓୟୁ
- ଭାରତରେ ଭେସେଲ୍ ଜାହାଜନିର୍ମାଣ ପାଇଁ ଏସ୍‌ସିଆଇ ତଥା ଆଇଓସିଏଲ୍, ବିପିସିଏଲ୍ ଓ ଏଚ୍‌ପିସିଏଲ୍ ମଧ୍ୟରେ ଏମ୍‌ଓୟୁ
- ଜାହାଜ ନିର୍ମାଣ ପାରିସ୍ଥିତିକତନ୍ତ୍ର ପାଇଁ ଏମ୍‌ଡିଏଲ୍, ସିଏସ୍‌ଏଲ୍, ଜିଆର୍‌ଏସ୍‌ଇ, ତାମିଲନାଡୁ ସରକାର ଏବଂ ଜିଏମ୍‌ବି ମଧ୍ୟରେ ଏକାଧିକ ଏମ୍‌ଓୟୁ
- ଜାହାଜ ନିର୍ମାଣ ପାରିସ୍ଥିତିକତନ୍ତ୍ରର ବିକାଶ ପାଇଁ ରାଜ୍ୟଗୁଡ଼ିକ ସହ ଏମ୍‌ଓୟୁ: (i) ଆନ୍ଧ୍ରପ୍ରଦେଶ, (ii) ଓଡ଼ିଶା, (iii) ଗୁଜରାଟ, (iv) ମହାରାଷ୍ଟ୍ର, (v) ତାମିଲନାଡୁ

ମାନ୍ୟବର ପ୍ରଧାନମନ୍ତ୍ରୀ
**ଶ୍ରୀ ନରେନ୍ଦ୍ର ମୋଦୀଙ୍କ**
ଦ୍ୱାରା

ଶନିବାର, ୨୦ ସେପ୍ଟେମ୍ବର ୨୦୨୫ । ସମୟ: ପୂର୍ବାହ୍ନ ୧୦.୦୦ ଘଟିକା । ସ୍ଥାନ: ଜବାହର ଗ୍ରାଉଣ୍ଡ, ଭାବନଗର, ଗୁଜରାଟ

### ପ୍ରମୁଖ ଲାଭ

- ନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି
- ବନ୍ଦର ସଂଯୋଗୀକରଣ ଓ ଦକ୍ଷତା ବୃଦ୍ଧି
- ଜାହାଜ ଚଳାଚଳ ଓ ସ୍ୱଦେଶୀ ଜାହାଜ ନିର୍ମାଣର ବିକାଶ
- ବନ୍ଦର ସୁରକ୍ଷା ଏବଂ ନିରାପତ୍ତାର ସୁଦୃଢ଼ୀକରଣ
- ଜୀବନର ମାନରେ ଉନ୍ନତି
- ସବୁଜ ଶକ୍ତି ଏବଂ ପୋଷଣୀୟ ବିକାଶକୁ ପ୍ରୋତ୍ସାହନ
- ଉତ୍ତମ ସଂଯୋଗୀକରଣ ଓ ପରିବହନ
- ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକର ସୁଦୃଢ଼ୀକରଣ

### ଗରିମାମୟ ଉପସ୍ଥିତି

**ଶ୍ରୀ ସର୍ବାନନ୍ଦ ସୋନୋୱାଲ**
କେନ୍ଦ୍ରମନ୍ତ୍ରୀ, ବନ୍ଦର, ଜାହାଜ ଚଳଚଳ ଓ ଜଳମାର୍ଗ

**ଶ୍ରୀ ମନସୁଖ ମାଣ୍ଡବ୍ୟ**
କେନ୍ଦ୍ରମନ୍ତ୍ରୀ, ଶ୍ରମ ଓ ସଶକ୍ତୀକରଣ ତଥା ଯୁବ ବ୍ୟାପାର ଓ କ୍ରୀଡ଼ା

**ଶ୍ରୀ ସିଆର୍ ପାଟିଲ**
କେନ୍ଦ୍ରମନ୍ତ୍ରୀ, ଜଳ ଶକ୍ତି

**ଶ୍ରୀ ଭୂପେନ୍ଦ୍ରଭାଇ ପଟେଲ**
ମୁଖ୍ୟମନ୍ତ୍ରୀ, ଗୁଜରାଟ

**ଶ୍ରୀ ଶାନ୍ତନୁ ଠାକୁର**
ରାଷ୍ଟ୍ରମନ୍ତ୍ରୀ, ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ

**ଶ୍ରୀମତୀ ନିମୁବେନ ବାମ୍ଭାନିୟା**
ରାଷ୍ଟ୍ରମନ୍ତ୍ରୀ, ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ

ShipminIndia | Shipmin_India | Sagarmala Project | Sagarmala.gov.in / shipmin.gov.in | LIVE STREAM ଡିଡି ନ୍ୟୁଜ୍‌ରେ ସିଧା ପ୍ରସାରଣ ଦେଖନ୍ତୁ

"ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର- ସେ ଯେପରି ତୁମର ଅନ୍ତର୍ଯାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। -ଶ୍ରୀଅରବିନ୍ଦ



# ଖବରରେ ଖେଡ୍‌କର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ୟୁପିଏସ୍‌ସି ଠକେଇଠାରୁ ଆରମ୍ଭକରି ଅପହରଣ ଅଭିଯୋଗ ପର୍ଯ୍ୟନ୍ତ ପୂଜା ଖେଡ୍‌କରଙ୍କ କାହାଣୀ ଏକ ଦୁଃଖସୁଖପୂର୍ଣ୍ଣ ନାଟକ ହୋଇଯାଇଛି। ଠକେଇ କଥା ଜନମାନସରୁ ଅପସରି ଯାଉଥିବାବେଳେ ପୁନର୍ବାର ଏକ ନୂଆ ଘଟଣା ଖବରର ଶିରୋନାମା ହୋଇଛି। ନିକଟରେ ନଭି ମୁମ୍ବାଇର ଏକ ରାସ୍ତାରେ ଗୋଟିଏ ସିମେଣ୍ଟ ମିକ୍ସର ଟ୍ରକର ହେଲ୍‌ପର ନିଖୋଜ ହେବା ଘଟଣା ପୂଜା ଖେଡ୍‌କରଙ୍କୁ ବିବାଦୀୟ କରିଛି। ପୂଜା ଅଟୋମୋବାଇଲ ନାମରେ ପଞ୍ଜୀକୃତ ପୁଣେର ଏକ ବଙ୍ଗଳାରୁ ଅପହୃତ ହେଲପରଙ୍କୁ ଉଦ୍ଧାର କରାଯାଇଥିଲା, ଯାହା ସହ ଖେଡ୍‌କରଙ୍କ ସମ୍ପର୍କ ରହିଥିବା କୁହାଯାଉଛି। ଏହାସହ ତାଙ୍କ ମା' ପୋଲିସକୁ ଘରେ ପୂରାଇ ଦେଇ ନ ଥିବାରୁ ଘଟଣା ଆହୁରି ଜଟିଳ ହୋଇଯାଇଥିବା ଜଣାପଡ଼ିଛି। ତେବେ ଅପହରଣକାରୀଙ୍କ ପରିଚୟ ମିଳି ନ ଥିବାରୁ ପୋଲିସ ଏକ ଏଫ୍‌ଆଇଆର୍ ଦାୟର କରି ଅପହରଣ ଘଟଣାର ତଦନ୍ତ ଚାଲୁରଖିଛି। ଖେଡ୍‌କର ଏଭଳି ବିବାଦୀୟ ହେବା କିଛି ନୂଆ କଥା ନୁହେଁ। ପୂର୍ବରୁ ସେ ୟୁପିଏସ୍‌ସି ପରୀକ୍ଷାରେ ନକଲି ଓବିସି ଓ ଦିବ୍ୟାଙ୍ଗ ପ୍ରମାଣ ପତ୍ର ଦେଇ ଆଇଏଏସ ପାଇଁ ପ୍ରୋଭିଜନାଲ ଚୟନ ହେବା ପରେ ତାଙ୍କୁ ବରଖାସ୍ତ କରାଯାଇଥିଲା। ତେବେ ଖେଡ୍‌କର ଅପହରଣ ଯୋଜନା କରିଥିଲେ କି ନାହିଁ ସେ ସମ୍ପର୍କରେ ଏଯାବତ ପ୍ରମାଣ ମିଳିନାହିଁ। ଜଣେ ପବ୍ଲିକ ସର୍ଭିସ ଆଶାୟୀ କିଭଳି ସାର୍ବଜନୀନ ସ୍ତରରେ ବିବାଦୀୟ ହୋଇପାରନ୍ତି ତାହା ଏହି ଅଧ୍ୟାୟରୁ ସ୍ପଷ୍ଟ ହୁଏ। ଏହି ଅପହରଣ ଘଟଣାରେ ପୋଲିସର ପଦକ୍ଷେପ, ସମ୍ପତ୍ତିର ମାଲିକାନା ଏବଂ ରାଜନୈତିକ କିମ୍ବା ସାମାଜିକ ସମ୍ପର୍କକୁ ବିଚାରକୁ ନେଲେ ସାମ୍ନାକୁ ଆସିଥିବା ୟୁପିଏସ୍‌ସି ଠକେଇଠାରୁ ଏହା ଅଧିକ ମନେ ହେଉଛି।

### ଖୋଲା କର୍ତ୍ତବ୍ୟ ଭବନ

ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟର ନୂଆ କର୍ତ୍ତବ୍ୟ ଭବନ-୩କୁ ନେଇ ନିର୍ଦ୍ଦିଷ୍ଟ ବର୍ଗର ବାବୁମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ସର୍ଭିସ( ସିଏସ୍‌ଏସ୍) ଫୋରମ୍‌ର ୧୩,୦୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଏବଂ ଗୃହନିର୍ମାଣ ଓ ସହର ବ୍ୟାପାର ମନ୍ତ୍ରଣାଳୟ ନିକଟରେ ଅଭିଯୋଗ କରିଛନ୍ତି ଯେ, ଅଫିସ୍ ପାଇଁ ନୂଆ ଭବନରେ ଆବଣ୍ଟିତ ସ୍ଥାନ ସରକାରଙ୍କ ୨୦୧୭ ନିୟମକୁ ପାଳନ କରୁନାହିଁ। ଏହି ନିୟମରେ ଡେପୁଟି ସେକ୍ରେଟାରି ଓ ଡାଇରେକ୍ଟର ପାଇଁ ୨୪୦ ବର୍ଗଫୁଟ, ଅଣ୍ଡର୍ ସେକ୍ରେଟାରିଙ୍କ ପାଇଁ ୧୨୦ ବର୍ଗଫୁଟ. ସେକ୍ସନ ଅଫିସରଙ୍କ ପାଇଁ ୬୦ ବର୍ଗଫୁଟ ଏବଂ ଆସିଷ୍ଟାଣ୍ଟ ସେକ୍ସନ ଅଫିସରଙ୍କ ପାଇଁ ୪୦ ବର୍ଗଫୁଟ ସ୍ଥାନ ନିଶ୍ଚିତ କରାଯାଇଛି। କିନ୍ତୁ ଏହା ପରିବର୍ତ୍ତେ ଛୋଟ ଛୋଟ ଭାଗରେ ବିଭକ୍ତ ବିରାଟ ଖୋଲା ହଲ୍‌ରେ ଅଧିକାରୀମାନଙ୍କୁ ଅଧିକ ସଂଖ୍ୟାରେ ବସିବାର ବ୍ୟବସ୍ଥା କରାଯାଇଛି। ଏପରିକି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଭଳି ସମ୍ବେଦନଶୀଳ ମନ୍ତ୍ରଣାଳୟଗୁଡ଼ିକୁ ମଧ୍ୟ ସ୍ୱତନ୍ତ୍ର ଭାବେ ସ୍ଥାନ ଦିଆଯାଇନାହିଁ। ସରକାରଙ୍କ ଯୁକ୍ତି ହେଉଛି, ଓପନ୍ ପ୍ଲାନ୍ ଅଫିସ ଆଧୁନିକତା, ନିରନ୍ତରତା ଓ ଦକ୍ଷତାକୁ ପ୍ରତିପାଦିତ କରେ। ବାବୁମାନେ ଯୁକ୍ତି କରନ୍ତି , ସେମାନେ ଶେୟାର ବଜାର ଟିପ୍ସ ଦେବାକୁ ବସୁ ନାହାନ୍ତି, ବରଂ ସେମାନେ ଭିଜିଲାନ୍ସ ବିଷୟ, କୋର୍ଟ କେସ୍ ଏବଂ ଗୋପନୀୟ ଫାଇଲ କାମ କରିବାକୁ ଆସିଛନ୍ତି। ବିଶ୍ୱସ୍ତରୀୟ ଗବେଷଣାଗୁଡ଼ିକ ବାରମ୍ବାର ସ୍ପଷ୍ଟ କରିଛି ଯେ, ଖୋଲା ଅଫିସ ଆକର୍ଷଣୀୟ ଦେଖାଗଲେ ମଧ୍ୟ ତାହା ଉତ୍ପାଦକତା ହ୍ରାସ କରେ, ଏକାଗ୍ରତାରେ ବାଧା ଆଣେ ଏବଂ କୋଳାହଳ ସ୍ଥିତି ସୃଷ୍ଟି କରେ, ତଥ୍ୟ ପ୍ରଘଟ ହେବାର ଆଶଙ୍କା ରହିଥାଏ। ତେବେ ସରକାର ନିଜେ ଅଧିକାରୀଙ୍କ ପାଇଁ ସ୍ଥାନ ନିଶ୍ଚିତ କରିଥିବାବେଳେ ଏକ ଆଖିଦୃଶିଆ ପ୍ରୋଜେକ୍ଟରେ କାହିଁକି ତାହାକୁ ଅଣଦେଖା କରିଛନ୍ତି ?

### ଅପାରଦର୍ଶୀ ନୀତି

ଶୀର୍ଷ ପଦବୀରେ ରହୁଥିବା ବାବୁମାନଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ କେନ୍ଦ୍ର ଗୋଟିଏ ସପ୍ତାହରେ ସମ୍ପୂର୍ଣ୍ଣ ମନା କରୁଥିବାବେଳେ ପର ସପ୍ତାହରେ ଠିକ୍ ଅଛି ଓ ଆଗକୁ ବଢ଼ ବୋଲି କହୁଛି। ଝାଡ଼ଖଣ୍ଡ ଏହାର କାର୍ଯ୍ୟକାରୀ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଅନୁରାଗ ଗୁପ୍ତାଙ୍କୁ ଏପ୍ରିଲ ୩୦ ପରେ ରଖିବା ପାଇଁ କରିଥିବା ଆବେଦନକୁ କେନ୍ଦ୍ର ଖାରଜ କରିଦେଇଥିଲା। ସେହିଭଳି ଡିଜିପି ପ୍ରଶାନ୍ତ କୁମାରଙ୍କୁ ରଖିବା ଲାଗି ଉତ୍ତରପ୍ରଦେଶର ଅନୁରୋଧକୁ ଅସ୍ୱୀକାର କରିଥିଲା। ଉତ୍ତରପ୍ରଦେଶ ତାହାର ମୁଖ୍ୟଶାସନ ସଚିବ ମନୋଜ କୁମାର ସିଂଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ କରିଥିବା ଆବେଦନକୁ ଡିଓପିଟି ରଦ୍ଦ କରିବା ପରେ ବିହାର ତାହାର ମୁଖ୍ୟ ଶାସନ ସଚିବ ଅମ୍ରିତ ଲାଲ୍ ମୀନାଙ୍କୁ ଅଧିକ ଦିନ ରଖିବାକୁ ଚାହିଁଥିଲେ ବି ମନା କରିଦେଇଥିଲା। କିନ୍ତୁ ପରେ ମଧ୍ୟପ୍ରଦେଶରେ ଅନୁରାଗ ଜୈନଙ୍କୁ ମୁଖ୍ୟ ଶାସନ ସଚିବ ଭାବେ ଆଉ ବର୍ଷେ ଏବଂ ତେଲଙ୍ଗାନାର ମୁଖ୍ୟ ଶାସନ ସଚିବ କେ. ରାମକୃଷ୍ଣ ରାଓଙ୍କ କାର୍ଯ୍ୟକାଳ ୭ମାସ ବୃଦ୍ଧି କରିବା ପାଇଁ ଅନୁମତି ଦିଆଗଲା। ମହାରାଷ୍ଟ୍ରରେ ରାଜେଶ କୁମାରଙ୍କ କାର୍ଯ୍ୟକାଳ ୩ ମାସ ବଢ଼ାଗଲା। ବିଶେଷଜ୍ଞଙ୍କ ମତରେ ଏହା ଏକ ଅପାରଦର୍ଶୀ ନୀତି। କେଉଁ ନିୟମରେ କ'ଣ କରାଯିବ ତାହାର ଠିକ୍ ମାନଦଣ୍ଡ ସରକାର ପ୍ରକାଶ କରୁନାହାନ୍ତି। ପ୍ରକ୍ରିୟା ଓ ପଦାନୁକ୍ରମକୁ ନେଇ ଗର୍ବ କରୁଥିବା ଏକ ବ୍ୟବସ୍ଥାରେ ଭାବନାରେ ଅଚାନକ ପରିବର୍ତ୍ତନ ହେବା ଭଳି ଦେଖାଯାଉଛି। ମୁଖ୍ୟ ଶାସନ ସଚିବ ଏବଂ ଡିଜିପିଙ୍କ ଭଳି ବରିଷ୍ଠ ଅଧିକାରୀମାନଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ଜୁଆ ଚକ୍ର ଭଳି ନିୟନ୍ତ୍ରଣ କରାଯାଉଥିବାରୁ ଏହା ଉତ୍ତରାଧିକାର ଯୋଜନାକୁ ବିଗାଡ଼ି ଦେଉଛି ଏବଂ ରାଜ୍ୟ ସରକାରଗୁଡ଼ିକୁ କଠିନ ସ୍ଥିତିରେ ପକାଉଛି। ସତ ହୋଇ ନ ପାରେ, କିନ୍ତୁ କଥା ଉଠୁଛି ଯେ, କେନ୍ଦ୍ର ତା' ସପକ୍ଷରେ ଥିବା ରାଜ୍ୟ ପାଇଁ କାମ କରୁଛି। ଏହା ମଧ୍ୟ ଏକ ବାର୍ତ୍ତା ଦେଉଛି ଯେ, ପାଗ ଦେଖି ନିୟମର ପରିବର୍ତ୍ତନ କରାଯାଉଛି।

Email: dilipcherian@gmail.com

# ଶିକ୍ଷକ ନିର୍ଯାତନା



ଡ. ସୁବାସ ଚନ୍ଦ୍ର ପାତ୍ର

ଛାତ୍ରୀ ନିର୍ଯାତନା ତଥା ଅନ୍ୟାନ୍ୟ କୋଳାହଳ ମଧ୍ୟରେ ଉଚ୍ଚଶିକ୍ଷାରେ ନିୟୋଜିତ ଶିକ୍ଷକମାନଙ୍କର ଉତ୍ପୀଡ଼ନର ସ୍ୱର ସାଧାରଣତଃ ଶୁଣିବାକୁ ମିଳେ ନାହିଁ।ନିଜର ପୁଅଝିଅଙ୍କୁ ମଣିଷ କରିବାକୁ ଯାଇ ମା' ବାପା ଅବା ଅଭିଭାବକମାନଙ୍କର ଅପ୍ରାସଙ୍ଗିକ ଅଶ୍ରୁପାତ ସମ କଲେଜ ଶିକ୍ଷକମାନଙ୍କର ଦୁର୍ଦ୍ଦଶା।ଏବେ ଦେଖିବା ନିର୍ଯାତନାର ଉତ୍ସ।

ପ୍ରଥମେ ସରକାରୀ କଲେଜ।ଏ କ୍ଷେତ୍ରରେ ଯନ୍ତ୍ରଣାର ବିଶାଳ ଓ ଚିରନ୍ତନ ଉତ୍ସ ସରକାର। ସରକାର ମାନେ ଉତ୍ପୀଡ଼ନର ନିରାକରଣ ବୋଲି ସାଧାରଣରେ ଥିବା ଧାରଣା, ସାଧାରଣତଃ ସରକାରୀ କଲେଜ ସ୍ତରରେ ଦେଖାଯାଏ ନାହିଁ।କାମ କରେଇ ଯଦି ପାରିଶ୍ରମିକ ବା ସମ୍ମାନ ବା ସାମାନ୍ୟ ସୁବିଧା ସୁଯୋଗ ଦିଆ ନ ଯାଏ ତା'ହେଲେ ଏହାକୁ ନିର୍ଯାତନା ଛଡ଼ା ଆଉ କ'ଣ ବା କୁହାଯିବ ? ଦୀର୍ଘ ୨୦ ବର୍ଷ ଧରି ପ୍ରାଧ୍ୟାପକ ପରେ ସେମାନଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଧରେଇ, ମାସେ, ଦୁଇମାସ ନୁହେଁ, ବର୍ଷ ପରେ ବର୍ଷ ଚାବୁକ ଉଞ୍ଚେଇ ଯଦି କାମ କରିବାକୁ ବାଧ୍ୟ କରାଯାଏ, ଏହାକୁ କ'ଣ କୁହାଯିବ ? ଏବେ ଉଚ୍ଚ ନ୍ୟାୟାଳୟ କହିଲେଣି ଭାରପ୍ରାପ୍ତ ଅଧ୍ୟକ୍ଷ ବ୍ୟବସ୍ଥା ଖୁବ୍ ବେଶିରେ ୬ମାସ।ଆଗରୁ ଅଧ୍ୟକ୍ଷମାନଙ୍କ ଦାୟିତ୍ୱ ଓ ତାଙ୍କ ପଦବୀକୁ ସମ୍ମାନ ଦେଇ ସେମାନଙ୍କୁ ଦେୟମୁକ୍ତ ଘର, ଏକ ଆବାସିକ ଅଫିସ, ସାହାଯ୍ୟକାରୀ କର୍ମଚାରୀ ଇତ୍ୟାଦିର ବ୍ୟବସ୍ଥା ଥିଲା।ଏବେ ସେ ସବୁର ଚିହ୍ନବର୍ଣ୍ଣ ନାହିଁ, ଯେହେତୁ ଅଧ୍ୟକ୍ଷ ନିୟମିତ ନୁହନ୍ତି, ଭାରପ୍ରାପ୍ତ ! ସରକାରୀ କଲେଜ, ବିଶେଷତଃ ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷମାନେ ପ୍ରଫେସର ଗ୍ରେଡର ଏବଂ ୟୁଜିସି ସ୍କେଲ୍‌ରେ ସେମାନେ ବରିଷ୍ଠ ପ୍ରଶାସନିକ ପାହ୍ୟାର (ସିନିୟର ଆଡମିନିଷ୍ଟ୍ରେଟିଭ ଗ୍ରେଡ) ଅଧିକାରୀ।ତୁଳନାତ୍ମକ ଭାବେ ଦେଖିଲେ ସେମାନେ ଅତିରିକ୍ତ ସଚିବ ପାହ୍ୟାର।ଅଥଚ ଅତିରିକ୍ତ ସଚିବ କେଉଁଠି ନା ଭାରପ୍ରାପ୍ତ ଅଧ୍ୟକ୍ଷ କେଉଁଠି ? ଏଣେ ପୁଣି ସର୍ତ୍ତ, ଭାରପ୍ରାପ୍ତ ହୋଇଥିବାରୁ କ୍ଲାସ ମଧ୍ୟ ନେବାକୁ ବାଧ୍ୟ, ଯାହା ନିୟମିତ ଅଧ୍ୟକ୍ଷ କ୍ଷେତ୍ରରେ ନାହିଁ।ଏହାଠୁ ବଳି ଅତ୍ୟାଚାର ଆଉ କ'ଣ ?

ଅଧ୍ୟକ୍ଷ ପଦବୀର ଆଉ ଏକ ନିର୍ଯାତନା, ଉତ୍ପୀଡ଼ନ କ୍ଷେତ୍ର ଅଛି: ସରକାରୀ କଲେଜର ବର୍ଗୀକରଣ ଓ ଅଧ୍ୟକ୍ଷ ପଦର ଅବମୂଲ୍ୟାୟନ।ଆଗରୁ ରେଭେନ୍ସା, ଖଲ୍ଲିକୋଟ, ଗଙ୍ଗାଧର ମେହେର କଲେଜ (ଏବେ ବିଶ୍ୱବିଦ୍ୟାଳୟ) ଭଳି ସ୍ନାତକୋତ୍ତର ଶିକ୍ଷାନୁଷ୍ଠାନକୁ ଛାଡ଼ିଦେଲେ ବାକି ସରକାରୀ କଲେଜଗୁଡ଼ିକ ଗୋଟିଏ ପାହ୍ୟାର ଥିଲା।୯୦ ଦଶକରେ କେତେଜଣ ପ୍ରଶାସକଙ୍କ ଉନ୍ନତ ମସ୍ତିଷ୍କରୁ ଶିକ୍ଷକମାନଙ୍କୁ ନୀଚା ଦେଖେଇବାର ପ୍ରୟାସ ଆରମ୍ଭ ହେଲା ଏବଂ ଲିଡ୍ କଲେଜ ଏବଂ ନନ୍‌ଲିଡ୍ କଲେଜ ନାମରେ ଦୁଇଟି ଶ୍ରେଣୀ ସୃଷ୍ଟିକରି, ଲିଡ୍ କଲେଜର ଅଧ୍ୟକ୍ଷ ପ୍ରଫେସର ପାହ୍ୟାର ଓ ନନ୍‌ଲିଡ କଲେଜର



ଅଧ୍ୟକ୍ଷ ରିଡର ପାହ୍ୟାର ବୋଲି ମୋହର ମରାଗଲା ଏବଂ ଏହି ନନ୍‌ଲିଡ୍‌ରେ ରହିଲେ ରମାଦେବୀ ଓ ଶୈଳବାଳା କଲେଜ (ଏବେ ବିଶ୍ୱବିଦ୍ୟାଳୟ)କୁ ଛାଡ଼ି ବାକି ସବୁ ସରକାରୀ ମହିଳା କଲେଜ ଓ କେତେକ ସହଧ୍ୟାୟୀ ସରକାରୀ କଲେଜ।ଏହାର ଅର୍ଥ କ'ଣ ? ଆନ୍ତଃକଲେଜ ଅଧ୍ୟାପକ ପାହ୍ୟା ସମାନ, ଛାତ୍ରୀଛାତ୍ରମାନେ ସମାନ ଶ୍ରେଣୀର, ମାତ୍ର ଅଧ୍ୟକ୍ଷ ବେଳକୁ ସେ ନିମ୍ନବର୍ଗର ? ଏହା କ'ଣ ମହିଳାମାନଙ୍କୁ ସମ୍ମାନ ଯେହେତୁ ଏହି ବର୍ଗରେ ଚିହ୍ନିତ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରୁ ଅଧିକାଂଶ ମହିଳା ଶିକ୍ଷାନୁଷ୍ଠାନ ? ଏହା କ'ଣ ସମାନତା ? କଲେଜ-କଲେଜ ଭିତରେ ତାରତମ୍ୟ ସୃଷ୍ଟିକରି କିଛିକୁ ଏ-ଗ୍ରେଡ୍, ଆଉ କିଛି ବି-ଗ୍ରେଡ ମାନ୍ୟତା ପ୍ରଦାନ କରି ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠାନମାନଙ୍କୁ ନିର୍ଯାତିତ କରାଯାଉନି କି, ଯେତେବେଳେ ୪୦ ବର୍ଷରୁ ଊର୍ଦ୍ଧ୍ୱ କାଳ ସେମାନେ ସମାନ ବର୍ଗର ହୋଇ କାମ କରି ଆସୁଥିଲେ ? ଓଡ଼ିଶା ପ୍ରଶାସନିକ ସେବାରେ ବ୍ଲକର ଆକାର ଓ ଜନସଂଖ୍ୟାକୁ ନେଇ ଛୋଟ ବିଡିଓ ଓ ବଡ଼ ବିଡିଓ ଅଛନ୍ତି କି?

ତୃତୀୟ ନିର୍ଯାତିତ ଶିକ୍ଷକ ଗୋଷ୍ଠୀ ହେଲେ ସ୍ୱୟଂଶାସିତ ମହାବିଦ୍ୟାଳୟର ଭାରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକଗଣ।ଅଧ୍ୟକ୍ଷ ଭଳି ସେମାନେ ମଧ୍ୟ ଭାରପ୍ରାପ୍ତ ଅଥଚ ବିଶ୍ୱବିଦ୍ୟାଳୟରେ ତାହା ଏକ ନିୟମିତ ପଦବୀ।ଏକ ସ୍ୱୟଂଶାସିତ ମହାବିଦ୍ୟାଳୟର କଳା, ବିଜ୍ଞାନ, ବାଣିଜ୍ୟ ଷ୍ଟ୍ରିମ୍‌ର ସ୍ନାତକ ତିନିବର୍ଷର ଓ ସ୍ନାତକୋତ୍ତର ଦୁଇବର୍ଷର ଏବଂ ବିଷୟ ହିସାବରେ ପାଖାପାଖି ୩୦ଟିର ଏବଂ ସଂଖ୍ୟା ଦୃଷ୍ଟିରୁ ପାଖାପାଖି ୩୦୦୦ ଛାତ୍ରୀଛାତ୍ରଙ୍କ ପ୍ରଶ୍ନପତ୍ର, ଆଡମିଟ୍ କାର୍ଡ, ମାର୍କଶିଟ୍, ପ୍ରୋଭିଜନାଲ ସାର୍ଟିଫିକେଟ୍, ସିଲାବସ ତିଆରି କରେଇବା ; ପୁଣି ଆଭ୍ୟନ୍ତରୀଣ ମୂଲ୍ୟାୟନ ଓ ଅନ୍ତିମ ପରୀକ୍ଷାଫଳ ପ୍ରକାଶ କରିବା ଜଣେ କାର୍ଯ୍ୟରତ ବିଭାଗୀୟ ଅଧ୍ୟାପକଙ୍କ ପାଇଁ କିପରି ସମୀଚୀନ ? ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର କାର୍ଯ୍ୟର ପ୍ରକାର ପ୍ରାୟ ସମାନ, କେବଳ ଛାତ୍ରୀଛାତ୍ର ସଂଖ୍ୟା ବିଶ୍ୱବିଦ୍ୟାଳୟରେ ବେଶି।ସେଠି ଦୁଇ/ତିନ ଜଣ ନିୟମିତ ପରୀକ୍ଷା ପରିଚାଳନା ଅଧିକାରୀ ଥିଲାବେଳେ ସ୍ୱୟଂଶାସିତ କଲେଜର ଜଣେ ଶିକ୍ଷାଦାନକାରୀ ଅଧ୍ୟାପକଙ୍କୁ ଏକ 'ଅତିରିକ୍ତ ଦାୟିତ୍ୱ'ର ଟୋପି ପିନ୍ଧେଇବା କ'ଣ ନିର୍ଯାତନା ନୁହେଁ? ସେ ଶିକ୍ଷକ ଜଣକ ପାଠ ପଢ଼େଇବେ କେତେବେଳେ, ଏ ସବୁ କାମ, ଯାହାର ପାଦେପାଦେ ବିପଦ କରିବ କେତେବେଳେ ?

ଚତୁର୍ଥ ନିର୍ଯାତନା କୌଣସି ବର୍ଗର ନୁହେଁ, ବରଂ ଉଚ୍ଚଶିକ୍ଷାରେ ନିୟୋଜିତ ସମସ୍ତ ଶିକ୍ଷକଙ୍କର।ଏହାର କାରଣ ନିର୍ଦ୍ଦେଶକ ପଦବୀରେ ଶିକ୍ଷକ-ଶିକ୍ଷାବିତ୍‌ଙ୍କ ବଦଳରେ ପ୍ରଶାସକ ପ୍ରତିରୋପଣ।ସ୍ୱାଧୀନତା ଆଗରୁ ଶିକ୍ଷା ବିଭାଗର ନିର୍ଦ୍ଦେଶକ, ସରକାରୀ କଲେଜର ଜଣେ ପ୍ରଫେସର ଗ୍ରେଡ୍‌ର ବରିଷ୍ଠ ଅଧ୍ୟକ୍ଷ ହେଉଥିଲେ ଅବା ଜଣେ ବରିଷ୍ଠ ପ୍ରଫେସର ହେଉଥିଲେ।ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପାଠପଢ଼ା, ପରୀକ୍ଷା ପରିଚାଳନା, ଗବେଷଣାର ବିଭିନ୍ନ ଦିଗ, ଯୁବ ମନସ୍ତତ୍ତ୍ୱ, କ୍ୟାମ୍ପସ ଜୀବନ ଭଳି ବହୁତ କ୍ଷେତ୍ରରେ ଅନୁଭୂତି ଥିବା ଦରକାର।ଏହି ବ୍ୟବସ୍ଥା ୧୯୪୭ ପୂର୍ବରୁ ପାଖାପାଖି ୨୦୧୬ ପର୍ଯ୍ୟନ୍ତ ଚାଲୁରହିଲା।ଅଥଚ ବିଗତ ୮/୧୦ ବର୍ଷ ନିର୍ଦ୍ଦେଶକ ପଦବୀ ଜଣେ ପ୍ରଶାସକଙ୍କୁ ଟେକି ଦିଆଯାଇଛି।କଲେଜରେ ମାତ୍ର ୩ବର୍ଷ ବା ୫ବର୍ଷ ପାଠ ପଢ଼ି ସେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ କ'ଣ ଜାଣିଛନ୍ତି ? ସ୍ୱାସ୍ଥ୍ୟ ଓ ଇଞ୍ଜିନିୟରିଂ ବିଭାଗର ନିର୍ଦ୍ଦେଶକ କ'ଣ ଅଣଡାକ୍ତର ବା ଅଣଇଞ୍ଜିନିୟର ? ଇଞ୍ଜିନିୟରମାନେ ତାଙ୍କ ବିଭାଗରେ ତ ସଚିବ ପାହ୍ୟା ପର୍ଯ୍ୟନ୍ତ ଚାଲିଯାଉଛନ୍ତି।ଦୁଃଖର କଥା ଶିକ୍ଷା ବିଷୟରେ ପୂର୍ଣ୍ଣାଙ୍ଗ ଜ୍ଞାନ ନ ଥିବା ନିର୍ଦ୍ଦେଶକମାନେ କଥା କଥାରେ ଅଧ୍ୟକ୍ଷମାନଙ୍କୁ କହନ୍ତି, ଆପଣଙ୍କୁ ଅଧ୍ୟକ୍ଷ କଲା କିଏ ? ଆଗରୁ ଅଧ୍ୟାପକ ଅବା ଅଧ୍ୟକ୍ଷଜଣକ, ଶିକ୍ଷା ବିଭାଗରୁ ଆସିଥିବା ନିର୍ଦ୍ଦେଶକଙ୍କୁ ଜଣେ ଅଭିଭାବକ ହିସାବରେ ଭେଟୁଥିଲେ, ଯିଏ ସବୁକଥା ସହାନୁଭୂତିର ସହ ଶୁଣୁଥିଲେ।ଏବେ ସବୁକଥାକୁ ସନ୍ଦେହ ଚକ୍ଷୁରେ ଦେଖିବା, ବଡ଼ପଣ ଜାହିର କରିବା ମୁଖ୍ୟକାମ।

କଲେଜରେ ଛାତ୍ର ସଂସଦ ନିର୍ବାଚନ ପ୍ରଚଳନ ଶିକ୍ଷକ ନିର୍ଯାତନାର ଆଉ ଏକ ପ୍ରମୁଖ କ୍ଷେତ୍ର।ଆଗକୁ ଛାତ୍ର ସଂସଦ ନିର୍ବାଚନଟି ଛାତ୍ରୀଛାତ୍ରମାନଙ୍କର ହିଁ ନିର୍ବାଚନ ଥିଲା।ଏବେ ରାଜନୈତିକ ଦଳଗୁଡ଼ିକ ଏହାକୁ ପ୍ରତ୍ୟକ୍ଷ ଭାବରେ ପରିଚାଳନା କରିବା ସହ ଫଳ ପ୍ରକାଶନ ପରେ କେଉଁ ଦଳ କେତୋଟି କଲେଜ 'ଦଖଲ' କଲେ ତାହା ଛାତିପିଟି କହୁଛନ୍ତି।ନିର୍ବାଚନୀ ଅତ୍ୟାଚାର ଚରମ ସୀମାରେ ପହଞ୍ଚେ, ଛାତ୍ର ସଂସଦର ବାର୍ଷିକ ଉତ୍ସବ ଦିନ, ଯେଉଁଦିନ କଲେଜର ଅଧ୍ୟକ୍ଷଙ୍କୁ ମଞ୍ଚ ଉପରେ ବସିବା ପାଇଁ ଜାଗା ଖୋଜିବାକୁ ପଡ଼େ ! ଠିକ୍ ସେହିପରି ସାହାଯ୍ୟପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକୁ ୪୪୮/୬୬୨ ଇତ୍ୟାଦି ବିଚିତ୍ର ବର୍ଗୀକରଣ ମାଧ୍ୟମରେ ବିଭକ୍ତ କରି ଶିକ୍ଷକମାନଙ୍କର ଯୌବନ ଲୁଟି ନିଆଯାଉଛି।ଯେଉଁ ଜାତି, ଯେଉଁ ସରକାର ଶିକ୍ଷକମାନଙ୍କୁ ବଞ୍ଚିତ କରି, ଉତ୍ପୀଡ଼ିତ କରି, ଉଦାସୀନତାର ଉଲ୍ଲାସ ଉପଭୋଗ କରେ, ସେ ଜାତିର ଭବିଷ୍ୟତ ବିଷୟରେ ନ କହିବା ଭଲ।

ପୂର୍ବତନ ଅଧ୍ୟକ୍ଷ,
ଜେଲ ରୋଡ, ବାଲେଶ୍ୱର
ମୋ: ୯୪୩୭୩ ୭୬୨୧୯

# ଆଜିର କାମ ଏବେ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ମହାଭାରତ ଯୁଦ୍ଧ ପୂର୍ବରୁ ବିଶ୍ୱାସ କରାଯାଉଥିଲା କୃଷ୍ଣ ଯେଉଁଠାରେ ଧର୍ମ ସେଠାରେ ରହିବ ଏବଂ ବିଜୟ ସୁନିଶ୍ଚିତ। "ଯତୋ କୃଷ୍ଣ ସ୍ତତୋ ଧର୍ମଃ ଯତୋ ଧର୍ମଃ ସ୍ତତୋ ଜୟଃ।"ସେ ଉଭୟ ପକ୍ଷଙ୍କୁ ତାଙ୍କର ଚତୁର୍ଭୁଜ ସେନା କିମ୍ବା ତାଙ୍କୁ ବାଛିବା ବିକଳ୍ପ ଦେଇଥିଲେ। ଶ୍ରୀକୃଷ୍ଣଙ୍କ ପକ୍ଷକୁ ନେଇ ଅଭିଯୋଗ କରାଯାଇଥିଲା ଯେ କୃଷ୍ଣ ଯଦି ଅର୍ଜୁନଙ୍କୁ ଅଧର୍ମ ଏବଂ ସମୟର ଗୁରୁତ୍ୱ ବିଷୟରେ ସୂଚନା ଦେଇ ନ ଥାନ୍ତେ ତେବେ କର୍ଣ୍ଣଙ୍କଠାରୁ ଦୁର୍ଯ୍ୟୋଧନ ପର୍ଯ୍ୟନ୍ତ ସମସ୍ତଙ୍କୁ ହତ୍ୟା କରିବା ସମ୍ଭବ ହୋଇ ନ ଥାନ୍ତା। ଏହି କାରଣରୁ ମହାଭାରତ କୂଟନୀତିଜ୍ଞଙ୍କ ପାଇଁ ସ୍ୱର୍ଗ ଏବଂ ସମାଜ ଲାଗି ଅମୂଲ୍ୟ ବାର୍ତ୍ତା ଦିଏ। ଯୁଦ୍ଧ ପୂର୍ବରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଆଜିର ତାତ୍ପର୍ଯ୍ୟ ବୁଝାଇ ଯୁଦ୍ଧ ପାଇଁ ପରାମର୍ଶ ଦେଇଥିଲେ।

ସମୟ ପ୍ରକୃତି ଦ୍ୱାରା ପ୍ରଦତ୍ତ ବହୁମୂଲ୍ୟ ଉପହାର, ଯାହା ନିରନ୍ତର ଗତିଶୀଳ ରହିଥାଏ। ଏହାର ଗତି କୌଣସି ପରିସ୍ଥିତି ଦ୍ୱାରା ପ୍ରଭାବିତ ହୁଏ ନାହିଁ। ସମୟର ତିନୋଟି ଦିଗ ଯାହାକୁ ଆମେ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ଭାବରେ ଜାଣୁ। ଯଦି ତୁଳନାତ୍ମକ ଦୃଷ୍ଟିକୋଣରୁ ଦେଖାଯାଏ ତେବେ ଏହି ସମସ୍ତ ଦିଗ ମଧ୍ୟରୁ ବର୍ତ୍ତମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଅତୀତ ସ୍ମୃତି ଆକାରରେ ସଞ୍ଚିତ ଏବଂ ଭବିଷ୍ୟତ କଳ୍ପନା ଆକାରରେ ପ୍ରସ୍ଫୁଟିତ ହୁଏ। ଅତୀତ ହେଉ ବା ଭବିଷ୍ୟତ ଉଭୟ ଉପରେ ଆମର ସାମାନ୍ୟତମ ନିୟନ୍ତ୍ରଣ ନାହିଁ। ସମୟର ଯେଉଁ ଦିଗକୁ ଆମେ ଆବଶ୍ୟକତା ଅନୁଯାୟୀ ନିୟନ୍ତ୍ରଣ ଏବଂ ସଜାଡ଼ି ପାରିବା ତାହା ହେଉଛି ବର୍ତ୍ତମାନ। ଏହା ନିଶ୍ଚିତ ଯେ ବର୍ତ୍ତମାନକୁ ସୁନ୍ଦର ଭାବରେ ରଙ୍ଗ କରିବା ଏବଂ ସଜାଇବାରେ ଆମେ ଅତୀତର ସ୍ମୃତି, ଅଭିଜ୍ଞତା ଏବଂ ଭବିଷ୍ୟତ ପାଇଁ ନିର୍ମିତ କଳ୍ପନାର ସାହାଯ୍ୟ ନେଇପାରିବା। ବର୍ତ୍ତମାନର ପ୍ରତ୍ୟେକ ମୁହୂର୍ତ୍ତ ପାଇଁ ଜୀବନ ବହୁତ ଛୋଟ ଯାହାକୁ ଆମେ ସମ୍ପୂର୍ଣ୍ଣ ଖୁସି ଏବଂ ଉତ୍ସାହ ସହିତ ଖୋଲାଖୋଲି ଭାବରେ ବଞ୍ଚିବାକୁ ଚେଷ୍ଟା କରିବା ଉଚିତ। ଅତୀତ ସହିତ ଅନେକ ସକାରାତ୍ମକ ଏବଂ ନକାରାତ୍ମକ ଦିଗ ଜଡ଼ିତ। ଭଲ ଅଭିଜ୍ଞତା ଏବଂ ସ୍ମୃତି ଏହାର ସକାରାତ୍ମକ ଦିଗ। ବିଫଳତା, କଠିନ ସଂଘର୍ଷ ଏବଂ ଦୁଃଖ ଅତୀତର ନକାରାତ୍ମକ ଦିଗ ଗଠନ କରେ। ଏହା ସମ୍ପୂର୍ଣ୍ଣ ଭାବରେ ଆମର ବୁଦ୍ଧିମତ୍ତା ଏବଂ ଜ୍ଞାନ ଉପରେ ନିର୍ଭର କରେ ଯେ ଆମେ ଅତୀତର କେଉଁ ଦିଗକୁ ବ୍ୟବହାର କରି ବର୍ତ୍ତମାନ ସୃଷ୍ଟି କରୁଛନ୍ତି। ଭବିଷ୍ୟତ ସମ୍ପୂର୍ଣ୍ଣ ଭାବରେ ଆମ ନିୟନ୍ତ୍ରଣ ବାହାରେ। ଭବିଷ୍ୟତ ବିଷୟରେ ମନରେ ଆଶାର ଭାବନା ରଖିବା ଏବଂ ଏହା ଯୋଗୁ ବର୍ତ୍ତମାନକୁ ଅଣଦେଖା କରିବା ସମ୍ପୂର୍ଣ୍ଣ ମୂର୍ଖତା। କେବଳ ନିଜ ଲକ୍ଷ୍ୟ ସହିତ ଜଡ଼ିତ ଭଲ ଜିନିଷଗୁଡ଼ିକୁ କଳ୍ପନା କରି ଯୋଜନାବଦ୍ଧ ଭାବରେ ବର୍ତ୍ତମାନର ଚିତ୍ରରେ ସେମାନଙ୍କର ରଙ୍ଗ ପୂରଣ କରିପାରିବା। ଯେତେବେଳେ ବର୍ତ୍ତମାନ ଅତୀତରେ ପରିଣତ ହୁଏ ସେତେବେଳେ ଆମେ ଏହାର ପ୍ରକୃତ ସୌନ୍ଦର୍ଯ୍ୟ ଅନୁଭବ କରୁ। ଯେପରି




ବାଲ୍ୟଜୀବନ, ସାଙ୍ଗ ସାଥୀ ବିଦ୍ୟାଳୟ ସମୟ। ଅତୀତ ପାଇଁ ଅନୁତାପ ଏବଂ ଭବିଷ୍ୟତ ପାଇଁ ଚିନ୍ତା ଆମକୁ ଏପରି ଏକ ଘୂର୍ଣ୍ଣିବଳୟରେ ଠେଲି ଦିଏ ଯାହା ଆମ ସ୍ୱପ୍ନ ଏବଂ ଆକାଂକ୍ଷାରୁ ସବୁଦିନ ପାଇଁ ଦୂରେଇ ନେଇଯାଏ। ପରିପୂର୍ଣ୍ଣ ଜୀବନ ଅନୁଭବ କରିବାକୁ ହେଲେ ଅତୀତ ଏବଂ ଭବିଷ୍ୟତ ଉପରେ ଧ୍ୟାନ ନ ଦେଇ ବର୍ତ୍ତମାନର ସୌନ୍ଦର୍ଯ୍ୟକୁ ନିରନ୍ତର ଉପଭୋଗ କରିବା ଉଚିତ। ବର୍ତ୍ତମାନକୁ ଅଣଦେଖା କରିବା କୌଣସି ଦୃଷ୍ଟିକୋଣରୁ ଜ୍ଞାନର ଲକ୍ଷଣ ନୁହେଁ। ବର୍ତ୍ତମାନ ଏବଂ ବାସ୍ତବତା ଉଭୟ ପରସ୍ପରର ସମାର୍ଥକ। ଅତୀତ ବାସ୍ତବତାର କ୍ଷେତ୍ର ପାର ହୋଇ ସମୟ ଗର୍ଭରେ ଲୀନ ହୋଇସାରିଛି। ଭବିଷ୍ୟତ ଏପର୍ଯ୍ୟନ୍ତ ବାସ୍ତବତାରେ ପରିଣତ ହୋଇନାହିଁ। ତେଣୁ ଅତୀତ ଏବଂ ଭବିଷ୍ୟତ ସହିତ ବାନ୍ଧି ହୋଇ ବର୍ତ୍ତମାନର ସୌନ୍ଦର୍ଯ୍ୟକୁ ଭୁଲିଯିବା ଅବିବେକତା ଏବଂ ଅଦୂରଦର୍ଶିତାକୁ ପ୍ରତିଫଳିତ କରେ। ବର୍ତ୍ତମାନର ପ୍ରତ୍ୟେକ ମୁହୂର୍ତ୍ତ କ୍ଷଣସ୍ଥାୟୀ କିନ୍ତୁ ସୁନ୍ଦର ଜୀବନକୁ ପରିପ୍ରକାଶ କରିଥାଏ। ଆବଶ୍ୟକତା କେବଳ ଏହାକୁ ଚିହ୍ନିବା ଏହାର ଆଶ୍ଚର୍ଯ୍ୟଜନକ ସୌନ୍ଦର୍ଯ୍ୟରେ ହଜିଯିବା ଏବଂ ଜୀବନର ସେହି ମୂଲ୍ୟବାନ ମୁହୂର୍ତ୍ତରେ ଲୁଚି ରହିଥିବା ଆନନ୍ଦକୁ ଅନୁଭବ କରିବା। ଅତୀତକୁ ଝୁରିହେବା ଏବଂ ଭବିଷ୍ୟତ ବିଷୟରେ ଚିନ୍ତା କରିବା ନିଶ୍ଚିତ ଭାବରେ ଏହି ଅଭିଜ୍ଞତାରେ ଏକ ବଡ଼ ପ୍ରତିବନ୍ଧକ ହୋଇପାରେ। ଚିନ୍ତା, ଦୁଃଖ ଏବଂ ହତାଶା ଭଳି ଭାବନା ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ଆମେ ଅତୀତ ବିଷୟରେ ଅତ୍ୟଧିକ ଚିନ୍ତା କରୁ କିମ୍ବା ଭବିଷ୍ୟତ ବିଷୟରେ ଅଗଣିତ ଭିତ୍ତିହୀନ କଳ୍ପନାରେ ହଜିଯାଉ।

ବର୍ତ୍ତମାନ ଏପରି ଏକ ମୁହୂର୍ତ୍ତ ଯାହାକୁ ଆମର ଆଶା ଅନୁଯାୟୀ ଗଠନ କରିବା ସମ୍ପୂର୍ଣ୍ଣ ଭାବରେ ଆମ ନିୟନ୍ତ୍ରଣରେ। ଭବିଷ୍ୟତ ପାଇଁ ଯୋଜନା କରିବା ଠିକ୍ କିନ୍ତୁ ଏହା ଭାବିବା ମୂର୍ଖତା ଯେ ଭବିଷ୍ୟତ ଆମର ଚିନ୍ତାଧାରା ଅନୁସାରେ ଆକାର ନେବ। ଆନନ୍ଦର ଅନୁଭବ କେବଳ ବର୍ତ୍ତମାନ ଉପରେ ଧ୍ୟାନ ଦେଇ ହାସଲ କରାଯାଇପାରିବ। ଯଦି ଅତୀତ ଏବଂ ଭବିଷ୍ୟତ ସହିତ ଜଡ଼ିତ କୌଣସି ପ୍ରକାର ଚିନ୍ତାଧାରାର ହସ୍ତକ୍ଷେପ ନ ଥାଏ ତେବେ ବର୍ତ୍ତମାନର ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଶାନ୍ତି ଏବଂ ଖୁସିର ଅଗାଧ ଭଣ୍ଡାର।

ଜୀବନ ହେଉଛି ପ୍ରକୃତି ଦ୍ୱାରା ଦିଆଯାଇଥିବା ଅମୂଲ୍ୟ ଉପହାର ଏଥିପାଇଁ ପ୍ରତିଦିନ ହୃଦୟର ଗଭୀରରୁ ପ୍ରକୃତିକୁ ଧନ୍ୟବାଦ ଦେବା ଉଚିତ। ଅତୀତ ଏବଂ ଭବିଷ୍ୟତ ଚିନ୍ତାରୁ ମୁକ୍ତ ମନ ପ୍ରକୃତିର ନୀରବ ଶବ୍ଦ ଶୁଣିପାରେ। ଏହି ସନ୍ଦର୍ଭରେ ସନ୍ଥ କବୀରଦାସଙ୍କ ଏକ ପ୍ରସିଦ୍ଧ ଦୋହା ପ୍ରାସଙ୍ଗିକ। "ଯୋ କଲ କରେ ସୋ ଆଜ କର୍, ଆଜ କରେ ସୋ ଅବ" କାଲି ଯାହା କରିବାକୁ ଚାହୁଁଛନ୍ତି ଆଜି କରନ୍ତୁ। ଆଜିର କାମ ବର୍ତ୍ତମାନ। ଜୀବନ ଅନିଶ୍ଚିତ ମୁହୂର୍ତ୍ତରେ ବିପର୍ଯ୍ୟୟ ଆସିପାରେ। ତେଣୁ ଯାହା ବି କରିବାକୁ ଅଛି ତୁରନ୍ତ କରିବା ଉଚିତ। ଅନ୍ୟ ଅର୍ଥରେ ବର୍ତ୍ତମାନ ସହିତ ସଂଯୋଗ ଜୀବନକୁ ଠିକ୍ ଏବଂ ଅର୍ଥପୂର୍ଣ୍ଣ ଦିଗ ଦେଇଥାଏ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଏଇ ଭାରତରେ

ଚେନ୍ନାଇରେ ପ୍ରତିବର୍ଷ ୬୨ ମିଲିୟନ ଟନ୍ ବର୍ଜ୍ୟ ବାହାରୁଛି। ଏହା ପେରୁନଗୁଡ଼ି ଓ କୋଡୁନଗାୟୁରରେ ପର୍ବତ ଭଳି ଗଦା ହୋଇ ରହୁଛି। ଏହାକୁ ରିସାଇକ୍ଲିଂ କରି ପରିବେଶକୁ ସ୍ୱଚ୍ଛ କରିବା ପାଇଁ ଚେଷ୍ଟା କରୁଛି 'ବ୍ଲୁ ପ୍ଲାନେଟ ଏନ୍‌ଭାଇରନ୍‌ମେଣ୍ଟ ସଲ୍ୟୁସନ୍ସ' ସଂସ୍ଥା। ଏହି ସଂସ୍ଥା ପେରୁମୁଣ୍ଡାଇର ୯୬ ଏକର ପରିମିତ ଡମ୍ପିଂୟାର୍ଡରୁ ୧.୭ ମିଲିୟନ କ୍ୟୁବିକ ମିଟର ବର୍ଜ୍ୟକୁ ରିସାଇକ୍ଲିଂ କରି ସେଥିରୁ ବିଭିନ୍ନ ଦରକାରୀ ତଥା ସୁନ୍ଦର ଜିନିଷ ତିଆରି କରିପାରୁଛି। ଏହି ଡମ୍ପିଂୟାର୍ଡ ୨୦ଟି ଫୁଟବଲ ପଡ଼ିଆର ଆକାର ସହ ସମାନ। ଏଠାରୁ ସଂଗୃହୀତ ବର୍ଜ୍ୟକୁ ପ୍ରଥମେ ଅଲଗା କରାଯାଇ ତାହାକୁ ବିଶୋଧନ କରାଯାଇ ଅନେକ ସ୍ତରରେ ଏହାର ସୁରକ୍ଷା ମାନ ଯାଞ୍ଚ କରାଯାଉଛି। ପରେ ଷ୍ଟିଲରୁ ବାସନ ଓ ହାର୍ଡୱେର ଜିନିଷ ତିଆରି କରାଯାଉଛି। ପାଖାପାଖି ୩,୦୦୦ ଟନ୍ କାଚ ବର୍ଜ୍ୟରୁ କାଚ ବୋତଲ ତିଆରି ହୋଇଛି। ପଥରରୁ କଂକ୍ରିଟ ସ୍ଲାବ ଏବଂ ପ୍ଲାଷ୍ଟିକ ବର୍ଜ୍ୟରୁ ବିଭିନ୍ନ ଆଉଟଡୋର ଫର୍ନିଚର ପ୍ରସ୍ତୁତ ହେଉଛି। ପ୍ରତିଦିନ ପେରୁମୁଣ୍ଡାଇରୁ ୯,୦୦୦ ଟନ ବର୍ଜ୍ୟ ଉତ୍ତୋଳନ କରାଯାଇ କାମରେ ଲଗାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ସେପ୍ଟେମ୍ବର ୧୯୭୬

- କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାରେ ୬୧୦୦ କୂପ ଖନନ ଲାଗି ୬ଟି ଭୂଉନ୍ନୟନ ବ୍ୟାଙ୍କ ୧ କୋଟି ଟଙ୍କାରୁ ଅଧିକ ଅର୍ଥ ବିନିଯୋଗ କରିବା ନେଇ ନିଷ୍ପତ୍ତି ଗ୍ରହଣ।
- ବିହାର ବନ୍ୟା ପରିସ୍ଥିତି ସାଂଘାତିକ ହୋଇଥିବା ସ୍ଥଳେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ବିମାନବାହିନୀ ଓ ସାମରିକ ବାହିନୀକୁ ନିୟୋଜିତ କରାଯାଇଛି।

## ଚିରନ୍ତନୀ

କ୍ଷୁଦ୍ର ଆଖି ଦୁଇଟିର ମୂର୍ଖ ମୂକ ଭାଷା
ଜଗାଇଛି ଜଳେ ସ୍ଥଳେ
ଅନନ୍ତ ପିପାସା
ସୃଷ୍ଟିର ସହସ୍ର ଆୟୋଜନ
ନିତି ନବ ଉଦ୍ଭାବନ
ଶତ ଶତ କଳା କଉଶଳ
ସର୍ବ ନିମ୍ନେ ସେ ଚାହାଣି
ଦିଶେ ଦିଶେ ମତାଏ ସକଳ ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | | 1 | 8 |
| | 8 | | 7 | | | 3 | | |
| | | 5 | | 6 | | | | |
| | | | 1 | | | | 3 | |
| 3 | | 4 | | 2 | | | | |
| | 2 | | | | | 7 | 6 | |
| | | 7 | | | 5 | 2 | | |
| 8 | | | | | | 9 | | |
| 2 | | | | | 9 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 9 | 2 | 1 | 8 | 3 | 6 | 7 |
| 7 | 8 | 3 | 9 | 6 | 4 | 2 | 5 | 1 |
| 1 | 2 | 6 | 3 | 5 | 7 | 8 | 9 | 4 |
| 8 | 3 | 5 | 7 | 4 | 2 | 6 | 1 | 9 |
| 2 | 6 | 1 | 5 | 8 | 9 | 4 | 7 | 3 |
| 4 | 9 | 7 | 1 | 3 | 6 | 5 | 8 | 2 |
| 6 | 7 | 8 | 4 | 9 | 3 | 1 | 2 | 5 |
| 9 | 5 | 4 | 8 | 2 | 1 | 7 | 3 | 6 |
| 3 | 1 | 2 | 6 | 7 | 5 | 9 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧର୍ମ ନାମରେ ଅହଙ୍କାର

ମହାଶୟ,

ପାର୍ବଣ ଋତୁ ଆରମ୍ଭ ହୋଇ ଗଲାଣି। ବିଭିନ୍ନ ପୂଜା ମଣ୍ଡପ ମା' ଦୁର୍ଗାଙ୍କ ଶାରଦୀୟ ପୂଜା ରୀତିନୀତି ଅନୁସାରେ କରିବାକୁ ତତ୍ପର । ପୂଜା ସହିତ ସାଜସଜ୍ଜା, ଆକର୍ଷଣୀୟ ତୋରଣ, ମନୋରଞ୍ଜନ, ପ୍ରସାଦ ସେବନ, ନାଚ ଗୀତର ଆସର, ଭସାଣି ଯାତ୍ରାର ଆୟୋଜନର କାର୍ଯ୍ୟସୂଚୀ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରତିଯୋଗିତାମୂଳକ ଭାବେ ମୃଣ୍ମୟୀ ମୂର୍ତ୍ତିଙ୍କ ଉଚ୍ଚତା ବଢ଼ି ବଢ଼ି ଚାଲିଛି, ତୋରଣ ମଧ୍ୟ ସେହି ଅନୁପାତରେ ବଢୁଛି । ଜରି ମେଢ଼ରୁ ଚାନ୍ଦି, ଏବେ ସୁନା ମେଢ଼ ହେଲାଣି । ମାଆଙ୍କର ମୁକୁଟ ଅଳଙ୍କାର ସୁନା, ହୀରାରେ ପରିବର୍ତ୍ତିତ ହୋଇଛି । କିଛି ସ୍ଥାନରେ ପାରମ୍ପରିକ ପୂଜା, ପ୍ରସାଦ ସେବନ, ଭକ୍ତିର ଅଭୂତପୂର୍ବ ସମାରୋହ ଦେଖିବାକୁ ମିଳେ । କର୍ଣ୍ଣ ଫଟା ବାଦ୍ୟ, ଯନ୍ତ୍ର ସଂଗୀତ , ଭେଳିକି ଭେଳି ଆଲୋକ ପରିବେଶ ପ୍ରତି ବିପଦ ଆଣୁଛି। ଆତସବାଜି ତଥା ଅର୍ଦ୍ଧଉଲଗ୍ନ ନୃତ୍ୟ, ନିଶାସେବନ ସହିତ ଭସାଣି ଉତ୍ସବ କ'ଣ ଆମ ସଂସ୍କୃତି ପରମ୍ପରାକୁ ନିମ୍ନଗାମୀ କରୁ ନାହିଁ କି ? ଭକ୍ତ ଗଣ ଅନୁଭବ କରିବା ଉଚିତ ଯେ, ଆମ ମାନଙ୍କ ଶକ୍ତିରେ ଭକ୍ତି ନ ଥାଏ ବରଂ ଭକ୍ତିରେ ଶକ୍ତି ଥାଏ । ତେଣୁ ସନାତନ ଧର୍ମ ଅନୁସାରେ ସମସ୍ତଙ୍କୁ ସମ୍ମାନ ଦେଇ ପୂଜାର୍ଚ୍ଚନା କରାଯିବା ଉଚିତ । ପ୍ରତିଯୋଗିତା ମୂଳକ ପୂଜା ମଣ୍ଡପଗୁଡ଼ିକ ଉପରେ ତଥା ଶବ୍ଦ ପ୍ରଦୂଷଣ ବିରୋଧରେ ସରକାର ଅଙ୍କୁଶ ଲଗାଇବାର ଆବଶ୍ୟକତା ରହିଛି। ଗରିବ ଦୁଇ ଓଳି ଦୁଇମୁଠା ଖାଦ୍ୟ ପାଉ ନ ଥିବା ସମୟରେ ଆମ ଧର୍ମ କ'ଣ ଆମକୁ ଏହି ପ୍ରକାର ପ୍ରତିଯୋଗିତା ମୂଳକ ପୂଜା କରିବାକୁ ଶିକ୍ଷା ଦେଉଛି ?

– ବିଷ୍ଣୁ ପ୍ରସାଦ ଦାସ, ଝାଞ୍ଜିରୀ ମଙ୍ଗଳା, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅନାସ୍ଥାରେ 'ସାର'

ଭୁବନେଶ୍ୱର,୧୯।୯(ରବିନାରାୟଣ ଜେନା)

ମୌସୁମୀ ଅଧିବେଶନକାଳରେ କଂଗ୍ରେସ ସରକାରଙ୍କ ବିରୋଧରେ ଅନାସ୍ଥା ଆଣି ଯେଉଁ ବାହାବାଃ ନେବାକୁ ଭାବିଥିଲା ସେଥିରେ ସାର୍ କେଁ ପ୍ରସଙ୍ଗକୁ ଓଲଟପାଲଟ କରିଦେଇଛି। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଅଟଳ ରହିଥିବାବେଳେ ବିଜେଡି ସାର ପ୍ରସଙ୍ଗ ଫୋପାଡି ଗୋଳମାଳିଆ କରିଦେଇଛି। ଅନ୍ୟପକ୍ଷରେ ଶାସକଦଳ ଭାଜପା ଉଭୟ ବିରୋଧୀଙ୍କ ହଟ୍ଟଗୋଳରୁ ଫାଇଦା ନେବାକୁ ଯାଇ ଗୃହରେ ଅସ୍ୱାଭାବିକ ପରିସ୍ଥିତିକୁ ଦାୟୀ କରିଛି।

ଶୁକ୍ରବାର ଏନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ, ରାଜ୍ୟରେ ସରକାର ଲୋକଙ୍କ ଆସ୍ଥା ହରାଇଥିବାରୁ ଆମେ ଅନାସ୍ଥା ଆଣିଛୁ। ହେଲେ ସରକାର ଏହାକୁ ଗୃହରେ ଆଗତ କରାଇ ନ ଦେବାପାଇଁ ଷଡଯନ୍ତ୍ର ରଚିଛନ୍ତ। କାଡାମ କହିଛନ୍ତି ଯେ, କଂଗ୍ରେସ ହେଉଛି ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶର ଦଳ, ଯିଏ କି ଅହିଂସା ଉପରେ ବିଶ୍ୱାସ କରେ। ସେଥିପାଇଁ ଗୃହ ଆରମ୍ଭରୁ ଆମେ ଅନାସ୍ଥା ପ୍ରସ୍ତାବ ଆଲୋଚନା ନେଇ ବାଚସ୍ପତିଙ୍କୁ ଅନୁରୋଧ କରି ଆସୁଛୁ। ଗୃହରେ କୌଣସି ପ୍ରତିବାଦ

■ ସ୍ୱାଧିକାରଭଙ୍ଗ ସରକାରଙ୍କ ଷଡଯନ୍ତ୍ର: କଂଗ୍ରେସ
■ ପ୍ରଶ୍ନକାଳରେ ସାର ଆଲୋଚନା ଦାବି କଲା ବିଜେଡି
■ କଂଗ୍ରେସ ନୀତି ବିରୋଧୀ: ଭାଜପା

କରିନାହୁଁ କି ବିଶୃଙ୍ଖଳା କରିନାହୁଁ। ମାତ୍ର ବିଜେଡି ଗୃହରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରୁଥିବାବେଳେ ଭାଜପା ସଦସ୍ୟ କଂଗ୍ରେସ ସଦସ୍ୟଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ସମ୍ବିଧାନ ବିରୋଧୀ।

କାଡାମ ଆହୁରି କହିଥିଲେ, ସମ୍ବିଧାନର ବିଧିବ୍ୟବସ୍ଥା ଅନୁଯାୟୀ ଆମେ ଅନାସ୍ଥା ପ୍ରସ୍ତାବ ଆଣିଛୁ। ହେଲେ ସରକାର ଯେଉଁ ଭାବୁଛନ୍ତି ଯେ, ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣି କଂଗ୍ରେସକୁ ଦବାଇ ଦେବୁ ବୋଲି ତାହା ଆଦୌ ନୁହେଁ। କଂଗ୍ରେସ କାହା ଡରକୁ ଖାତିର କରିନାହିଁ। ଆମେ ଲୋକଙ୍କ ସହିତ ଅଛୁ, ଲୋକଙ୍କ ସ୍ୱରକୁ ଗୃହରେ ଉଠାଇବୁ ସେଥିପାଇଁ ବିଧିବ୍ୟବସ୍ଥା ଭିତରେ ଯାହା କରିବାକୁ ହେବ କରିବୁ ବୋଲି କାଡାମ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ ଅନାସ୍ଥା ପ୍ରସଙ୍ଗକୁ ଏଡାଇ ଦେଇ କହିଛନ୍ତି ଯେ, ପ୍ରଶ୍ନକାଳରେ ବିଜେଡି କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସାର୍ ପ୍ରସଙ୍ଗ ଉଠାଇଥିଲା। ଆବଶ୍ୟକୀୟ ସାର ମିଳୁ ନଥିବାରୁ ଚାଷୀମାନେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରୁଛନ୍ତି। ରାଜ୍ୟରେ ଚାଷୀଙ୍କ ସଂଖ୍ୟା ୬୦ ଭାଗ, ତେଣୁ ଚାଷୀଙ୍କ ସମସ୍ୟା ବାବଦରେ ଆଲୋଚନା ପାଇଁ ଆମେ ଦାବି କରିଥିଲୁ। କିନ୍ତୁ ବାଚସ୍ପତି ଅନ୍ୟ କାର୍ଯ୍ୟକ୍ରମ ଆରମ୍ଭ କଲେ। ଶନିବାରଠାରୁ ଯଦି ପ୍ରଶ୍ନକାଳ ବାତିଲ୍ କରି ଗୃହରେ ଆଲୋଚନା କରା ନ ଯାଏ ତା'ହେଲେ ଗୃହ ଚଳାଇ ଦେବୁନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି ଯେ,ବିଧାନସଭା ହେଉଛି ଗଣତନ୍ତ୍ରର ପବିତ୍ର ମନ୍ଦିର। ହେଲେ କଂଗ୍ରେସ ବିଧାୟକଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ଅଭିଯୋଗ ଆଣିବାର ମୁଖ୍ୟ କାରଣ ହେଉଛି ଯେ, ବାଚସ୍ପତି ଅନାସ୍ଥା ଗ୍ରହଣ କରିବା ପୂର୍ବରୁ କଂଗ୍ରେସ ଗଣମାଧ୍ୟମରେ କହିଛି। ଏହି ପ୍ରସ୍ତାବ ପ୍ରଥମେ ବିଧାନସଭା ଭିତରେ ଆଲୋଚନା ହେବା କଥା। ଏହା ବିଧାନସଭା ନୀତି ନିୟମ ବିରୋଧୀ ଓ ସରକାରଙ୍କ ସମ୍ମାନ ବିରୋଧୀ, ତେଣୁ ବାଚସ୍ପତିଙ୍କୁ ସ୍ୱାଧିକାର ଭଙ୍ଗ ନୋଟିସ୍ ଦିଆଯାଇଛି।

# କଦଳୀ ଗଛରୁ କପଡ଼ା

## ତାଇୱାନ୍ ଉଦ୍ୟୋଗୀଙ୍କ ସ୍ୱପ୍ନ: ପାଲଟିବେ ଗ୍ଲୋବାଲ ସପ୍ଲାୟର





ଚାଙ୍ଗହୁଆ,୧୯।୯(ରଏଟର୍ସ)

ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ବିଶ୍ୱରେ ଆଧିପତ୍ୟ ବିସ୍ତାର କରିଥିବା ତାଇୱାନ୍ ଏବେ କଦଳୀ ଗଛରୁ କପଡ଼ା ପ୍ରସ୍ତୁତି ଆରମ୍ଭ କରିଛି। ଉଦ୍ୟୋକ୍ତା ନେଲସନ ୟାଙ୍ଗ୍ ତାଇୱାନ୍‌ରେ ବହୁଳ ଅମଳକ୍ଷମ କଦଳୀକୁ ବ୍ୟବହାର କରି ଟେକ୍ସଟାଇଲ ଶିଳ୍ପକୁ ସମୃଦ୍ଧ କରିବା ପାଇଁ ବାହାରିଛନ୍ତି। ଚାଙ୍ଗହୁଆର କେନ୍ଦ୍ରୀୟ ଗ୍ରାମାଞ୍ଚଳରେ ୟାଙ୍ଗ୍‌ଙ୍କ ଫାର୍ମ ଟୁ ମ୍ୟାଟେରିଆଲର ମୁଖ୍ୟାଳୟ ରହିଛି। ଫାର୍ମ ଟୁ ମ୍ୟାଟେରିଆଲ ବାନାନା ଫାଇବରକୁ କପଡ଼ାରେ ପରିବର୍ତ୍ତିତ କରୁଛି। ୨୦୦୮ରେ ୟୁରୋପୀୟ (ସ୍ନିକର) ବ୍ରାଣ୍ଡଗୁଡ଼ିକ ଖାଦ୍ୟ ଓ ପୋଷାକ ତିଆରି ଉପାଦାନକୁ ଗୋଟିଏ ଭୂମିରୁ ଅମଳ କରିବାକୁ ଚାହୁଁଥିବା ୟାଙ୍ଗ୍‌ଙ୍କୁ କହିଥିଲେ। ତାକୁ ନେଇ ୟାଙ୍ଗ୍ ଓ ତାଙ୍କ ସହଯୋଗୀମାନେ ସେହି ଦିଗରେ କାର୍ଯ୍ୟରତ। ୧୮୯୫ ମସିହାରୁ ୧୯୪୫ ପର୍ଯ୍ୟନ୍ତ ତାଇୱାନ୍ ଏହାର ଫଳ ବିଶେଷକରି ପାଇନ୍‌ଆପଲ ଓ କଦଳୀକୁ ନେଇ ପରିଚିତ ଥିଲା। ୧୯୬୦ ଦଶକରେ ଦ୍ୱୀପରାଷ୍ଟ୍ର ନିଜକୁ 'ବାନାନା କିଙ୍ଗଡମ୍' ଘୋଷଣା କରିଥିଲା। ଉଦ୍ଦେଶ୍ୟ ଥିଲା, ରପ୍ତାନି ବୃଦ୍ଧି। କିନ୍ତୁ ପରବର୍ତ୍ତୀ ସମୟରେ ତାଇୱାନ୍ ଟେକ୍ ଶିଳ୍ପ ସମୃଦ୍ଧ ଦେଶରେ ପରିଣତ ହେଲା।

ୟାଙ୍ଗ୍‌ଙ୍କ କମ୍ପାନୀ କଦଳୀ ଗଛ ମଧ୍ୟଭାଗରେ ଥିବା ପଟୁକାକୁ ନେଇଥାଏ, ଯାହାକୁ ଅମଳ ପରେ ଫୋପାଡ଼ି ଦିଆଯାଇଥାଏ। ସେ ଏହି ପରିତ୍ୟକ୍ତ ଅଂଶକୁ ନେଇ ଶୁଷ୍କ କରି ଫାଇବର ବାହାର କରନ୍ତି, ଯହିଁରୁ କପଡ଼ା ତିଆରି କରାଯାଇଥାଏ। ଏହି ବ୍ୟବସାୟ ପୁରୁଣା ହୋଇ ନ ଥିବାରୁ କୌଣସି କମ୍ପାନୀ ପକ୍ଷରୁ ଏଯାଏ ଅର୍ଡର ମିଳିନାହିଁ। କିନ୍ତୁ ସେ ଦିନେ ଗ୍ଲୋବାଲ ସ୍ନିକର ବ୍ରାଣ୍ଡଗୁଡ଼ିକୁ କଦଳୀ ମଞ୍ଜି ଯୋଗାଇବେ ବୋଲି ଆଶାବାଦୀ ଥିବା ୟାଙ୍ଗ୍ କହିଛନ୍ତି।

# ସ୍କଟ୍‌ଲାଣ୍ଡରେ ପ୍ରଦର୍ଶିତ ହେଲା ଦୁର୍ଲଭ ଆବରନେଥି ମୁକ୍ତା

ଏଡିନ୍‌ବର୍ଗ, ୧୯।୯

ମଧୁରଜଳରୁ ମିଳୁଥିବା ବିରଳ ଆବରନେଥି ମୁକ୍ତାକୁ ଗୁରୁବାର ସ୍କଟ୍‌ଲାଣ୍ଡର ଏଡିନବର୍ଗସ୍ଥିତ ନ୍ୟାଶନାଲ ମ୍ୟୁଜିୟମ ଅଫ୍ ସ୍କଟ୍‌ଲାଣ୍ଡ (ଏନ୍‌ଏମ୍‌ଏସ୍)ରେ ପ୍ରଦର୍ଶିତ କରାଯାଇଛି। ୧୯୬୭ରେ ଟେ ନଦୀକୂଳରେ ଏହି ଦୁର୍ଲଭ ମୁକ୍ତା ଆବିଷ୍କୃତ ହୋଇଥିଲା। ଏହାର ଆବିଷ୍କାରକ ୱିଲିୟମ ଆବରନେଥିଙ୍କ ନାମରେ ମୁକ୍ତାର ନାମକରଣ ହୋଇଥିଲା। ପୂର୍ବରୁ ଅଳଙ୍କାର ବ୍ୟବସାୟ କରୁଥିବା ଆଲିଷ୍ଟିର ଉଡ୍ ଟେଟ୍ ଗତବର୍ଷ ନିଲାମରେ ୯୪ ହଜାର ୟୁରୋ ଦେଇ ଏହି ମୁକ୍ତା କିଣିଥିଲେ। ପରେ ସେ ଏହାକୁ ଏଡିନବର୍ଗସ୍ଥିତ ଏନ୍‌ଏମ୍‌ଏସ୍ ସଂଗ୍ରହାଳୟକୁ ଦାନ କରିଥିଲେ। ୧୧ ମି.ମି. ବ୍ୟାସ ଏବଂ ୪୩.୬ ଓଜନ ବିଶିଷ୍ଟ ଏହି ସମ୍ପୂର୍ଣ୍ଣ ଗୋଲାକାର ମୁକ୍ତା ୧୬୨୧ ପରଠାରୁ ସ୍କଟଲାଣ୍ଡରେ ଆବିଷ୍କୃତ ସବୁଠାରୁ ବଡ଼ ମୁକ୍ତା ବୋଲି ଉଡ୍ ଟେଟ୍ କହିଛନ୍ତି।



# ପିଜିଟି ଇଂଲିଶ ଶିକ୍ଷକଙ୍କ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,୧୯।୯(ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂଲିଶ ବିଭାଗର ସ୍ନାତକୋତ୍ତର ଶିକ୍ଷକ (ପିଜିଟିଏସ୍) ପାଇଁ ଦକ୍ଷତା ଆଧାରିତ ଶିକ୍ଷାଦାନ ଏବଂ ମୂଲ୍ୟାଙ୍କନ ଉପରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନଠାରେ ଆୟୋଜିତ ପାଞ୍ଚ ଦିନିଆ କର୍ମଶାଳା ଶୁକ୍ରବାର ଶେଷ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଜିମ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ପାର୍ଥ ସାରଥି ମିଶ୍ର ଏବଂ ଜେନି ଆଲେକ୍ସଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କର୍ମଶାଳାରେ ମାତୃଭାଷା ଶିକ୍ଷା ଲକ୍ଷ୍ୟ, ପାଠ୍ୟକ୍ରମ ଉଦ୍ଦେଶ୍ୟ, ଶ୍ରେଣୀଗୃହରେ ଉପୁଜୁଥିବା ବିଭିନ୍ନ ଆହ୍ୱାନ, ପ୍ରଶ୍ନପତ୍ର ବିଶ୍ଳେଷଣ, ଯୋଗାଯୋଗ ଦକ୍ଷତା ଏବଂ ମୂଲ୍ୟାଙ୍କନ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଇଂଲିଶ ଶିକ୍ଷାଦାନ ଏବଂ ମୂଲ୍ୟାଙ୍କନ ଅଭ୍ୟାସ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳୀ, ଉପ ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ପିଏମ୍‌ୟୁ ଅଧିକାରୀ ଡକ୍ଟର ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ମୋଟ ୫୦ଜଣ ପିଜିଟି ଶିକ୍ଷୟିତ୍ରୀଶିକ୍ଷକ ଭାଗ ନେଇଥିଲେ। ପିଜିଟି ଶିକ୍ଷୟିତ୍ରୀ ପ୍ରିସିତା ପରିଚାଳନା କରିଥିବା ବେଳେ ପ୍ରତିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୧୭ ବିଶ୍ୱବିଦ୍ୟାଳୟ: ୨୨୮୬ ଅଣଶିକ୍ଷକ, ୧୪୦୪ ଶିକ୍ଷକ ପଦବୀ ଖାଲି

ଭୁବନେଶ୍ୱର,୧୯।୯(ରବିନାରାୟଣ ଜେନା)

ରାଜ୍ୟରେ ସମୁଦାୟ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୨୨୮୬ଟି ଅଣଶିକ୍ଷକ(ନନ୍ ଟିଚିଂ)ପଦ ଖାଲି ପଡ଼ିଥିବାବେଳେ ୧୪୦୪ ଶିକ୍ଷକ ପଦ ଖାଲି ରହିଛି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଶୁକ୍ରବାର ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ରାଜ୍ୟରେ ସମୁଦାୟ ୧୭ଟି ବିଶ୍ୱବିଦ୍ୟାଳୟରେ ୩୧୭୪ଟି ମଞ୍ଜୁରପ୍ରାପ୍ତ ଅଣଶିକ୍ଷକ ପଦ ରହିଥିବାବେଳେ ମାତ୍ର ୮୮୮ଜଣ କାର୍ଯ୍ୟରତ ଅଛନ୍ତି ଏବଂ ଅବଶିଷ୍ଟ ୨୨୮୬ଟି ପଦ ଖାଲି ପଡ଼ିଛି। ସେଥିମଧ୍ୟରୁ ବାଣୀବିହାରରେ ୯୬୯ଟି ମଞ୍ଜୁରପ୍ରାପ୍ତ ପଦ ମଧ୍ୟରୁ ମାତ୍ର ୧୯୦ଜଣ କାର୍ଯ୍ୟରତ ରହିଥିବାବେଳେ ୭୭୯ଟି ପଦ ଖାଲି ପଡ଼ିଛି। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୫୦୦ ମଞ୍ଜୁରପ୍ରାପ୍ତ ପଦ ରହିଥିବାବେଳେ ୨୪୨ଜଣ କାର୍ଯ୍ୟରତ ଅଛନ୍ତି ଏବଂ ୨୫୮ଟି ପଦ ଖାଲି ପଡ଼ିଛି। ଅନୁରୂପ ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୧୯୯ଟି ପଦ ଖାଲି ପଡ଼ିଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୬୩ ପଦ ଖାଲିପଡ଼ିଛି। ଏହାବାଦ୍ ୧୩ଟି ବିଶ୍ୱବିଦ୍ୟାଳୟରେ ଅବଶିଷ୍ଟ ପଦ ଖାଲି ପଡ଼ିଛି।

ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୬ ଶିକ୍ଷକ ପଦ ଖାଲି ଥିବାବେଳେ ରେଭେନ୍‌ଶାରେ ୧୬୧, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୧୧୨, ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦୯, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦୬ ଏବଂ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ୧୧୧ ଶିକ୍ଷକ ପଦ ଖାଲି ରହିଛି। ଏହାବାଦ୍ ୧୧ଟି ବିଶ୍ୱବିଦ୍ୟାଳୟରେ ଅବଶିଷ୍ଟ ପଦ ଖାଲି ପଡ଼ିଛି।

ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମୋଟ ୮୨ ଗୋଟି ସରକାରୀ ମହାବିଦ୍ୟାଳୟ ମଧ୍ୟରୁ ୬୬ଟି ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଓ ୧୬ଟି ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ରହିଛି। ଉକ୍ତ ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ ୧୯୧୬ ଜଣ ଓଡ଼ିଶା ଶିକ୍ଷା ସେବା ବର୍ଗର ଅଧ୍ୟାପକ ଓ ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୩୦୫ ଜଣ ଓଡ଼ିଶା ଶିକ୍ଷା ସେବା ବର୍ଗର(ଟିଇ)ଅଧ୍ୟାପକ ଅଛନ୍ତି। ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ ୪୯୧ଟି ଓ ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୧୬୩ ଗୋଟି ଅଧ୍ୟାପକ ପଦବୀ ଖାଲି ଅଛି। ଚଳିତ ଶିକ୍ଷାବର୍ଷ (୨୦୨୫-୨୬) ପାଇଁ ସରକାରୀ ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକରେ ଯୁକ୍ତ୩ ସ୍ତରରେ ପାଠ ପଢ଼ାଇବା ପାଇଁ ୧୭୫୩ ଜଣ ଅତିଥି ଅଧ୍ୟାପକଙ୍କୁ ନିୟୋଜନ କରାଯାଇଛି। ସେହିପରି ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୮୧ ଜଣ ଅତିଥି ଅଧ୍ୟାପକଙ୍କୁ ନିୟୋଜନ କରାଯାଇଛି। ସରକାରୀ ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକରେ ଅତିଥି ଅଧ୍ୟାପକଙ୍କୁ ପ୍ରତି କ୍ଲାସ ପାଇଁ ୭୫୦ ଟଙ୍କା ହାରରେ ମାସିକ ସର୍ବାଧିକ ୩୫,୦୦୦ ଟଙ୍କା ପ୍ରଦାନ କରାଯାଉଛି। ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଅତିଥି ଅଧ୍ୟାପକଙ୍କୁ ମାସିକ ଏକୀକୃତ ୩୫,୦୦୦ଟଙ୍କା ପ୍ରଦାନ କରାଯାଉଛି। ରାଜ୍ୟର ସମସ୍ତ ସରକାରୀ ମହାବିଦ୍ୟାଳୟରେ ମଞ୍ଜୁରପ୍ରାପ୍ତ ୧୭୫୧ ଅଣଶିକ୍ଷକ ପଦବୀ ରହିଥିବାବେଳେ ସେଥିମଧ୍ୟରୁ ୬୮୮ ଜଣ କାର୍ଯ୍ୟରତ ଅଛନ୍ତି ଓ ୧୦୨୭ ଗୋଟି ପଦବୀ ଖାଲି ରହିଛି ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମଥାନେ ବାନ୍ଧିଲି ମେଣ୍ଟା**
**ଜବାବ ଦେଇ ଯା ନିଆଁଶା କଲୁ**
**କାଲି ବସେଇବି ହଟା।**

ଜବାବ ଦେଲେ କଥା ରଖିବାକୁ ପଡ଼େ। ଏଥିରୁ ଖିଲାପ ହେଲେ ଅପର ବ୍ୟକ୍ତିର ମନ ଉପରେ ଏହାର କୁପ୍ରଭାବ ପଡ଼ିଥାଏ। ମନ ପାଣିଚିଆ ହୋଇଯିବା ସହ ଏକପ୍ରକାର ବିତୃଷ୍ଣା ଭାବ ଆସିଯାଇଥାଏ। ଏପରିସ୍ଥଳେ କଥା ଦେଇ କଥା ରଖି ପାରୁ ନ ଥିବା ବ୍ୟକ୍ତି ପ୍ରତି ମନରେ କ୍ରୋଧ ଜାତ ହେବା ସହ ପ୍ରତିହିଂସା ଭାବ ସୃଷ୍ଟିହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଲ୍ଲୀ ଫୁଲ ମହକିଲା**
**କେଉଁ ରସିକକୁ ଅନାଇଥିଲୁ**
**ଓଦାଲୁଗା ଶୁଖିଗଲା।**

ମନର ମଣିଷ ସହ ଭେଟ ନ ହୋଇପାରିଲେ ପ୍ରେମୀ ମନ ଭାଙ୍ଗିଯାଏ। ମନ ଉଣା ହେବା ସହ ରାଗ ରୋଷ ବଢ଼ିଯାଏ। ପ୍ରେମରେ ପ୍ରତୀକ୍ଷା ସାଧାରଣତଃ ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ମନର ମଣିଷ ସହ ଭେଟ ହେବା ନେଇ ମନରେ ଅଙ୍କୁରନ୍ତି ଆଶା କିନ୍ତୁ ତାହା ଫଳପ୍ରସୂ ହୋଇ ନ ପାରିବା ଯୋଗୁ ପ୍ରେମୀ ହତାଶ ହୋଇପଡ଼ିଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓଡ଼ିଶା ପର୍ଯ୍ୟଟନ ତଥା ଶିମିଳିପାଳ ଅଭୟାରଣ୍ୟକୁ ନୂଆ ଦିଗନ୍ତ ମିଳିବ: ମନ୍ତ୍ରୀ

**ନ୍ୟାଶନାଲ ଜିଓଗ୍ରାଫିକ୍ କଭରପେଜ୍‌ରେ ଶିମିଳିପାଳ କଳାବାଘ**

ଭୁବନେଶ୍ୱର,୧୯।୯(ବନ୍ଦନା ସେଠୀ)

ନ୍ୟାଶନାଲ ଜିଓଗ୍ରାଫିକ୍ ପତ୍ରିକା ଅକ୍ଟୋବର ସଂସ୍କରଣର ପ୍ରଚ୍ଛଦପୃଷ୍ଠାରେ ଶିମିଳିପାଳର ବିରଳ କଳାବାଘ ସ୍ଥାନିତ ହୋଇଛି। 'ଦି ଟାଇଗର୍ସ ହୁ ଚେଞ୍ଜଡ୍ ଦେୟାର ଷ୍ଟ୍ରାଇପ୍‌ସ' (The Tigers Who Changed Their Stripes) ଶୀର୍ଷକ ଲେଖା ଶିମିଳିପାଳ ଅଭୟାରଣ୍ୟର ବିରଳ କଳାବାଘ ଏବଂ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ବାଘ ସ୍ଥାନାନ୍ତରଣ ପ୍ରକ୍ରିୟା ଉପରେ ପର୍ଯ୍ୟବସିତ। ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଓଡିଶା ଏକମାତ୍ର ସ୍ଥାନ ଯେଉଁଠି କଳାବାଘ ଅଛନ୍ତି। ନ୍ୟାଶନାଲ ଜିଓଗ୍ରାଫିକ୍ ମାଗାଜିନ୍ ଦ୍ୱାରା ମୟୂରଭଞ୍ଜର ବିରଳ କଳାବାଘଙ୍କ କାହାଣୀ ବିଶ୍ୱର କୋଟି କୋଟି ଲୋକ ପଢ଼ିବେ। ସେମାନେ ଓଡ଼ିଶା ଓ ଏହାର ପ୍ରାକୃତିକ ବିଭବ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରିବେ। ଏହା ଓଡିଶା ପାଇଁ ଗର୍ବର କଥା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶାର ସମୃଦ୍ଧ ବନ୍ୟଜନ୍ତୁ, ଜୈବ-ବିବିଧତା ଓ ପ୍ରକୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ନେଉଥିବା ବିଭିନ୍ନ ଉପଯୋଗୀ ଓ ସକାରାତ୍ମକ ପଦକ୍ଷେପ ସମ୍ପର୍କରେ ଏବେ ସାରା ବିଶ୍ୱ ଜାଣିବାକୁ ପାଇବ। ଓଡିଶା ପର୍ଯ୍ୟଟନ ବିଶେଷକରି ଶିମିଳିପାଳ ଅଭୟାରଣ୍ୟକୁ ଏକ ନୂଆ ଦିଗନ୍ତ ମିଳିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-30, ତା.11.09.2025ରିଖ

କାର୍ଯ୍ୟର ନାମ: ଏକ ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳ ଠାରେ ସିନିୟର ସେକ୍ସନ ଇଞ୍ଜିନିୟର / ସଙ୍କେତ / ରେଢ଼ାଖୋଲ ପରିସୀମା ଅଧିନସ୍ଥ ଜରପଡ଼ା - ସମ୍ବଲପୁର ସିଟି ସେକ୍ସନ ପାଇଁ ସଙ୍କେତ ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ : ₹ 52,35,958.89, ବିଡ୍ ସିକ୍ୟୁରିଟୀ: ₹ 1,04,700/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.10.2025ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ସଂକେତ), ସମ୍ବଲପୁର

PR-611/Q/25-26



No.O-743

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ - ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

NATIONAL COMPETITIVE BIDDING THROUGH e-Procurement
Bid Identification No. Online Tender/27-2025-26/BPR

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 27-2025-26/BPR | Bridge work under SETU BANDHANA YOJANA (SBY) & Road Works under MMSY-CMRL | 04 Nos | From Rs.316.47 lakhs to Rs.553.10 Lakhs | "A" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/27-2025-26/BPR | 23.09.2025 at 10.00 A.M. | 08.10.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer
R.W.Circle, Berhampur

OIPR-25071/11/0130/2526



No.O-767

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ - ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

NATIONAL COMPETITIVE BIDDING THROUGH GEPNIC e-Procurement
Bid Identification No. Online Tender/28-2025-26/BPR

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 28-2025-26/BPR | Bridge Works (SBY) for 2024-25 | 03 Nos | From Rs.313.35 lakhs to Rs.692.72 Lakhs | "A" Class or "Special" Class as applicable | 12 (Twelve) & 15 (Fifteen) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/28-2025-26/BPR | 25.09.2025 at 10.00 A.M. | 09.10.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer
R.W.Circle, Berhampur

OIPR-25071/11/0133/2526



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
PRODUCTION HEAD FOR A CNC MACHINE SHOP NEAR KOLKATA. EXPERIENCE AND EXPERTISE IN CNC & VMC PROGRAMMING, ACAD, CAM IS ESSENTIAL.
CONTACT:
ptchain@gmail.com, 9830042357

**STAFF REQUIRED**
ଜଗତ୍‌ସିଂହପୁର ବାଲିକୁଦାରେ Readymix Concreet Plantରେ କାର୍ଯ୍ୟ କରିବା ପାଇଁ experience Marketing, Manager, Quality Engineer, Supervisor ଏବଂ Accountant Staff ଆବଶ୍ୟକ।
ରହିବା ଓ ଖାଇବା ସୁବିଧା ଉପଲବ୍ଧ।
ଯୋଗାଯୋଗ: 9937499625

**JOB JOB !**
ଅଫିସ୍‌ରେ ଫୋନ କଲ୍ ଓ ବ୍ୟାକଏଣ୍ଡରେ କାମ କରିବା ପାଇଁ ପିଲା ଦରକାର। ଫାଇନାନ୍ସ କଲେକସନ ଏକ୍ସପେରିଏନ୍ସ ଓ ଏକ୍ସଲ କାମ ଜାଣିଥିଲେ ଭଲ।
Contact or Whatsapp
8339951120

**WANTED**
LADY OFFICE ASST.
Khaiba, Rahiba Free
10,000/- P.M.
Nakhara, Cuttack
7809525452



**कार्यपालक अभियंता का कार्यालय**
**भवन निर्माण विभाग, भवन प्रमंडल, गोड्डा**
(Email I.D- eebcdgodda@gmail.com / eengbcdgodda-jhr@nic.in)

**शुद्धि-पत्र**

एतद् द्वारा सूचित किया जाता है कि अपरिहार्य कारणवश e-Tender Reference No:- BCD/EE/08/Godda/2025-26, Date-29.08.2025 PR No.-360784 Building(25-26)D के द्वारा आमंत्रित ई-प्रोक्योरमेन्ट निविदा में निम्नलिखित को संशोधन किया जाता है :-

| | पूर्व की तिथि/समय | संशोधित तिथि/समय |
|---|---|---|
| वेबसाईट पर निविदा प्रकाशन की तिथि/समय | दिनांकः- 18.09.2025 समय :- 11:00 AM | दिनांकः- 25.09.2024 समय :- 03:00 PM |
| बिड प्राप्ति के लिए अन्तिम तिथि/समय | दिनांकः- 25.09.2025 समय :- 11:00 AM | दिनांकः- 07.10.2025 समय :- 03:00 PM |
| निविदा खोलने की तिथि/समय | दिनांकः- 26.09.2025 समय :- 12:00 PM | दिनांकः- 08.10.2025 समय :- 04:00 PM |

शेष यथावत् रहेगा।

कार्यपालक अभियंता
भवन प्रमंडल, गोड्डा

PR 362313 Building(25-26)#D



**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापताः आवश्यक सूचना**

गुमशुदा रायु मोदी उम्र-21 वर्ष।



सर्व साधारण को सूचित किया जाता है कि आवेदिका जीतनी मोदी के द्वारा अपने बेटे **रायु मोदी उम्र-21 वर्ष की गुमशुदगी** के संबंध में संबंधित थाना सिदगोड़ा में लिखित आवेदन दिये हैं। आवेदन में इनके द्वारा बताया गया कि **गुमशुदा रायु मोदी उम्र-21 वर्ष, पिता-स्व0 कर्मे मोदी, सा0-बाबूडीह, कानुमट्टा बस्ती, थाना-सिदगोड़ा, जिला-पूर्वी सिंहभूम, जमशेदपुर** जो 20-22 दिन पूर्व बिना किसी को बताये घर से निकला है और आज तक वापस नहीं आया है। परिवारवालों ने अपने स्तर से अगल-बगल एवं रिश्तेदारों के यहाँ काफी खोजबीन किया परन्तु कुछ पता नहीं चल सका। गुमशुदा का हुलिया निम्न प्रकार है :-**उम्र-करीब 21 वर्ष, कद-करीब 05 फीट, रंग-साँवला, बाल-काला, पहनावा-काला रंग का हाप पैंट एवं सैंडो गंजी, भाषा-हिन्दी।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657-2431006
पुलिस अधीक्षक नगर, पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, (मु0-01) : 9431706481
थाना प्रभारी, सिदगोड़ा : 9431706508

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 362409 Police(25-26)#D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

# ଶ୍ରୀମୟୀଙ୍କ ସପକ୍ଷରେ ବାହାରିଲେ ଦେବାଶିଷ

କଟକ,୧୯ା୯(ଶିକ୍ଷା ପ୍ରିୟଦର୍ଶିନୀ)

ବିଜେଡିର ଗୋଷ୍ଠୀ କନ୍ଦଳ ଏବେ ଧୀରେ ଧୀରେ ଜଟିଳ ହେବାରେ ଲାଗିଛି। ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ସପକ୍ଷରେ ବାହାରିଛନ୍ତି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ। ଶୁକ୍ରବାର ଦେବାଶିଷ କଟକ ରାଜାବଗିଚାସ୍ଥିତ କାର୍ଯ୍ୟାଳୟରେ ଖବରଦାତାଙ୍କ ପ୍ରଶ୍ନରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଶ୍ରୀମୟୀ ଯେତେବେଳେ ଯାହା କହିଛନ୍ତି ଠିକ୍ କହିଛନ୍ତି। ସେ ଯେଉଁ ସବୁ କଥା କହିଛନ୍ତି ସେଥିରେ ସତ୍ୟତା ରହିଛି। ଶ୍ରୀମୟୀଙ୍କୁ ନିର୍ଯାତନା ଦେଲେ, ଅବହେଳା କଲେ, ଟିକେଟ୍ ଦେବାକୁ କହି ତାଙ୍କୁ ଟିକେଟ୍ ମଧ୍ୟ ଦଳ ଦେଇନି। ସେ ଯେଉଁ ଅଭିଯୋଗ ଆଣିଛନ୍ତି ସବୁ ସତ। ପ୍ରଫୁଲ୍ଲ ମଲ୍ଲିକଙ୍କୁ ସସ୍ପେଣ୍ଡ କରିବା ଘଟଣାରେ ଦେବାଶିଷ କହିଛନ୍ତି, ପ୍ରଫୁଲ୍ଲ ଜଣେ ବରିଷ୍ଠ ନେତା, ତାଙ୍କୁ ସସ୍ପେଣ୍ଡ କରିବା ଆଦୌ ଠିକ୍ ନୁହେଁ। ବିଜେଡି ପାଇଁ ବହୁତ କାମ କରିଛନ୍ତି। ତାଙ୍କୁ ଦଳରୁ ସସ୍ପେଣ୍ଡ କରିବା ସମ୍ପୂର୍ଣ୍ଣ ଭାବେ ଭୁଲ୍ ନିଷ୍ପତ୍ତି। ସେହିଭଳି ଭାସ୍କର ରାଓଙ୍କ ଭଳି ପୁରୁଖା ନେତା ବିଜେଡି ଛାଡି ଚାଲି ଯାଉଛନ୍ତି। ଏହା ଦଳକୁ ଅନେକ କ୍ଷତି ପହଞ୍ଚାଇବ ବୋଲି ଦେବାଶିଷ କହିଛନ୍ତି। ଏହାସହ ବିଜେଡି ଉପସଭାପତି ପ୍ରତାପ ଜେନା ପ୍ରଫୁଲ୍ଲଙ୍କ ବିଷୟରେ ଦେଇଥିବା ମନ୍ତବ୍ୟକୁ ଦେବାଶିଷ ନାପସନ୍ଦ କରି କହିଛନ୍ତି, ପ୍ରତାପ ଜାଣି ନାହାନ୍ତି ଯେ ପ୍ରଫୁଲ୍ଲ ଗୋଟିଏ ସ୍ୱାଧୀନତା ସଂଗ୍ରାମୀ ପରିବାରର ଦାୟାଦ। ପ୍ରତାପ ଯାହା କହିଥିଲେ ସେଥିପାଇଁ ସେ ଅନୁତାପ କରି ସାରିଲେଣି ବୋଲି ଦେବାଶିଷ କହିଛନ୍ତି। ଅନ୍ୟପଟେ ଦେବାଶିଷଙ୍କୁ କଟକ ମେୟର ସୁବାସ ସିଂ ଟାର୍ଗେଟ କରି କହିଛନ୍ତି ଯେ, ସେ ଶ୍ରୀମୟୀଙ୍କୁ ସାର୍ଟିଫିକେଟ ଦିଅନ୍ତୁ, ଦଳ ବାବଦରେ ନୁହେଁ, ଦେବାଶିଷ ବାବୁ କେତେବେଳେ କେଉଁ ଅବସ୍ଥାରେ ଥାନ୍ତି, କ'ଣ କୁହନ୍ତି ସେ ଜାଣିଥିବେ, ଦଳର ସମସ୍ତ ନିଷ୍ପତ୍ତି ନବୀନ ବାବୁ ନିଅନ୍ତି ଏବଂ ଦଳ ନିଷ୍ପତ୍ତି ଅନୁସାରେ ଟିକେଟ ବଣ୍ଟାଯାଇଥିଲା। ଶ୍ରୀମୟୀ ଓ ପ୍ରଫୁଲ୍ଲଙ୍କୁ ଦଳ ଯଥେଷ୍ଟ ସମ୍ମାନ ଦେଇଛି। ସୁବିଧାବାଦୀ ନେତା ଦଳ ବିରୋଧରେ ମନ୍ତବ୍ୟ ଦେଉଛନ୍ତି। ଦଳର ଶୃଙ୍ଖଳା କମିଟି ଅଛି, ବିଶୃଙ୍ଖଳା କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୁବାସ କହିଛନ୍ତି। ସୂଚନାଥାଉକି, କିଛିଦିନ ପୂର୍ବରୁ ଧୃତରାଷ୍ଟ୍ର ଉପାଖ୍ୟାନ ପରେ ସାମାଜିକ ଗଣମାଧ୍ୟମରେ ଭଣ୍ଡ ସନ୍ୟାସୀ ପ୍ରସଙ୍ଗ ଉଠାଇ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ଚର୍ଚ୍ଚାକୁ ଆସିଥିଲେ। ଯାହାକୁ ନେଇ ବିଜେଡିର କନ୍ଦଳ ସୃଷ୍ଟି ହୋଇଥିଲା। ସେହିପରି ପ୍ରଫୁଲ୍ଲ ମଲ୍ଲିକଙ୍କୁ ପ୍ରତାପ ଜେନା କହିଥିଲେ ଯେ, ପ୍ରଫୁଲ୍ଲ ମଲ୍ଲିକ ଏ ଶତାବ୍ଦୀର ସବୁଠୁ ସୁବିଧାବାଦୀ ରାଜନେତା।


କଟକ ମେୟର ସୁବାସ ସିଂ।


ଦେବାଶିଷ ସାମନ୍ତରାୟ।

■ ପ୍ରଫୁଲ୍ଲଙ୍କୁ ସସ୍ପେଣ୍ଡ କରିବା ଆଦୌ ଠିକ୍ ନୁହେଁ

■ ଦେବାଶିଷଙ୍କୁ ଟାର୍ଗେଟ କଲେ ମେୟର ସୁବାସ

# ଭିଜିଲାନ୍ସ ଜାଲରେ କାଶୀପୁର ଫରେଷ୍ଟ ରେଞ୍ଜର

ରାୟଗଡ଼ା/ଟିକିରି/ ଦାରିଙ୍ଗବାଡି/ ବାଲିଗୁଡା,୧୯ା୯ (ଆଶିଷ ରଞ୍ଜନ ପଣ୍ଡା/ ପ୍ରଫୁଲ୍ଲ କୁମାର ବେହେରା/ ଅରୁଣ ସାହୁ/ସଞ୍ଜୟ ପାଣିଗ୍ରାହୀ)

## ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅନ୍ତର୍ଯାମୀ ଅଟକ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ରାୟଗଡ଼ା ବନଖଣ୍ଡ ଅନ୍ତର୍ଗତ କାଶୀପୁର ଫରେଷ୍ଟ ରେଞ୍ଜର ଅନ୍ତର୍ଯାମୀ ସାହୁଙ୍କ ସରକାରୀ ବାସଭବନ ସମେତ ୯ଟି ସ୍ଥାନରେ ଶୁକ୍ରବାର ସକାଳେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚ ସମୟରେ ତାଙ୍କ ନାଁରେ ବହୁସ୍ଥାନରେ କୋଠା ଓ ପ୍ଲଟ୍ ଥିବା ଠାବ କରାଯାଇଛି। ତଦନ୍ତ ଜାରି ରହିଥିବାବେଳେ ରେଞ୍ଜର ସାହୁଙ୍କୁ ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଟକ ରଖାଯାଇଥିବା ସୂଚନା ମିଳିଛି। ଭିଜିଲାନ୍ସ ବିଭାଗର ୭ଜଣ ଡିଏସ୍ପି, ୭ଜଣ ଇନ୍ସପେକ୍ଟର, ୯ଜଣ ଏଏସ୍ଆଇ ଏବଂ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ସକାଳ ୬ଟା ୩୦ରେ କାଶୀପୁରଠାରେ ରେଞ୍ଜର ସାହୁଙ୍କ ସରକାରୀ ବାସଭବନ, କାର୍ଯ୍ୟାଳୟ ସମେତ ପୈତୃକ ଘର କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଶ୍ରୀନିକେତ ଗୃହରେ ଚଢ଼ାଉ କରାଯାଇଛି। ଏହାସହ ବାଲିଗୁଡ଼ାର ଦୁଇଟି ସ୍ଥାନ, ଗଞ୍ଜାମ ଜିଲାର ଦୋମୁହାଁଣି ଓ କୁକୁଡ଼ାଖଣ୍ଡି ତହସିଲର ଯୋଗିଆପାଲି ଏବଂ ନୟାଗଡ଼ ଜିଲା କରଡ଼ାପଡ଼ାସ୍ଥିତ ଶ୍ୱଶୁରଘରେ ଏକକାଳୀନ ଚଢ଼ାଉ କରିଛି। ଭିଜିଲାନ୍ସ ଟିମ୍‌ର ଯାଞ୍ଚ ବେଳେ ବାଲିଗୁଡ଼ାଠାରେ ୨୨୫୦ ବର୍ଗଫୁଟ ଏବଂ ୧୦୦୦ ବର୍ଗଫୁଟର କୋଠା, ଶ୍ରୀନିକେତରେ ୧୭୦୦ ବର୍ଗଫୁଟର କୋଠା, ବ୍ରହ୍ମପୁର ଗେଟ୍ଟୋ ପାର୍କଠାରେ ୧୬୫୦ ବର୍ଗଫୁଟର ଏକ କୋଠା ଥିବା ସୂଚନା ମିଳିଛି। ସେହିଭଳି ୯ଟି ପ୍ଲଟ୍ ମଧ୍ୟରୁ ବାଲିଗୁଡ଼ାରେ ୬ଟି, ଯୋଗିଆପାଲିଠାରେ ଗୋଟିଏ ଏବଂ ଗଞ୍ଜାମ ଜିଲା କୋଡ଼ାଙ୍ଗି ଗ୍ରାମରେ ୨ଟି ଠାବ ହୋଇଛି। ଏହାବ୍ୟତୀତ ୨୭୩.୨୨ ଗ୍ରାମ ସୁନା, ବ୍ୟାଙ୍କ ଓ ପୋଷ୍ଟାଲ ଡିପୋଜିଟ୍ ବାବଦରେ ୨୭ଲକ୍ଷ ୯୯ ହଜାର ୬୫୯ ଟଙ୍କା, ଏକ ମୋଟରସାଇକେଲ ସମେତ ପ୍ରାୟ ୯ଲକ୍ଷ ୪୩ହଜାର ଟଙ୍କାର ଘରକରଣା ଜିନିଷ ଜବତ ହୋଇଛି।


ଅନ୍ତର୍ଯାମୀ ସାହୁ।

ଭିଜିଲାନ୍ସ ବିଭାଗର ତଥ୍ୟ ଅନୁସାରେ, ରେଞ୍ଜର ସାହୁ ୨୦୦୭ରେ ବନ ବିଭାଗରେ ଫରେଷ୍ଟର ଭାବେ ଚାକିରି ପାଇବା ପରେ ଭୁବନେଶ୍ୱରଠାରେ ଟ୍ରେନିଂ ନେଇଥିଲେ। ଏହାପରେ ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ କନ୍ଧମାଳ ଜିଲାର ବାଲିଗୁଡ଼ା, ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ଗୁଡ଼ୁଭିବ୍ଲକ୍, ୨୦୧୩ରୁ ୨୦୧୫ ପର୍ଯ୍ୟନ୍ତ କୋଟଗଡ଼ ଏବଂ ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ କେ.ନୁଆଗାଁଠାରେ ଫରେଷ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହାପରେ ଚାକିରିରେ ପଦୋନ୍ନତି ପାଇ ବାଲିଗୁଡ଼ା ଡିଏଫ୍ଓ କାର୍ଯ୍ୟାଳୟରେ ଡେପୁଟି ରେଞ୍ଜର ଭାବେ କାର୍ଯ୍ୟ କରିଥିଲେ। ସେଠାରୁ ପୁଣି ଥରେ ପଦୋନ୍ନତି ପାଇ ୨୦୨୩ରେ କାଶୀପୁର ରେଞ୍ଜର ଭାବେ ଦାୟିତ୍ୱ ଗ୍ରହଣ କରିଥିବା ନେଇ ଭିଜିଲାନ୍ସ ସୂଚନା ଦେଇଛି। ତେବେ କନ୍ଧମାଳ, ନୟାଗଡ଼, ଗଞ୍ଜାମ ଜିଲାରେ ତଦନ୍ତ କରୁଥିବା ଅଧିକାରୀ ଫେରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

## ୧୦ ଲକ୍ଷ କ୍ଷତିପୂରଣ ପାଇଁ ଓଏଚ୍ଆରସିଙ୍କ ନିର୍ଦ୍ଦେଶ

### ନରସିଂହପୁର ହାଜତ ମୃତ୍ୟୁ ମାମଲା

କଟକ,୧୯ା୯(କାର୍ତ୍ତିକ ସାହୁ)

କଟକ ଜିଲା ନରସିଂହପୁର ହାଜତ ମୃତ୍ୟୁ ମାମଲାରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆରସି) ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିବାରୁ ଅବଶିଷ୍ଟ ୮ ଲକ୍ଷ ଟଙ୍କା କ୍ଷତିପୂରଣ ୨ ମାସ ମଧ୍ୟରେ ଦେବା ପାଇଁ ଗୃହ ସଚିବଙ୍କୁ ଆଦେଶ ଦିଆଯାଇଛି। ମୋଟ କ୍ଷତିପୂରଣ ରାଶିରୁ ୭ ଲକ୍ଷ ଟଙ୍କା ଯେକୌଣସି ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା ଭାବେ ରଖାଯିବ ଓ ୧ ଲକ୍ଷ ଟଙ୍କା ମୃତକଙ୍କ ନିକଟ ଆତ୍ମୀୟଙ୍କୁ ଦେବାକୁ ଆଦେଶରେ ସ୍ପଷ୍ଟ କରାଯାଇଛି। ମାମଲା ବିବରଣୀରୁ ପ୍ରକାଶ ଯେ, ୨୦୧୬ ଡିସେମ୍ବର ୯ ତାରିଖ ରାତ୍ରିରେ ନରସିଂହପୁର ପୋଲିସ ମାଲିସାହିର ଆକୁଳ ଓରଫ ସରୋଜ ସେନାପତିଙ୍କୁ ଏକ ମାମଲାରେ ଗିରଫ କରିବାକୁ ଯାଇଥିଲେ। ଗିରଫ ପ୍ରକ୍ରିୟାରେ ଅସୁସ୍ଥ ହୋଇ ପଡ଼ିବାରୁ ଡିସେମ୍ବର ୧୦ ତାରିଖ ସକାଳେ ତାଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେହିଦିନ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡିସେମ୍ବର ୧୧ ତାରିଖ ରାତ୍ରିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ଶ୍ୱଶୁର ଏନେଇ ଦେଇଥିବା ଲିଖିତ ଅଭିଯୋଗ ଆଧାରରେ ପୋଲିସ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥଲା। ଏହା ଏକ ହାଜତ ମୃତ୍ୟୁ ମାମଲା ହୋଇଥିବାରୁ ବଡ଼ମ୍ବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମଧ୍ୟ ତଦନ୍ତ କରିଥିଲେ। ପୋଷ୍ଟମର୍ଟମ ରିପୋର୍ଟରେ କ୍ଷତଚିହ୍ନ ସହିତ ମସ୍ତିଷ୍କରେ ଆଘାତ ଯୋଗୁ ଆକୁଳଙ୍କ ମୃତ୍ୟୁ ହୋଇଛି ବୋଲି ଡାକ୍ତର ଦର୍ଶାଇଥିଲେ।

# ବିଜେଡି ନେତା ଦିଲୀପ ନାୟକଙ୍କୁ ଉଠାଇନେଲା ଇଓଡବ୍ଲ୍ୟୁ

କଟକ,୧୯ା୯(କାର୍ତ୍ତିକ ସାହୁ)

ବିଜେଡି ନେତା ଦିଲୀପ ନାୟକଙ୍କୁ କଟକ ବାଦାମବାଡ଼ିସ୍ଥିତ ତାଙ୍କ ବାସଭବନରୁ ଇକୋନୋମିକ ଅଫେନ୍‌ସେସ୍ ୱିଙ୍ଗ (ଇଓଡବ୍ଲ୍ୟୁ) ଶୁକ୍ରବାର ଉଠାଇ ନେଇଛି। ଇଓଡବ୍ଲ୍ୟୁ ଟିମ୍ ସଦସ୍ୟମାନେ ନାୟକଙ୍କ ବାସଭବନରେ ଚଢ଼ାଉ ପରେ ତାଙ୍କୁ ପଚରାଉଚରା କରିଥିଲେ। ଏହି ସମୟରେ ତାଙ୍କର ବିଭିନ୍ନ କାଗଜପତ୍ର ମଧ୍ୟ ଯାଞ୍ଚ କରିଥିଲା ଇଓଡବ୍ଲ୍ୟୁ ଟିମ୍। ଗତ ସାଧାରଣ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ନାୟକ ପୁରୀ ନିମାପଡ଼ା ବିଧାନସଭା ଆସନରୁ ଲଢୁଥିଲେ। ତେବେ ଏଭଳି ଚଢ଼ାଉ ପଛରେ ରହିଥିବା କାରଣ ସମ୍ପର୍କରେ ଅଦ୍ୟାବଧି କିଛି ସ୍ପଷ୍ଟ ହୋଇନାହିଁ। ଇଓଡବ୍ଲ୍ୟୁ ପକ୍ଷରୁ ମଧ୍ୟ କିଛି ସୂଚନା ଦିଆଯାଇନାହିଁ। ପରବର୍ତ୍ତୀ ସମୟରେ ଘଟଣା ସଂକ୍ରାନ୍ତରେ ସବୁ କିଛି ସ୍ପଷ୍ଟ ହୋଇପାରିବ ବୋଲି ଆଶା କରାଯାଉଛି।


## GOVERNMENT OF ODISHA
No.C-1115

### OFFICE OF THE SUPERINTENDING ENGINEER P.H. DIVISION, BHANJANAGAR AT CHATRAPUR

E-mail - eephchpr@gmail.com

**NATIONAL COMPETITIVE BIDDING THROUGH e-Procurement**

**Bid Identification No. 22-26/03/SPH(C)/2025-26 dt.15.09.2025**

| | | |
|---|---|---|
| 1 | Name of the work | 5 (Five) nos of works |
| 2 | Estimate cost | 14.19 lakh to 21.64 lakhs |
| 3 | date & time availability of bid document in the portal | From 11.00 A.M. of 19.09.2025 to 5.30 P.M. of 04.10.2025 |
| 4 | Last date / time of receipt of bid in the portal | 5.30 P.M. of 04.10.2025 |
| 5 | Date and time of opening of bids | 1.00 P.M. on dated 06.10.2025 |
| 6 | Name and address of the Officer inviting the bid | Superintending Engineer, P.H. Division, Bhanjanagar at Chatrapur |

Further details can be seen from the e-procurement portal https://www.tenderorissa.gov.in

Sd./- Additional Chief Engineer
OIPR-13013/11/0024/2526 P.H. Division, Bhanjanagar at Chatrapur

## THE ODISHA STATE COOPERATIVE BANK LTD.

Pandit Jawaharlal Nehru Marg, Bhubaneswar-751001

### ବିଶେଷ ସୂଚନା

No.LL-14:ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ, ଗ୍ରାହକ ଯେବେଠାରୁ ବ୍ୟାଙ୍କିଂ କରୁଥାନ୍ତୁ ନା କାହିଁକି, ବ୍ୟାଙ୍କର ସମସ୍ତ ନିୟମାବଳୀ ପୂରଣ କରିବା ପାଇଁ ପରିଚୟ ପ୍ରମାଣ, ଠିକଣା ପ୍ରମାଣ କରୁଥିବା କାଗଜପତ୍ର ସହ ଫଟୋ ଜରୁରୀ ଅଟେ । ଅତଏବ ଏ ପର୍ଯ୍ୟନ୍ତ ପରିଚୟ ପ୍ରମାଣପତ୍ର ଓ ସାମ୍ପ୍ରତିକ ଠିକଣା ସ୍ଥାପନ କରୁଥିବା କାଗଜ ସହ, ଏବେକାର ଦୁଇଟି ପାସପୋର୍ଟ ଫଟୋ ଜମା କରିନଥିବା ସମସ୍ତ ଗ୍ରାହକ ତା. ୨୫ ଅକ୍ଟୋବର ୨୦୨୫ ରିଖ ସୁଦ୍ଧା ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରି ନିଶ୍ଚିତ କରିବାକୁ ଅନୁରୋଧ ।
ସୂଚନାଯୋଗ୍ୟ: ଯଦି ସେଭିଂସ୍ ବା କରେଣ୍ଟ ଏକାଉଣ୍ଟ ଗତ ୨୪ ମାସଧରି ବ୍ୟବହୃତ ହେଉନଥିଲେ ତଥା ନିୟମାବଳୀ ପୂରଣ ହୋଇନଥିଲେ, କୌଣସି ସୂଚନା ନଦେଇ ସେହି ଏକାଉଣ୍ଟକୁ ଅଚଳ କରିଦିଆଯିବ ।

OIPR-39012/11/0022/2526 ସ୍ୱା./–ପରିଚାଳନା ନିର୍ଦ୍ଦେଶକ

## ODISHA PUBLIC SERVICE COMMISSION
### NOTICE

No.6732/PSC, Dt.18.09.25
(2PG-03-25/26, DR-I)

**TIME TABLE OF ODISHA CIVIL SERVICES (PRELIMINARY) EXAMINATION-2024, ADVT. NO.07 OF 2024-25**

**No.D-219:**It is for information of all concerned that, the Commission has decided to conduct the Odisha Civil Services (Preliminary) Examination-2024, pursuant to Advt. No.07 of 2024-25 on **12.10.2025 (Sunday)** in the six zones i.e. Balasore, Berhampur, Bhubaneswar, Cuttack, Jeypore & Sambalpur as per the following time table:-

| Date | Timing | Subject | No. of objective type questions with 'multiple choice answers' | Subject Code No. to be filled up in the OMR Answer Sheet |
|---|---|---|---|---|
| 12.10.2025 (Sunday) | 10.00 A.M. to 12.00 Noon | General Studies (Paper-I) | 100 | 01 |
| | 1.30 P.M. to 3.30 P.M. | General Studies (Paper-II) | 80 | 02 |

**N.B.:-** All the candidates belonging to PwD category will be given 40 minutes extra in each sitting i.e. 10.00 A.M. to 12.40 P.M. & 1.30 P.M. to 4.10 P.M.

2. "**Admission Certificates**" and "**Instructions to Candidates**" of all the admitted candidates will be available on the website of Commisison **w.e.f. 04.10.2025**. The candidates are advised to visit the website of the Commission at http://opsc.gov.in to download their "Admission Certificate" & "Instructions to Candidates".

OIPR-12002/11/0317/2526 **Sd./- Secretary**

## GOVERNMENT OF ODISHA
### COMMERCE & TRANSPORT (TRANSPORT) DEPARTMENT

Request For Proposal (RFP)
(Ref.No.11536 dated 17th September, 2025)

**"Providing Facility Management Services at Jeypore and Utkela Airports for a period of Three Years"**

**No.JJ-51:** The Director of Aviation, Directorate of Aviation, Government of Odisha invites proposals from eligible service providers for performing the Facility Management Services at Jeypore and Utkela Airports in the State, for three years extendable by another one year based on satisfactory performance.

Eligible and interested agencies may download the Request for Proposal (RFP) document which contains the details of the requirement from the following websites of Government of Odisha and submit their offer.

**https://tendersodisha.gov.in**
**https://ct.odisha.gov.in/tenders**

The responses are to be submitted online and queries, if any may be referred in writing to the Director of Aviation, Directorate of Aviation, Government of Odisha, BPI Airport, Bhubaneswar at the E-mail: orissa_aviation@yahoo.co.in, transcivilaviation@gmail.com

Proposals complete in all respect should reach the undersigned latest by **03.00 PM** on **16.10.2025 ("Bid Due Date" or "BDD").** Bids received after the BDD shall be summarily rejected. The authority reserves the right to reject any or all the proposals without assigning any reason thereof.

**Sd./- Special Secretary to Govt.**
**& Director of Aviation**
**Commerce & Transport (Transport) Department**
OIPR-38001/11/0044/2526 **Government of Odisha**

## ODISHA PUBLIC SERVICE COMMISSION CUTTACK
### NOTICE

**No. 6707 / P.S.C., Dt. 18.09.2025**
**PF1-1E-04-2025/26 (DR-III)**

**Recruitment to the post of**
**Assistant Conservator of Forests & Forest Ranger**
**(Advertisement No.08 of 2023-24)**

**No.D-217** : It is for all concerned that, the **Document Verification and Viva Voce Test/Personality Test** in respect of **422 (Four Hundred Twenty Two)** candidates, who have qualified in Physical Standard Test & Endurance (Walking) Test held from 14.07.2025 to 20.07.2025 & 11.09.2025 for recruitment to the post of **Assistant Conservator of Forests, (Group-A) (JB) & Forest Ranger, Group-B** of Odisha Forest Service under Forest, Environment & Climate Change Department, pursuant to Advertisement No. 08 of 2023-24 will be held from **14.10.2025 to 20.10.2025 (except 19.10.2025 i.e. Sunday)** in the Office of OPSC, 19, Dr. P.K. Parija Road, Cuttack-753001 as per the programme detailed below.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Session of Document Verification & Viva-Voce Test | ROLL No. of candidates |
|---|---|---|
| 14.10.2025 | Forenoon Session | 100117, 100174, 100241, 100468, 100533, 100535, 100602, 100692, 100760, 101005, 101014, 101260, 101329, 101391, 101862, 101956, 102042, 102132, 102232, 102252, 200099, 200252, 200578, 200934, 201058, 201153, 201459, 201577, 201579, 201658, 201739, 201752, 201964, 202135, 202171, 202286, 202296, 300025, 300034, 300042, 300045, 300125, 300128 & 300132 **= 44 Candidates** |
| | Afternoon Session | 300176, 300207, 300243, 300253, 300281, 300289, 300292, 300337, 300358, 300428, 300429, 300440, 300508, 300607, 300611, 300672, 300696, 300706, 300716, 300734, 300747, 300754, 300770, 300835, 300904, 300911, 300912 & 301049 **= 28 Candidates** |
| 15.10.2025 | Forenoon Session | 301053, 301102, 301126, 301148, 301157, 301161, 301345, 301365, 301370, 301374, 301386, 301420, 301479, 301531, 301538, 301593, 301626, 301659, 301670, 301692, 301705, 301709, 301740, 301766, 301779, 301900, 301936, 301947, 301949, 302025, 302031, 302044, 302129, 302178, 302253, 302263, 302322, 302368, 302402, 302453, 302457, 302459, 302524 & 302537 **= 44 Candidates** |
| | Afternoon Session | 302606, 302615, 302666, 302687, 302727, 302863, 302879, 302897, 302927, 302989, 303151, 303168, 303171, 303172, 303239, 303241, 303254, 303268, 303291, 303327, 303508, 303523, 303548, 303565, 303581, 303630, 303737 & 303741 **= 28 Candidates** |
| 16.10.2025 | Forenoon Session | 303746, 303759, 303762, 303909, 303915, 303929, 303937, 303986, 304011, 304018, 304086, 304107, 304147, 304209, 304234, 304263, 304282, 304288, 304305, 304309, 304335, 304345, 304394, 304397, 304427, 304428, 304442, 304551, 304605, 304676, 304679, 304701, 304706, 304724, 304727, 304755, 304758, 304793, 304804, 304806, 304820, 304823, 304906 & 304953 **= 44 Candidates** |
| | Afternoon Session | 304962, 304988, 305056, 305057, 305061, 305127, 305231, 305267, 305282, 305347, 305366, 305397, 305486, 305517, 305529, 305616, 305654, 305704, 305768, 305815, 305825, 305859, 305902, 305980, 305966, 305971, 306013 & 306030 **= 28 Candidates** |
| 17.10.2025 | Forenoon Session | 306093, 306129, 306145, 306157, 306208, 306217, 306284, 306304, 306344, 306438, 306490, 306516, 306531, 306548, 306611, 306630, 306641, 306659, 306687, 306760, 306950, 307048, 307049, 307071, 307120, 307124, 307125, 307175, 307232, 307237, 307328, 307415, 307530, 307544, 307690, 307695, 307709, 307766, 307842, 307866, 307945, 307964, 307977 & 307995 **= 44 Candidates** |
| | Afternoon Session | 308019, 308029, 308084, 308142, 308159, 308162, 308253, 308298, 308302, 308397, 308617, 308744, 308758, 308766, 308810, 308829, 308905, 308962, 308976, 309027, 309105, 309107, 309134, 309161, 309172, 309177, 309268 & 309283 **= 28 Candidates** |
| 18.10.2025 | Forenoon Session | 309328, 309355, 309405, 309429, 309433, 309480, 309494, 309539, 309592, 309658, 309660, 309662, 309688, 309754, 309787, 309789, 309864, 309884, 309888, 309944, 309955, 310000, 310062, 310066, 310133, 310135, 310153, 310265, 310269, 310272, 310359, 310398, 310401, 310418, 310422, 310439, 310510, 310532, 310538, 310610, 310700, 310716, 310777 & 310805 **= 44 Candidates** |
| | Afternoon Session | 310896, 310951, 310967, 311072, 311141, 311144, 311232, 311277, 311361, 311425, 311427, 311566, 311568, 311635, 311650, 311689, 311757, 311766, 311825, 400018, 400161, 400172, 400256, 400319, 400375, 400396, 400452 & 400489 **= 28 Candidates** |
| 20.10.2025 | Forenoon Session | 400586, 400632, 400633, 400639, 400767, 400815, 400817, 400903, 400931, 400960, 400993, 401083, 401118, 401453, 401501, 401554, 401635, 401727, 401841, 401855, 401887, 401890, 401965, 401997, 402373, 402374, 402387, 402432, 402509, 402631, 402787, 402846, 402931, 402966, 403045, 403077, 403229, 403264, 403361, 403653, 500026, 500281, 500385 & 500402 **= 44 Candidates** |
| | Afternoon Session | 500517, 500965, 501130, 501189, 501304, 501407, 501595, 501865, 502578, 502874, 503024, 503032, 503451, 503513, 503548, 503780, 503792 & 504047 **= 18 Candidates** |

**N.B. - The Time of Reporting, Time of Document Verification & Time of Viva-Voce Test/ Personality Test in respect of Forenoon Session and Afternoon Session are mentioned below".**

| Session | Time of Reporting | Time of Document Verification | Time of Viva-Voce Test/ Personality Test |
|---|---|---|---|
| Forenoon Session | 08.00 A.M. | 08.30 A.M. | 10.30 A.M. |
| Afternoon Session | 12.00 Noon | 12.30 P.M. | 02.30 P.M. |

The candidates are required to bring the following Original Documents along with a set of self-attested photocopies of the following Certificates/Documents at the time of Document Verification (All the Certificates/ Documents should be issued within the last date of submission of Online Application i.e. 29.06.2023) failing which their candidature will be rejected.

1. Hard Copy of Online Application form mentioning **Roll No.** at the Top **Right-hand Corner**. (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. **H.S.C. or Equivalent** Certificate in support of declaration of age.
3. **Intermediate/ +2 Examination** Certificate issued by the concerned Board/Council.
4. **Bachelor's Degree** Certificate.
5. **Mark Sheets** in support of all the Examinations (H.S.C to Degree) including fail marks, if any, issued by the concerned Board/Council/University.
6. **Three (03)** passport size photographs (Unsigned & Unattested) which has been uploaded with application form.
7. **Caste Certificate by birth** in support of claim as SEBC/ST/SC whichever applicable. SEBC Certificate must be issued within the last three years from the closing date for submission of the Online Application Form. (which has been uploaded with online Application Form)
8. Required **Odia Test Pass** Certificate as per Para-10(ii) of the Advertisement, wherever applicable.
9. **Permanent Disability** Certificate (indicating Percentage of Permanent Disability i.e. **40% and more**), wherever applicable.
10. Discharge Certificate of **Ex-Servicemen** issued by the Commanding Officer of the Unit last served. Ex-Servicemen candidates must submit an Affidavit undertaking that he/she has not been appointed against any' 'civil post'after retirement from 'military service', wherever applicable.
11. Identity Card of **Sports Persons** issued by the Director of Sports Odisha, wherever applicable.
12. Any proof of Identity.
13. Any other Documents as per Para-12 of the Advertisement.
14. Attestation Form duly filled in by the candidate and signed by the Gazetted Officer (downloaded from the website of the OPSC)
15. Candidate Information Form (CIF)/ Bio-data form duly filled in affixed with passport size Photograph (downloaded from the website of the OPSC)

The candidates are required to mention **"Submitted by me and certified as genuine and has not been cancelled"** and put their **full signature and date** on the same.

**OIPR-12002/11/0316/2526** **Sd./- Secretary**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-1801

## OFFICE OF THE DIVISIONAL HEAD, IDCO ROURKELA DIVISION ROURKELA-769004

**Tender Call Notice No.IDCO/RKL/CIV/E/1913/2025-2026/ 1815**
**Dtd:- 17.09.2025**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of Work | Value of Work (Approx.) | Period of Comple-tion |
|---|---|---|---|
| 1. | Construction of proposed Substation Control room at worker's hostel at Kalunga, Rourkela | Rs.19.91 Lakhs | 02 (Two) Calendar Months |

**1. Other details**

| Procurement Officer | Bid Reference No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, IDCO, Rourkela Division, Rourkela | Bid Ref.No. DH/RKL/ CIV//E-02/ 2025-26 | 17.00 Hours of dt.20.09.2025 | 17.00 Hours of dt.25.09.2025 |

**Further details can be seen from the e-ProcurementPortal.www.tendersodisha.gov.in.** Corrigendum or addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.

**Sd./-Divisional Head**
OIPR-14003/11/0239/2526 **IDCO, Rourkela Division**

## GOVERNMENT OF ODISHA
No.O-814

### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

e-mail : serwsbd2003@yahoo.com

**Letter No. : 3325** **Date :15.09.2025**

**1st Corrigendum**

In continuation to this office Bid Identification No. CCERWCSBD-Online-14/2025-26 invited vide this office Notice No.3104 Dtd.25.08.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 03.09.2025 at 11.00 AM to 17.09.2025 up to 5.00 PM | Extended up to 04.10.2025 5.00 PM |
| 2 | Date and Time of seeking tender clarification if any | 16.09.2025 up to 2.00 PM | 03.10.2025 up to 2.00 PM |
| 3 | Date & Time of opening of tender (Technical Bid) | 18.09.2025 at 11.00 AM | 06.10.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

**Sd./- Chief Construction Engineer,**
OIPR-25182/11/0083/2526 **RW Circle, Sunabeda**

## GOVERNMENT OF ODISHA
No.O-

### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

e-mail : serwsbd2003@yahoo.com

**Letter No. : 3316** **Date : 15.09.2025**

**2nd Corrigendum**

In continuation to this office Bid Identification No. CCERWCSBD-Online-11/2025-26 invited vide this office Notice No.2747 Dtd.31.07.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per 1st Corrigendum | Time Schedule as per 2nd Corrigendum |
|---|---|---|---|---|
| 1 | Availability of Tender online for bidding | 08.08.2025 at 11.00 AM to 29.08.2025 up to 5.00 PM | Extended up to 19.09.2025 5.00 P.M. | Extended up to 04.10.2025 5.00 PM |
| 2 | Date and Time of seeking tender clarification if any | 26.08.2025 up to 2.00 PM | 18.09.2025 up to 2.00 P.M. | 03.10.2025 up to 2.00 P.M. |
| 3 | Date & Time of opening of tender (Technical Bid) | 30.08.2025 at 11.00 AM | 20.09.2025 at 11.00 A.M. | 06.10.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

**Sd./- Chief Construction Engineer,**
OIPR-25182/11/0085/2526 **RW Circle, Sunabeda**

# ପୁଣି ତଦନ୍ତ ପାଇଁ ୨ ଭଉଣୀ ଖୁଣ୍ଟୁଣୀ ଥାନାର ଦ୍ୱାରସ୍ଥ

## ଦୀପକଙ୍କ ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ମୃତ୍ୟୁ ଘଟଣା

ଖୁଣ୍ଟୁଣୀ,୧୯।୯ (ସଚ୍ଚିଦାନନ୍ଦ ପଣ୍ଡା)

ମହିଳା କନ୍‌ଷ୍ଟେବଲ ଶୁଭମିତ୍ରା ସାହୁଙ୍କ ହତ୍ୟାକାଣ୍ଡ ଘଟଣା ଚର୍ଚ୍ଚାରେ ଥିବା ବେଳେ ହାଜତରେ ଥିବା ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଦୀପକ ରାଉତଙ୍କ ଅଡୁଆ ବଢିବାରେ ଲାଗିଛି। ୩ ବର୍ଷ ତଳେ ଦୀପକଙ୍କ ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ରହସ୍ୟମୟ ମୃତ୍ୟୁ ଘଟଣାର ଫାଇଲ୍ ପୁଣି ଥରେ ଖୋଲିବ ବୋଲି ଚର୍ଚ୍ଚା ହେଉଛି। ଅପର୍ଣ୍ଣାଙ୍କୁ ହତ୍ୟା କରି ଦୀପକ ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଏହିଭଳିସ୍ଥିତିରେ ଗୁରୁବାର ଅପର୍ଣ୍ଣାଙ୍କ ଦୁଇ ସାନ ଭଉଣୀ ରୋଜାଲିନ ଓ ରୂପାଲିନ ରାଉତ ଦୀପକଙ୍କ ଉପରେ ସନ୍ଦେହ କରି ଖୁଣ୍ଟୁଣୀ ଥାନାରେ ଘଟଣାର ପୁଣି ତଦନ୍ତ କରିବାକୁ ଏତଲା ଦେଇଛନ୍ତି। ଅପର୍ଣ୍ଣାଙ୍କୁ ଦୀପକ ୨୦୨୨ ମାର୍ଚ୍ଚ ୧୭ ରାତିରେ ଖୁଣ୍ଟୁଣୀ ନିକଟ ରାଧାକିଶୋରପୁର ନିକଟରେ ହତ୍ୟାକରି ଚତୁରତାର ସହିତ ଦୁର୍ଘଟଣାରୁ ମୃତ୍ୟୁ ହୋଇଛି ବୋଲି ଥାନାରେ ଏତଲା ଦେଇ ନିଜକୁ ଦୋଷମୁକ୍ତ କରି ଦୁଇବର୍ଷ ହେଲା ବୁଲୁଛନ୍ତି ବୋଲି ଏତଲାରେ ଦର୍ଶାଯାଇଛି। ସେଦିନ ଆମ ଘରକୁ ଦୀପକ ଫୋନ କରି ଅପର୍ଣ୍ଣାଙ୍କ ଦୁର୍ଘଟଣା ହୋଇଛି ଓ ତାଙ୍କୁ ଏସସିବି ମେଡିକାଲକୁ ନେଇଛି ବୋଲି କହିଥିଲେ। ପରିବାର ଲୋକେ ଏସ୍‌ସିବିରେ ଖୋଜି ଫୋନ କରିବାରୁ ଦୀପକ ଅଶ୍ୱିନୀ ହସ୍ପିଟାଲକୁ ଆଣିଛି କହିଥିଲେ। ଅଶ୍ୱିନୀରେ ଦେଖିବାକୁ



ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ଭଉଣୀ ଖୁଣ୍ଟୁଣୀ ଥାନାକୁ ଏତଲା ଦେବାକୁ ଆସିଛନ୍ତି।

ପାଇଥିଲେ ତାଙ୍କ ଭଉଣୀ ମରି ପଡିଛନ୍ତି। ପରେ ଦୀପକ ପରିବାର ଲୋକଙ୍କୁ ବୁଝାଇଶୁଝାଇ ଘରକୁ ପଠାଇ ଦେଇଥିଲେ। ଏପରିକି ଦୀପକଙ୍କ ସହିତ ଏକ ମାଟ୍ରିମନି ସଂସ୍ଥା ଜରିଆରେ ତାଙ୍କ ଭଉଣୀ ଅପର୍ଣ୍ଣା ୨୦୧୮ ଏପ୍ରିଲ ୨୫ରେ ବିବାହ କରିଥିଲେ। ଏହାର ତିନି ମାସ ପରେ ଦୀପକ ଓ ଅପର୍ଣ୍ଣାଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଦୀପକ କମିଶନରେଟ ପୋଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଧରମଭଉଣୀ ଅପର୍ଣ୍ଣାଙ୍କୁ ମାନସିକସ୍ତରେ ନିର୍ଯାତନା ଦେଉଥିବା ଅପର୍ଣ୍ଣା ତାଙ୍କ ମାମୁ ପୁଅ ଭାଇଙ୍କୁ କହିଥିଲେ। ତାଙ୍କ ଭଉଣୀଙ୍କ ପ୍ରଥମ ଗର୍ଭ ନଷ୍ଟ ହୋଇଯାଇଥିଲା ଓ ସେ ମୃତ୍ୟୁ ବେଳେ ଗର୍ଭବତୀ ଥିଲେ ବୋଲି ତାଙ୍କ ୨ ଭଉଣୀ ଖୁଣ୍ଟୁଣୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଖୁଣ୍ଟୁଣୀ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ଉଚ୍ଚ ପୋଲିସ ଅଧିକାରୀଙ୍କ ସହିତ ଆଲୋଚନ କରି ଯାହା ପଦକ୍ଷେପ ଗ୍ରହଣ କରାଯିବ। ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ମଧ୍ୟ ଖୁଣ୍ଟୁଣୀ ଥାନାକୁ ଆସି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା ସେ କହିଛନ୍ତି।

## ଏସ୍‌ଟିଏଫ୍ ପଞ୍ଝାରେ ବ୍ରାଉନସୁଗାର ଡିଲର

ଭୁବନେଶ୍ୱର,୧୯।୯ (ସତ୍ୟଜିତ୍ ରାଉତ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପଞ୍ଝାରେ ଧରାପଡିଛନ୍ତି ଜଣେ ବ୍ରାଉନସୁଗାର ବେପାରୀ। ଧଉଳି ଶାନ୍ତି ସ୍ତୁପ ନିକଟରେ ଶୁକ୍ରବାର ସକାଳେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ହଳଦୀପଡ଼ିଆ ବସ୍ତିରେ ରହୁଥିବା ନୟାଗଡ଼ ଜିଲା ଫତେଗଡ଼ ଅଞ୍ଚଳର ଅଜୟ କୁମାର ପଣ୍ଡା। ତାଙ୍କ ନିକଟରୁ ୧୨୧ ଗ୍ରାମ୍ ଓଜନର ବ୍ରାଉନସୁଗାର, ଗୋଟିଏ ମୋବାଇଲ ଓ ୧ ହଜାର ଟଙ୍କା ଜବତ ହୋଇଛି। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ.୨୦/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ୧୦ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୯(ସତ୍ୟଜିତ୍ ରାଉତ)

୧୦ ଲକ୍ଷ ଟଙ୍କା ନେଇ ଠକିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ମହତାବ ରୋଡ୍‌ର ଆଶୁତୋଷ ଆଚାର୍ଯ୍ୟ (୪୭)। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଗୋପନ ମାର୍ଥା (୩୫) ବାଲି, ଚିପ୍ସ ଏବଂ ପଥର ବ୍ୟବସାୟ କରନ୍ତି। ଆଶୁତୋଷ ଜରୁରୀ ଆବଶ୍ୟକତା ଥିବା କହି ୧୦ ଲକ୍ଷ ଟଙ୍କା ସୁଧରେ ଦେବାକୁ ତାଙ୍କୁ କହିଥିଲେ। ସୁଧ ସହିତ ପରିଶୋଧ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଗୋପନଙ୍କଠାରୁ ଟଙ୍କା ପାଇବା ପରେ ଆଶୁତୋଷ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ ଏତଲାକ୍ରମେ ୨୦୨୪ ନଭେମ୍ବର ୧୩ରେ ପୋଲିସ ମାମଲା (ନଂ.୫୮୦/୨୦୨୪) ରୁଜୁ କରି ତଦନ୍ତ କରିଥିଲା।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
No.O-812

e-mail : serwsbd2003@yahoo.com

Letter No. : 3307 Date : 15.09.2025

2nd Corrigendum

In continuation to this office Bid Identification No. CCERWCSBD-Online-10/2025-26 invited vide this office Notice No.2759 Dtd.31.07.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per 1st Corrigendum | Time Schedule as per 2nd Corrigendum |
|---|---|---|---|---|
| 1 | Availability of Tender online for bidding | 08.08.2025 at 11.00 AM to 29.08.2025 up to 5.00 PM | Extended up to 19.09.2025 5.00 P.M. | Extended up to 04.10.2025 5.00 PM |
| 2 | Date and Time of seeking tender clarification if any | 26.08.2025 up to 2.00 PM | 18.09.2025 up to 2.00 P.M. | 03.10.2025 up to 2.00 P.M. |
| 3 | Date & Time of opening of tender (Technical Bid) | 30.08.2025 at 11.00 AM | 20.09.2025 at 11.00 A.M. | 06.10.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer,
RW Circle, Sunabeda

OIPR-25182/11/0087/2526


# ଜେରା ହେବେ ଦୀପକଙ୍କ ପରିବାର ସଦସ୍ୟ

## ରେଡ୍ ଫ୍ଲାଗ୍ ଶ୍ରେଣୀଭୁକ୍ତ ହେଲା କନ୍‌ଷ୍ଟେବଲ ଶୁଭମିତ୍ରା ହତ୍ୟା ମାମଲା

ଭୁବନେଶ୍ୱର,୧୯।୯ (ସତ୍ୟଜିତ୍ ରାଉତ)

ଅନୁଗୋଳ, କଟକ, ବୌଦ୍ଧ ଓ ନୟାଗଡ଼ ଜିଲାରେ ଥିବା ସାତକୋଶିଆ ଅଭୟାରଣ୍ୟର ବିସ୍ତୃତ ଅଞ୍ଚଳରେ ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ରହିଛି। ଏହି ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ଭିତରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରାୟ ୧୦୦ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ ଅନେକ ମଡେଲ ପ୍ରସ୍ତୁତ କରିଥିଲେ ପର୍ଯ୍ୟଟନ ଓ ବନବିଭାଗ କର୍ତ୍ତୃପକ୍ଷ। ଏପରିକି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଉପରୋକ୍ତ ୪ ଜିଲାର ଜିଲାପାଳ ଏବଂ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଏନ୍ଓସି ପ୍ରଦାନ କରିଥିଲେ। ଏହାପରେ ପ୍ରାୟ ୧୦୦ କୋଟିର ନିର୍ମାଣ କାର୍ଯ୍ୟ ପାଇଁ ଓବିସିସିକୁ ଦାୟିତ୍ୱ ଦିଆଯାଇଥିଲା। ତେବେ ଏହି ପ୍ରଶାସନିକ ଅନୁମୋଦନ ବାତିଲ କରାଯାଇଥିବା ନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗତ ୧୩ ତାରିଖରେ ମ୍ୟାନେଜିଂ ଡାଇରେକ୍ଟର ଓବିସିସିଙ୍କ ନିକଟକୁ ପତ୍ର ଲେଖାଯାଇଛି। ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ଭିତରେ ପ୍ରକଳ୍ପ ନିର୍ମାଣ କରୁଥିବା ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ (ଓବିସିସି) ଲିମିଟେଡ୍କୁ ଏହି ଚିଠି (ନଂ. ୧୧୧୩୪) କରାଯାଇ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ ବାତିଲ ସମ୍ପର୍କରେ ଜଣାଇ ଦିଆଯାଇଛି। ସୂଚନାଯୋଗ୍ୟ, ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ଇକୋସେନ୍ସିଟିଭ୍ ଜୋନ୍ରେ ନିର୍ମାଣ କାର୍ଯ୍ୟ କରାଯାଉଥିବାରୁ ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତି ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ମାମଲା ଦାଏର କରାଯାଇଥିଲା। ଏହାକୁ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ପକ୍ଷ ରଖିବାକୁ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ସଞ୍ଜୟ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ସାତକୋଶିଆ ବନଖଣ୍ଡ ଅଧିକାରୀଙ୍କୁ ପଚାରନ୍ତୁ ବୋଲି କହିଥିଲେ। ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର କହିଛନ୍ତି, ପ୍ରଶାସନିକ ଅନୁମୋଦନ ବାତିଲ ନେଇ ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ। ଜିଲା ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଶୁଭେନ୍ଦୁ ଜେନା କହିଛନ୍ତି, ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ଚାଲିଥିବା ସମନ୍ୱିତ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନକୁ ବାତିଲ କରାଯାଇଥିବା ନେଇ ଏକ ଚିଠି ଆମ ପାଖକୁ ଆସିଛି। ତେବେ କେଉଁ କାରଣ ପାଇଁ ଏହି ଅନୁମୋଦନ ବାତିଲ କରାଯାଇଛି, ତାହା ସ୍ପଷ୍ଟ ଉଲ୍ଲେଖ କରାଯାଇନାହିଁ। ଅଦାଲତରେ ମାମଲା ହେତୁ ଏହା ବାତିଲ ହୋଇଥାଇପାରେ ବୋଲି ଜିଲା ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଜେନା ପ୍ରକାଶ କରିଛନ୍ତି।

# ୧୦୦ ଟଙ୍କା ଲାଞ୍ଚ, ୩୯ ବର୍ଷ ପରେ ଦୋଷମୁକ୍ତ

ରାୟପୁର,୧୯।୯

ମାତ୍ର ୧୦୦ ଟଙ୍କା ଲାଞ୍ଚ ନେବା ମାମଲାରେ ଛତିଶଗଡ଼ର ଜଣେ ପୂର୍ବତନ ବିଲିଂ ଆସିଷ୍ଟାଣ୍ଟଙ୍କୁ ୩୯ ବର୍ଷ ଆଇନଗତ ଲଢ଼େଇର ସମ୍ମୁଖୀନ ହେବାକୁ ପଡ଼ିଛି। ଶେଷରେ ଛତିଶଗଡ଼ ହାଇକୋର୍ଟ ତାଙ୍କୁ ଦୋଷମୁକ୍ତ କରିଛନ୍ତି। ଜଣକ ପାଖରୁ କେବଳ ଟଙ୍କା ଜବତ ହେବା ଘଟଣାରେ ବିନା ପ୍ରମାଣରେ ତାଙ୍କୁ ଦୋଷୀସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଫଳରେ ନ୍ୟାୟ ମିଳିବାରେ ବିଳମ୍ବ ହୋଇପାରେ କିନ୍ତୁ ଏଥିରୁ କଦାପି ବଞ୍ଚିତ କରାଯାଇପାରିବ ନାହିଁ ସିଦ୍ଧାନ୍ତ ପ୍ରତିପାଦିତ ହୋଇଛି।

ଜଗେଶ୍ୱର ପ୍ରସାଦ ଅଓ୍ୱସ୍ତି ମଧ୍ୟପ୍ରଦେଶ ରାଜ୍ୟ ପରିବହନ ନିଗମରେ ପୂର୍ବରୁ ବିଲିଂ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ୧୯୮୬ରେ ସେ ଅଶୋକ କୁମାର ବର୍ମା ନାମକ କର୍ମଚାରୀଙ୍କ ବକେୟା ପ୍ରାପ୍ୟର ସମାଧାନ କରିବା ପାଇଁ ୧୦୦ ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ତତ୍କାଳୀନ ଲୋକାୟୁକ୍ତ ରାସାୟନିକ ମିଶା ନୋଟ ବ୍ୟବହାର କରି ଅଓ୍ୱସ୍ତିଙ୍କୁ ଲାଞ୍ଚ ନେଉଥିବାବେଳେ ଧରିଥିଲେ। ୨୦୦୪ରେ ତଳକୋର୍ଟ ତାଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ଦେଇଥିଲେ। ହାଇକୋର୍ଟ ବିଚାରପତି ବିଭୁଦତ୍ତ ଗୁରୁ ବଳିଷ୍ଠ ପ୍ରମାଣ ନ ଥିବା ଦର୍ଶାଇ ତଳକୋର୍ଟ ରାୟକୁ ଖାରଜ କରିଦେଇଛନ୍ତି। ଅଓ୍ୱସ୍ତି ଲାଞ୍ଚ ଦାବି କରିଥିବାର ପ୍ରମାଣ ପାଇଁ କୌଣସି ନିରପେକ୍ଷ ସାକ୍ଷୀ ନାହାନ୍ତି। ମାମଲାର ସ୍ୟାଡୋ ୱିଟ୍ନେସ୍ ଥିବା ବ୍ୟକ୍ତି ଅଓ୍ୱସ୍ତି ଓ ବର୍ମାଙ୍କ ମଧ୍ୟରେ କଥାବାର୍ତ୍ତା ଶୁଣି ନ ଥିବା କିମ୍ବା ଲାଞ୍ଚ ଗ୍ରହଣ କରିବା ଦେଖି ନ ଥିବା କହିଥିଲେ। ଜବତ ଲାଞ୍ଚ ଗୋଟିଏ ୧୦୦ ଟଙ୍କିଆ ନୋଟ୍ କି ୨ଟି ୫୦ ଟଙ୍କିଆ ନୋଟ୍ ତାହା ମଧ୍ୟ ସ୍ପଷ୍ଟ ହୋଇ ନ ଥିଲା। ଅଓ୍ୱସ୍ତି ଆହୁରି କରିଥିଲେ, ଅଭିଯୋଗ ଆସିବା ସମୟରେ ବିଲ୍ ପାସ୍ କରାଇବା କ୍ଷମତା ତାଙ୍କର ନ ଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଏହି କ୍ଷମତା ମିଳିଥିଲା। ଉଭୟ ପକ୍ଷଙ୍କୁ ଶୁଣିବା ପରେ ଆବଶ୍ୟକ ପ୍ରମାଣ ଅଭାବ ଦର୍ଶାଇ ହାଇକୋର୍ଟ ଅଓ୍ୱସ୍ତିଙ୍କୁ ଦୋଷମୁକ୍ତ କରିଛନ୍ତି।





ODISHA: **ANGUL** : KHATA NO. 333, PLOT NO. 1068, MOUZA ANGUL TOWN || **BALASORE** : DISTRICT COLLECTORATE, SRO, PS TOWN, MOUZA BAGBRUNDABAN || **BARGARH** : SWASTIKA PLAZA, IN FRONT OF HOTEL SWASTIK, GURUDWARA CHOWK || **BARIPADA** : SWASTIK HOTEL, SAVITRI TOWER, UDALA ROAD | V2 RETAIL LTD., MUGABAI GOLEI || **BHADRAK** : MOUZA MATHASAHI || **BHUBNESHWAR** : MOUZA JAYADEV VIHAR | NEAR AXIS BANK, PATIA | NEAR INDIAN OIL PETROL PUMP | PLOT NO. 254/1165, RASULGARH | PLOT NO. 72, BEHIND PUSHPAK HOTEL, BUDDHA NAGAR, KALPANA SQUARE || **BRAHMAPUR** : CITY MALL, TELEPHONE BHAVAN ROAD | URBAN BANK ROAD, GIRIJA SQUARE || **CUTTACK** : BADAMBADI, BRAJRAJ COMPLEX, PS BADAMBADI | MAHATAB ROAD, OPPOSITE SANGAM HALL, NEAR HP PETROL PUMP, DOLAMUNDAI || **JAJPUR** : MOUZA BHATIA, UNIT NO. 4, JAJPUR ROAD || **JEYPORE** : MAIN ROAD, AUROBINDO NAGAR, PARABEDA, **JEYPORE** || JHARSUGUDA-2 : MANGALAM TOWER, SARBAHAL ROAD || **JHASURGADA** : KALI MANDIR ROAD, NEAR SMART BAZAR || **KEONJHAR** : AT PABITRA DIHA, PO KEONJHAR, PS TOWN || **KHORDA** : NEAR BHARAT PETROL PUMP, NAYAGARH ROAD || **NAYAGARH** : IN FRONT OF SBI MAIN BRANCH, OLD SP OFFICE, MAIN ROAD SINDURIYA || **NIMAPADA** : DOLABEDI, NIMAPADA CHOWK, PO NIMAPADA, PS NIMAPADA || **NUAPADA** : HOTEL ANISH BUILDING, MAHAVIR CHOWK, AMSENA ROAD, OPPOSITE GUPTA CANTEEN, KHARIAR ROAD || **PARADEEP** : PPL CHAK, NEAR BHARAT PETROL PUMP, PARADEEP || **ROURKELA** : MOUZA R.T.U. NO. 36, VILLAGE/PS UDITNAGAR || **SAMBALPUR** : MODIPARA FARM ROAD, NEAR CITY CENTER MALL || **SUNDARGARH** : KISAM GHARBARI-1

**ALSO AVAILABLE AT:** DELHI, BIHAR, HARYANA, JHARKHAND, UTTAR PRADESH, HIMACHAL PRADESH, KARNATAKA, ODISHA, TRIPURA, ANDRA PRADESH, CHATTISGARH KARNATAKA, MAHARASTRA, PUNJAB, RAJASTHAN, ARUNACHAL PRADESH, UTTARAKHAND, ASSAM, MADHYA PRADESH, JAMMU & KASHMIR, TELANGANA, WEST BENGAL & GOA

*TERMS & CONDITIONS APPLY: OFFER VALID TILL STOCKS LAST. PRICES & OFFERS ARE SUBJECT TO CHANGE AND CAN BE WITHDRAWN WITHOUT PRIOR NOTICE. QUANTITY RESTRICTIONS APPLY. PRODUCT PICTURES ARE INDICATIVE OF THE OFFERS ONLY AND MAY NOT MATCH WITH THE ACTUAL PRODUCTS. OFFERS FOR RETAIL CUSTOMERS ONLY. OFFERS MAY VARY AS PER LOCATION. INCASE OF ANY DISPUTE V2 RESERVES THE RIGHT TO TAKE THE FINAL DECISION. ALL MAJOR CREDIT CARDS ARE ACCEPTED.

www.v2retail.com
Follow Us On
support@v2kart.com
+91 8130 907 705

ଦିଲ୍ଲୀରେ ଆଜି



ଡିୟୁଏସ୍‌ୟୁ ନିର୍ବାଚନରେ ଉପସଭାପତି ନିର୍ବାଚିତ ହୋଇଥିବା ଏନ୍‌ଏସ୍‌ୟୁଆଇର ରାହୁଲ ଝାଁସଲା ସମର୍ଥକଙ୍କ ଗହଣରେ ବିଜୟୋତ୍ସବ ପାଳନ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଡିୟୁଏସ୍‌ୟୁ ନିର୍ବାଚନରେ ଏବିଭିପିର ବାଜିମାତ୍

**ନୂଆଦିଲ୍ଲୀ, ୧୯।୯**

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଷ୍ଟୁଡେଣ୍ଟ ୟୁନିୟନ (ଡିୟୁଏସ୍‌ୟୁ) ନିର୍ବାଚନରେ ଭାଜପାର ଛାତ୍ର ସଙ୍ଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବାଜିମାତ କରିଛି। ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ପଦ ଏବିଭିପି ହାତେଇଥିବା ବେଳେ ଉପସଭାପତି ପଦକୁ କଂଗ୍ରେସର ଛାତ୍ର ସଙ୍ଗଠନ ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ)କୁ ଯାଇଛି। ସଭାପତି ପଦ ପାଇଁ ଏବିଭିପିର ଆର୍ଯ୍ୟନ ମାନ୍ ଏନ୍‌ଏସ୍‌ୟୁଆଇ ଜୋସ୍‌ଲିନ ନନ୍ଦିତା ଚୌଧୁରୀଙ୍କୁ ପ୍ରାୟ ୧୬ ହଜାର ଭୋଟରେ ହରାଇଛନ୍ତି। ଆର୍ଯ୍ୟନଙ୍କୁ ୨୮,୮୪୧ ଖଣ୍ଡ ଭୋଟ ମିଳିଥିବାବେଳେ ନନ୍ଦିତାଙ୍କୁ ୧୨,୬୪୫ ଭୋଟ ମିଳିଛି। ସମ୍ପାଦକ ପଦରେ ଏବିଭିପିର କୁନାଲ ଚୌଧୁରୀ, ଯୁଗ୍ମ ସମ୍ପାଦକ ପଦରେ ଦୀପିକା ଝା ବିଜୟୀ ହୋଇଛନ୍ତି। ଉପସଭାପତି ପଦରେ ଏନ୍‌ଏସ୍‌ୟୁଆଇର ରାହୁଲ ଝାଁସଲା ବିଜୟୀ ହୋଇଛନ୍ତି। ଦିଲ୍ଲୀର ଏହି ହାଇ ପ୍ରୋଫାଇଲ ବିଶ୍ୱବିଦ୍ୟାଳୟ ନିର୍ବାଚନରେ ସମୁଦାୟ ୧.୫୩ ଲକ୍ଷ ପଞ୍ଜୀକୃତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୦,୨୭୨ ଜଣ ମତାଧିକାରକୁ ସାବ୍ୟସ୍ତ କରିଥିଲେ। ଚଳିତ ଥର ସମୁଦାୟ ୩୯.୩୬% ମତଦାନ ହୋଇଥିଲା। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବିଭିପିର ବିଜୟୀ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ରାହୁଲଙ୍କୁ ସହରୀ ମାଓବାଦୀ କହିଲେ ଫଡ୍‌ନବିସ୍

## ନେତୃତ୍ୱ ବିଫଳତାକୁ ସ୍ୱୀକାର କରନ୍ତୁ ରାହୁଲ: ରିଜିଜୁ

**ନୂଆଦିଲ୍ଲୀ, ୧୯।୯**

କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ସହରୀ ମାଓବାଦୀ' ଭଳି କଥା କହୁଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଶୁକ୍ରବାର ଅଭିଯୋଗ କରିଛନ୍ତି। କଂଗ୍ରେସ ନେତା ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରଙ୍କୁ ଉପାଡ଼ି ଫିଙ୍ଗିଦେବାକୁ ଜେନ୍ ଜିଙ୍କୁ ଆହ୍ୱାନ ଦେଉଛନ୍ତି। ରାହୁଲ ସମ୍ବିଧାନରେ ବିଶ୍ୱାସ କରନ୍ତି ନାହିଁ। ତାଙ୍କ ଉପଦେଷ୍ଟାମାନଙ୍କ ମାନସିକତା ମଧ୍ୟ ସହରୀ ମାଓବାଦୀଙ୍କ ଭଳି।

ରାହୁଲ ଗୁରୁବାର ସନ୍ଧ୍ୟାରେ ଭୋଟ ଚୋରି ଅଭିଯୋଗକୁ ଦୋହରାଇବା ସହ ଦେଶର ଯୁବ, ଛାତ୍ର, ଜେନ୍ ଜି ସମ୍ବିଧାନର ରକ୍ଷା କରିବେ, ଗଣତନ୍ତ୍ରର ସୁରକ୍ଷା କରିବେ ଓ ଭୋଟ ଚୋରି ରୋକିବେ ବୋଲି କହିଥିଲେ। ରାହୁଲ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିବା ପରିବର୍ତ୍ତେ ନିର୍ବାଚନରେ ବାରମ୍ବାର ପରାଜୟ ପାଇଁ ନିଜକୁ ଦାୟୀ କରିବା ଆବଶ୍ୟକ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ରାହୁଲଙ୍କ ଭୋଟ ଚୋରି ଅଭିଯୋଗକୁ ନିର୍ବାଚନ କମିଶନ ମିଥ୍ୟା, ଭିତ୍ତିହୀନ କହି ପ୍ରତ୍ୟାଖ୍ୟାନ କରିଛି। ଉପଯୁକ୍ତ ପ୍ରକ୍ରିୟା ବିନା କୌଣସି ଭୋଟରଙ୍କୁ ବାଦ୍ ଦିଆଯାଇ ନ ଥାଏ ବୋଲି ଇସି କହିଛି।

# ଆସାମ ରାଇଫଲ୍ସ ଟ୍ରକ୍ ଉପରେ ଆକ୍ରମଣ: ୨ ଯବାନ ନିହତ

**ଇମ୍ଫାଲ, ୧୯।୯**

ମଣିପୁର ରାଜଧାନୀ ଇମ୍ଫାଲ ଉପକଣ୍ଠରେ ଶୁକ୍ରବାର ସନ୍ଧ୍ୟାରେ ଆସାମ୍ ରାଇଫଲ୍ସର ଏକ ଟ୍ରକ୍ ଉପରେ ବନ୍ଧୁକଧାରୀମାନେ ଆକ୍ରମଣ କରିଛନ୍ତି। ଏଥିରେ ଆସାମ ରାଇଫଲ୍ସର ୨ ଯବାନଙ୍କ ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହୋଇଛନ୍ତି। ଅର୍ଦ୍ଧସାମରିକ ବାହିନୀର ଟ୍ରକ୍ ଇମ୍ଫାଲରୁ ବିଷ୍ଣୁପୁର ଯାଉଥିବାବେଳେ ନମ୍ବୋଲ ସବାଲ ଲେଇକାଇ ଅଞ୍ଚଳରେ ଅଜଣା ବନ୍ଧୁକଧାରୀ ଆକ୍ରମଣ କରିଥିଲେ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୧୩ ତାରିଖରେ ଏହି ରାସ୍ତା ଦେଇ ମଣିପୁର ଗସ୍ତରେ ଯାଇଥିଲେ। ମଣିପୁର ରାଜ୍ୟପାଳ ଅଜୟ କୁମାର ଭାଲ୍ଲା ଏହି ଆକ୍ରମଣକୁ ନିନ୍ଦା କରିବା ସହ ମୃତ ଯବାନଙ୍କ ପରିବାରକୁ ହୃଦୟଭରା ସମବେଦନା ଜଣାଇଛନ୍ତି। ସେ ଆହତ ଯବାନମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଚାମୋଲିରେ ବର୍ଷାବିପ୍ରାତ ମୃତ୍ୟୁସଂଖ୍ୟା ୭

**ଡେରାଡୁନ୍, ୧୯।୯**

ଉତ୍ତରାଖଣ୍ଡର ଚାମୋଲି ଜିଲାରେ ବାଦଲଫଟା ବର୍ଷା ଲାଗିରହିବା ଫଳରେ ବନ୍ୟା ଓ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ଶୁକ୍ରବାର ୭ରେ ପହଞ୍ଚିଛି। ଗୁରୁବାର ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ଭଗ୍ନାବଶେଷ ତଳୁ ଆଉ ୫ଟି ମୃତଦେହ ମିଳିଛି। ଏନ୍‌ଡିଆର୍‌ଏଫ୍ ସମେତ ଅନ୍ୟ ଉଦ୍ଧାରକାରୀ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ବର୍ଷାବିପ୍ରାତଜନିତ ଭୂସ୍ଖଳନ ଓ ବନ୍ୟାରେ ଚାମୋଲି ଜିଲା ନନ୍ଦନଗର ଅନ୍ତର୍ଗତ କୁଣ୍ଟାରି ଲାଗାଫଲି, କୁଣ୍ଟାରି ଲାଗାସର୍ପାନି, ସେରା ଏବଂ ଧୁର୍ମା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଗୁରୁତର ଆହତମାନଙ୍କୁ ଏମ୍ସ ଋଷିକେଶରେ ଚିକିତ୍ସା କରାଯାଉଥିବାବେଳେ ୯୫ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି।

# ପିଓକେରୁ କେପିକେକୁ ବେସ୍ ହଟାଇଛନ୍ତି ଆତଙ୍କବାଦୀ

**ନୂଆଦିଲ୍ଲୀ, ୧୯।୯**

ଭାରତୀୟ ସେନାର ଅପରେଶନ ସିନ୍ଦୂରରେ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଅନ୍ୟୂନ ୯ଟି ବୃହତ୍ ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଥିଲା। ଏହା ପରେ ପାକ୍ ପ୍ରାୟୋଜିତ ଆତଙ୍କବାଦୀ ସଂଗଠନଗୁଡ଼ିକ ସେମାନଙ୍କ ବେସ୍‌କୁ ପିଓକେରୁ ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା (କେପିକେ)କୁ ସ୍ଥାନାନ୍ତର କରିଛନ୍ତି। ଜୈଶ-ଇ-ମହମ୍ମଦ (ଜେଇଏମ୍) ଏବଂ ହିଜବୁଲ୍ ମୁଜାହିଦ୍ଦିନ୍ ଭଳି ଆତଙ୍କବାଦୀ ସଂଗଠନ ଏବେ ନିଜକୁ ଆଫଗାନିସ୍ତାନ ସୀମାବର୍ତ୍ତୀ କେପିକେରେ ଅବସ୍ଥାପିତ କରିଛନ୍ତି।

ପାକିସ୍ତାନ ସରକାରଙ୍କ ପ୍ରତ୍ୟକ୍ଷ ସହାୟତାରେ ଏହା କରାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। କାରଣ ପୋଲିସ ସୁରକ୍ଷାରେ ଜେଇଏମ୍‌ର ଏକ ସମାବେଶ ହୋଇଥିବାବେଳେ ସେଥିରେ ଜାମିଆତ୍ ଉଲେମା-ଇ-ଇସ୍‌ଲାମ ଭଳି ରାଜନୈତିକ ଧର୍ମୀୟ ସଂଗଠନ ସାମିଲ ହୋଇଥିଲେ। ଗତ ୧୪ ତାରିଖରେ ଭାରତ-ପାକିସ୍ତାନ କ୍ରିକେଟ ମ୍ୟାଚ୍‌ର ପୂର୍ବରୁ କେପିକେର ମନସେହରା ଜିଲାର ଗରହି ହବିବୁଲ୍ଲା ସହରରେ ଜେଇଏମ୍ ଏକ ନିଯୁକ୍ତି ଅଭିଯାନ ଚଳାଇଥିଲା। ଜେଇଏମ୍ ଏବଂ ଜେୟୁଆଇର ମିଳିତ ନେତୃତ୍ୱରେ ଧର୍ମୀୟ ସମାବେଶର ଆୟୋଜନ କରାଯାଇଥିଲା। ରାଲିରେ ମୌଲାନା ମୁଫ୍‌ତି ମାସୁଦ ଇଲିୟାସ କଶ୍ମୀରୀ ଓରଫ ଅବୁ ମହମ୍ମଦ, ଜେଇଏମ୍‌ର କେପିକେ ଓ କଶ୍ମୀର ପାଇଁ ଥିବା ଅମିର ଉଦ୍‌ବୋଧନ ଦେଇଥିଲେ। କଶ୍ମୀରୀ ତାଙ୍କ ୩୦ ମିନିଟ୍‌ର ଭାଷଣରେ ଓସାମା ବିନ୍ ଲାଡେନ୍‌ଙ୍କୁ 'ଶୋହଦା-ଇ-ଇସ୍‌ଲାମ' ଏବଂ ପ୍ରିନ୍ସ ଅଫ୍ ଆରବ' କହି ଉଚ୍ଚ ପ୍ରଶଂସା କରିଥିଲେ। ଅଲ୍‌କାଏଦା ଲିଗାସି ସହ ଜେଇଏମ୍‌ର ବିଚାରଧାରା ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ବୋଲି କହିଥିଲେ। ଜିହାଦିଙ୍କ ପାଇଁ କେପିକେ ଏକ ଆଭ୍ୟନ୍ତରୀଣ ନିରାପଦ ସ୍ଥଳ। ଆଇସି-୮୧୪ ବିମାନ ଅପହରଣ ପରେ ଜେଇଏମ୍‌ର ବାଲାକୋଟ୍ ମୁଖ୍ୟାଳୟ ସ୍ଥାପନ ହୋଇଥିଲା। ତେବେ ଅପରେଶନ ସିନ୍ଦୂର ବେଳେ ଭାରତୀୟ ସେନା ଆକ୍ରମଣରେ ମାସୁଦ୍ ଆଝାର ପରିବାରର ସଦସ୍ୟମାନଙ୍କ ମୃତ୍ୟୁ ଘଟିଥିବା କଶ୍ମୀରୀ ମନେପକାଇ ଦେଇଥିଲେ। ଜେଇଏମ୍ ସଦସ୍ୟମାନଙ୍କ ଶେଷକୃତ୍ୟରେ ସମ୍ମାନ ପ୍ରଦାନ ଓ ସୁରକ୍ଷା ଯୋଗାଇଦେବା ଲାଗି ସେନାମୁଖ୍ୟ ଅସିମ ମୁନିର ବ୍ୟକ୍ତିଗତ ଭାବେ ପାକ୍ ସେନାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି କଶ୍ମୀରୀ କହିଛନ୍ତି।

## ମୁରିଦ୍‌କେରେ ଆତଙ୍କବାଦୀଙ୍କ ମୁଖ୍ୟାଳୟ ଧ୍ୱଂସ ହୋଇଥିଲା

**ଇସ୍‌ଲାମାବାଦ, ୧୯।୯**

**ଜେଇଏମ୍ ପରେ ଲଶ୍କର ମାନିଲା**



ଏଲ୍‌ଇଟି କମାଣ୍ଡର କାସିମ୍

ଭାରତୀୟସେନାରଅପରେଶନସିନ୍ଦୂରବେଳେବାହାୱଲପୁର ଆତଙ୍କବାଦୀ ଶିବିର ଧ୍ୱଂସହେବା ସହ ମାସୁଦ୍ ଅଜହରଙ୍କ ପରିବାର ସଦସ୍ୟ ନିହତ ହୋଇଥିଲେ ବୋଲି ଜୈଶ-ଇ-ମହମ୍ମଦ (ଜେଇଏମ୍) କମାଣ୍ଡର ୨ ଦିନ ପୂର୍ବରୁ ସ୍ୱୀକାର କରିଥିଲେ। ଏବେ ଲଶ୍କର-ଇ-ତୋଇବା ମଧ୍ୟ ଅପରେଶନ ସିନ୍ଦୂର ବେଳେ ଏହାର ମୁଖ୍ୟାଳୟ ଥିବା ମୁରଦ୍‌କେର ମର୍କାଜ ତାଇବା ଧ୍ୱଂସ ହୋଇଥିବା ସ୍ୱୀକାର କରିଛି। ସୋସିଆଲ୍ ମିଡିଆରେ ବହୁଳ ପ୍ରସାରିତ ଭିଡିଓରେ ଏଲ୍‌ଇଟି କମାଣ୍ଡର କାସିମ୍ ସ୍ୱୀକାର କରିଛନ୍ତି, ମେ' ୭ ତାରିଖ ଅପରେଶନରେ ମୁରିଦ୍‌କେ ଆତଙ୍କବାଦୀ କ୍ୟାମ୍ପ ଧ୍ୱଂସ ହୋଇଥିଲା। ଏବେ ଏହାକୁ ବଡ଼ କରି ନିର୍ମାଣ କରାଯାଉଛି। ମୁରିଦ୍‌କେ ସହର ପାକିସ୍ତାନ ପଞ୍ଜାବ ପ୍ରଦେଶର ଶେଖୁପୁରାରେ ଅବସ୍ଥିତ।

# ଭାରତୀୟ ଇଞ୍ଜିନିୟରଙ୍କୁ ଗୁଳିକଲା ୟୁଏସ୍ ପୋଲିସ

**ୱାଶିଂଟନ, ୧୯।୯**



ମହମ୍ମଦ ନିଜାମୁଦ୍ଦିନ

ଆମେରିକାର କାଲିଫର୍ନିଆ ରାଜ୍ୟ ସାଣ୍ଟା କ୍ଲାରାରେ ଗୁରୁବାର ପୋଲିସ ଗୁଳିରେ ଭାରତୀୟ ସଫ୍ଟୱେର ଇଞ୍ଜିନିୟର ମହମ୍ମଦ ନିଜାମୁଦ୍ଦିନ(୨୯)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ତେଲଙ୍ଗାନା ମହବୁବନଗର ଜିଲାରେ। ଏନେଇ ଶୁକ୍ରବାର ନିଜାମୁଦ୍ଦିନଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ରୁମ୍‌ମେଟ୍‌ଙ୍କ ସହ ନିଜାମୁଦ୍ଦିନଙ୍କର ଝଗଡ଼ା ଓ ମାର୍‌ପିଟ ହୋଇଥିଲା। ଘଟଣାସ୍ଥଳରୁ ପୋଲିସ ୨ଟି ଛୁରି ଜବତ କରିଛି। ନିଜାମୁଦ୍ଦିନଙ୍କ ବାପା ମହମ୍ମଦ ହସମୁଦ୍ଦିନ କହିଛନ୍ତି, ଏକ ଛୋଟ କଥାକୁ ନେଇ ରୁମ୍‌ମେଟ୍‌ଙ୍କ ସହ ନିଜାମୁଦ୍ଦିନଙ୍କର ଝଗଡ଼ା ହୋଇଥିଲା। ପୁଅ ମୃତଦେହକୁ ମହବୁବନଗର ଆଣିବା ପାଇଁ ସେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି। ସାହାଯ୍ୟ ପାଇଁ ସେ ୱାଶିଂଟନ୍ ଏବଂ ସାନ୍ ଫ୍ରାନ୍ସିସ୍କୋରେ ଥିବା ଭାରତୀୟ ଅଧିକାରୀଙ୍କୁ ଗୁହାରି କରିଛନ୍ତି। ସ୍ଥାନୀୟ ସାଣ୍ଟା କ୍ଲାରା ପୋଲିସ କହିଛି, ଆଇଜନହାୱର ଡ୍ରାଇଭ୍‌ସ୍ଥିତ ଏକ ଘରେ ଜଣେ ବ୍ୟକ୍ତି ନିଜ ରୁମ୍‌ମେଟ୍‌ଙ୍କୁ ଛୁରିରେ ଆକ୍ରମଣ କରିଥିବା ସୂଚନା ମିଳିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ସେ ପୋଲିସକୁ ମଧ୍ୟ ଆକ୍ରମଣ ଧମକ ଦେଇଥିଲେ। ଫଳରେ ପୋଲିସ ପକ୍ଷରୁ ତାଙ୍କୁ ଗୁଳି କରାଯାଇଥିଲା। ହସ୍ପିଟାଲ ନେବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା।

# ଗାଜାରେ ଯୁଦ୍ଧବିରତି ପାଇଁ ୟୁଏନ୍‌ଏସ୍‌ସି ପ୍ରସ୍ତାବ ବିରୋଧରେ ଆମେରିକାର ଭିଟୋ

**ଜାତିସଂଘ, ୧୯।୯**

ଗାଜାରେ ତୁରନ୍ତ ଓ ସ୍ଥାୟୀ ଯୁଦ୍ଧବିରତି ଏବଂ ପଣବନ୍ଦୀମାନଙ୍କ ମୁକ୍ତି ପାଇଁ ଗୁରୁବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଅଣାଯାଇଥିବା ଏକ ପ୍ରସ୍ତାବ ବିରୋଧରେ ଆମେରିକା ପୁଣିଥରେ ନିଜର ଭିଟୋ କ୍ଷମତା ପ୍ରୟୋଗ କରିଛି। ହମାସ୍‌କୁ ନିନ୍ଦା କରିବାରେ ଏହି ଉଦ୍ୟମ ଅଧିକ ବଢ଼ି ନ ଥିବା ଆମେରିକା କହିଛି। ଜାତିସଂଘର ସବୁଠୁ କ୍ଷମତାଶାଳୀ ସଂଗଠନର ଅନ୍ୟ ୧୪ ସଦସ୍ୟ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। ଗାଜାରେ ମାନବୀୟ ସ୍ଥିତି ଆପତ୍ତିଜନକ ବୋଲି ପ୍ରସ୍ତାବରେ କୁହାଯିବା ସହ ଉକ୍ତ ଅଞ୍ଚଳର ୨୧ ଲକ୍ଷ ପାଲେଷ୍ଟିନୀୟଙ୍କୁ ସହାୟତା ପ୍ରଦାନ କ୍ଷେତ୍ରରେ ଇସ୍ରାଏଲ୍ ଲଗାଇଥିବା ସମସ୍ତ କଟକଣା ହଟାଇଦେବାକୁ ଆହ୍ୱାନ ଦିଆଯାଇଥିଲା। ୱାଶିଂଟନ୍‌ର ଭିଟୋ ପ୍ରୟୋଗ ଫଳରେ ଗାଜାରେ ପାଖାପାଖି ୨ ବର୍ଷ ହେଲା ଲାଗି ରହିଥିବା ଯୁଦ୍ଧକୁ ନେଇ ବିଶ୍ୱ ମଞ୍ଚରୁ ଆମେରିକା ଓ ଇସ୍ରାଏଲ୍ ନିଜକୁ ଦୂରେଇରଖିବା ସ୍ପଷ୍ଟ ହୋଇଛି। କିଛିଦିନ ପରେ ଜାତିସଂଘ ସାଧାରଣ ସଭାର ବାର୍ଷିକ ସମ୍ମିଳନୀରେ ଗାଜା ମୁଖ୍ୟ ପ୍ରସଙ୍ଗ ହେବାକୁ ଥିବାବେଳେ ଆମେରିକାର କେତେକ ବୃହତ୍ ସହଯୋଗୀ ପାଲେଷ୍ଟାଇନ୍‌କୁ ସ୍ୱାଧୀନ ରାଷ୍ଟ୍ର ଭାବେ ସ୍ୱୀକୃତି ଦେବା ଆଶା କରାଯାଉଛି।

# ସୁଦାନ ମସ୍‌ଜିଦରେ ଡ୍ରୋନ୍ ଆକ୍ରମଣ: ୪୩ ମୃତ

**କାଇରୋ, ୧୯।୯**

ସୁଦାନର ନର୍ଥ ଡାର୍‌ଫୁର ରାଜ୍ୟ ରାଜଧାନୀ ଏଲ୍ ଫାଶୋରରେ ଥିବା ଏକ ମସ୍‌ଜିଦରେ ଶୁକ୍ରବାର ସକାଳେ ଲୋକେ ନମାଜ ପାଠ କରୁଥିବାବେଳେ ଅର୍ଦ୍ଧସାମରିକ ବାହିନୀ ଡ୍ରୋନ୍ ଆକ୍ରମଣ କରିବାରୁ ୪୩ ଜଣଙ୍କ ମୃତ୍ୟୁ ଘଟିଛି। ରାପିଡ୍ ସୁଦାନିଜ୍ ଫୋର୍ସ (ଆର୍‌ଏସ୍‌ଏଫ୍)ର ଆକ୍ରମଣରେ ବୃଦ୍ଧାବୃଦ୍ଧ ଓ ପିଲାଙ୍କ ସମେତ ନମାଜ ପାଠ କରୁଥିବା ଲୋକେ ପ୍ରାଣ ହରାଇଛନ୍ତି। ନିରୀହ ନାଗରିକଙ୍କ ଉପରେ ଏହା ଜଘନ୍ୟ ଆକ୍ରମଣ ବୋଲି ସେଠାର ଡକ୍ଟର୍ସ ନେଟ୍‌ୱର୍କ କହିଛି। ଆକ୍ରମଣରେ ମସ୍‌ଜିଦ୍‌ର ଏକ ଅଂଶ ଧୂଳିସାତ୍ ହୋଇଥିବାବେଳେ ମୃତଦେହଗୁଡ଼ିକ ବିଛାଡ଼ିହୋଇ ପଡ଼ିଥିଲା।

# ୪୭୪ ଅଣସ୍ୱୀକୃତ ଦଳକୁ ତାଲିକାରୁ ବାଦ୍‌ଦେଲେ ଇସି

**ନୂଆଦିଲ୍ଲୀ, ୧୯।୯(ପି.ଟି.)**




ଗତ ୬ ବର୍ଷ ମଧ୍ୟରେ ଆଦୌ ନିର୍ବାଚନ ଲଢ଼ି ନ ଥିବା ସମେତ ନିୟମାବଳୀର ଉଲ୍ଲଂଘନ କରିଥିବା ଆଉ ୪୭୪ଟି ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳ (ଆର୍‌ୟୁପିପି)କୁ ନିର୍ବାଚନ କମିଶନ (ଇସି) ଶୁକ୍ରବାର ତାଲିକାରୁ ବାଦ୍ ଦେଇଛନ୍ତି। ଗତ ଅଗଷ୍ଟ ୯ରେ ପ୍ରଥମ ପର୍ଯ୍ୟାୟରେ ୩୩୪ ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ଦଳଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିଲା। ଏହିପରି ୨ ପର୍ଯ୍ୟାୟରେ ଇସି ମୋଟ ୮୦୮ଆର୍‌ୟୁପିପିକୁ ତାଲିକାରୁ ବାଦ୍ ଦେଲେଣି। ଏହି ଦଳଗୁଡ଼ିକ ବାଦ୍ ପଡ଼ିବା ପରେ ବର୍ତ୍ତମାନ ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ସଂଖ୍ୟା ୨,୦୪୬କୁ ହ୍ରାସ ପାଇଛି। ଏହାକୁ ବାଦ୍ ଦେଇ ୬ଟି ସ୍ୱୀକୃତିପ୍ରାପ୍ତ ଜାତୀୟ ଦଳ ଓ ୬୭ଟି ରାଜ୍ୟ ଦଳ ରହିଛି।

ଭାରତରେ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୨୯ଏ ଅଧୀନରେ ରାଜନୈତିକ ଦଳଗୁଡ଼ିକ ପଞ୍ଜୀକୃତ ହୋଇଥାନ୍ତି। ଥରେ ପଞ୍ଜୀକୃତ ହୋଇଗଲେ ଦଳଗୁଡ଼ିକୁ ନିର୍ବାଚନୀ ଚିହ୍ନ ଓ ଟିକସ ରିହାତି ଆଦି କେତେକ ସୁବିଧା ମିଳିଥାଏ। ତେବେ ଗାଇଡ୍‌ଲାଇନରେ ସ୍ପଷ୍ଟ କରିଦିଆଯାଇଛି ଯେ ଯଦି କୌଣସି ଦଳ ୬ ବର୍ଷ ପାଇଁ ନିର୍ବାଚନ ଲଢ଼ି ନ ଥିବ, ତାହାକୁ ପଞ୍ଜୀକୃତ ଦଳ ତାଲିକାରୁ ବାଦ୍ ଦିଆଯିବ। ନିୟମାବଳୀ ଉଲ୍ଲଂଘନ କରିଥିବା ଦଳଗୁଡ଼ିକୁ ବାଦ୍ ଦେବା ଲାଗି ନିର୍ବାଚନ କମିଶନ ଜୁନ୍‌ରୁ ଦେଶବ୍ୟାପୀ ଉଦ୍ୟମ ଆରମ୍ଭ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତରପ୍ରଦେଶରୁ ସର୍ବାଧିକ ୧୨୧ଟି ଦଳ ତାଲିକାରୁ ବାଦ୍ ପଡ଼ିଥିବାବେଳେ ମହାରାଷ୍ଟ୍ରରୁ ୪୪, ତାମିଲନାଡୁରୁ ୪୨, ଦିଲ୍ଲୀରୁ ୪୦, ପଞ୍ଜାବରୁ ୨୧, ମଧ୍ୟପ୍ରଦେଶରୁ ୨୩, ବିହାରରୁ ୧୫, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶରୁ ୧୭ଟି ଲେଖାଏ ଏବଂ ଓଡ଼ିଶାରୁ ୭ ଦଳଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି।

**ଫୁର୍‌ସତ**



# ମନ୍ଦୋଦରୀ ଭୂମିକାରେ ପୁନମ ପାଣ୍ଡେ

**ନୂଆଦିଲ୍ଲୀ:** ଅନେକ ସମୟ ଧରି ଅଭିନେତ୍ରୀ ପୁନମ ପାଣ୍ଡେ କୌଣସି ଫିଲ୍ମ କିମ୍ବା ଟିଭି ଶୋ'ରେ ନଜରକୁ ଆସିନାହାନ୍ତି। ତେବେ ତାଙ୍କ ଫ୍ୟାନ୍ସଙ୍କ ପାଇଁ ଏକ ଗୁଡ୍‌ନ୍ୟୁଜ୍ ସାମ୍‌ନାକୁ ଆସିଛି। ତାଙ୍କୁ ବଡ଼ ପରଦା କିମ୍ବା ଛୋଟ ପରଦାରେ ନୁହେଁ ବରଂ ଆଗାମୀ ଦଶହରାରେ ଆୟୋଜନ ହେବାକୁ ଥିବା ଦିଲ୍ଲୀର ପ୍ରସିଦ୍ଧ ଲବ-କୁଶ ରାମଲୀଳାରେ ପୁନମଙ୍କୁ ଦେଖିବାକୁ ମିଳିବ। ଏହି ରାମଲୀଳାରେ ସେ ରାବଣର ସ୍ତ୍ରୀ ମନ୍ଦୋଦରୀଙ୍କ ଭୂମିକା ନିର୍ବାହ କରିବେ। ଅଭିନେତା ଆର୍ଯ୍ୟ ବବ୍ବର ରାବଣ ଭୂମିକା ନିର୍ବାହ କରିବେ ବୋଲି ଜଣାପଡ଼ିଛି। ଦିଲ୍ଲୀର ପ୍ରସିଦ୍ଧ ଲବ-କୁଶ ରାମଲୀଳାରେ ଅଭିନୟ କରିବାର ସୁଯୋଗ ମିଳିଥିବାରୁ ପୁନମ ଖୁସି ପ୍ରକାଶ କରିଛନ୍ତି। ତାଙ୍କ ଟିମ୍ ପକ୍ଷରୁ ପୁନମଙ୍କ ଏକ ବିବୃତିକୁ ଜାରି କରାଯାଇଛି ଯେଉଁଥିରେ ସେ କହିଛନ୍ତି, ଲବ-କୁଶ ରାମଲୀଳା କମିଟି ନିକଟରେ କୃତଜ୍ଞ। ରାମଲୀଳା କେବଳ ଏକ ଧାର୍ମିକ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ଉତ୍ସବ। ଏଥିରେ ଅଭିନୟ କରିବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ ବୋଲି ପୁନମ କହିଛନ୍ତି।

**ଦିଲ୍ଲୀର ପ୍ରସିଦ୍ଧ ଲବ-କୁଶ ରାମଲୀଳା**

# ହନିମୁନ୍ ପାଇଁ ରିସେପ୍ସନରେ ପାଣ୍ଠି ସଂଗ୍ରହ

**ଲଣ୍ଡନ:** ସାଧାରଣତଃ ବିବାହରେ ସାମିଲ ହୋଇଥିବା ଅତିଥିମାନେ ବର ଏବଂ କନ୍ୟାଙ୍କୁ ବିଭିନ୍ନ ପ୍ରକାର ଉପହାର ଦେଇଥାନ୍ତି। ତେବେ ବ୍ରିଟେନ୍‌ର ଏକ ଦମ୍ପତି ସେମାନଙ୍କ ବିବାହ ରିସେପ୍ସନରେ କୌଣସି ପାରମ୍ପରିକ ଉପହାର ନେବେ ନାହିଁ ବୋଲି ଅତିଥିଙ୍କୁ ବିବାହ କାର୍ଡରେ ଅବଗତ କରାଇଥିଲେ। ଏହା ବଦଳରେ ସେମାନେ ବିବାହ ରିସେପ୍ସନରେ ନିଜ ହନିମୁନ୍ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ନିଜ ରିସେପ୍ସନରେ ଏକ କ୍ୟୁଆର୍ କୋଡ୍ ସ୍କାନର ଲଗାଇଥିଲେ ଯେଉଁଥିରେ ଲେଖା ହୋଇଥିଲା, ଉପହାର ଦେବା ବଦଳରେ ଆମ ହନିମୁନ୍ ପାଣ୍ଠିରେ ଯୋଗଦାନ କରନ୍ତୁ। ଏହିପରି ଭାବେ ନିଜ ବିବାହ ରିସେପ୍ସନରେ ଉକ୍ତ ଦମ୍ପତି ସେମାନଙ୍କ ହନିମୁନ୍ ପାଇଁ ମୋଟ ୧୪୦ ଅତିଥିଙ୍କଠାରୁ ପାଣ୍ଠି ସଂଗ୍ରହ କରିବାରେ ସଫଳ ହୋଇଛନ୍ତି।

ବ୍ରିଟେନ୍‌ର ମିଲ୍‌ଟନ୍ କେନ୍ସ ସହରର ବାସିନ୍ଦା କ୍ରିସ୍ ମାର୍ଟିନ୍ (୩୫) ଏବଂ ତାଶା ହ୍ୱାଇଟ୍ (୩୩) ସେମାନଙ୍କ ବିବାହକୁ ସ୍ମରଣୀୟ କରିବା ପାଇଁ ଏହି ଅନନ୍ୟ ପଦ୍ଧତିକୁ ଆପଣାଇଥିଲେ। ୧୪ ବର୍ଷ ଧରି ରିଲେଶନ୍‌ଶିପ୍‌ରେ ରହିବା ପରେ ନିକଟରେ ଉଭୟେ ବିବାହ କରିଥିଲେ। କ୍ରିସ୍ ମର୍ସିଡିଜ୍ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ତାଶା ହେଉଛନ୍ତି ଜଣେ ହେୟାରଡ୍ରେସର। ତାଶା କହିଛନ୍ତି, ସେମାନଙ୍କୁ ପାରମ୍ପରିକ ଉପହାରର ଆବଶ୍ୟକତା ନ ଥିଲା। ଘର ପାଇଁ ଆବଶ୍ୟକ ସମସ୍ତ ଜିନିଷ ସେମାନଙ୍କ ନିକଟରେ ରହିଥିଲା। ତେବେ ଉଭୟେ ହନିମୁନ୍ ପାଇଁ ମେକ୍ସିକୋ ଯିବାକୁ ସ୍ଥିର କରିଥିବାବେଳେ ଏଥିପାଇଁ ପାଣ୍ଠିର ଅଭାବ ଥିଲା। ତେଣୁ ସେମାନେ ନିଜ ବିବାହ ରିସେପ୍ସନରେ କ୍ୟୁଆର୍ କୋଡ୍ ସ୍କାନରକୁ ସ୍ଥାପନ କରିଥିଲେ। ଏହାଦ୍ୱାରା ଅତିଥିମାନେ ସିଧାସଳଖ ଭାବେ କ୍ରିସ୍‌ଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟ୍ୟାପ୍‌କରି ତାଙ୍କ ହନିମୁନ୍ ପାଇଁ ସଂଗ୍ରହ ହେଉଥିବା ପାଣ୍ଠିରେ ଯୋଗଦାନ କରିଥିଲେ। କ୍ରିସ୍ କହିଛନ୍ତି, ହନିମୁନ୍ ପାଣ୍ଠି ସଂଗ୍ରହ ପାଇଁ ଏହି ନିଆରା ଉପାୟକୁ ତାଙ୍କ ବିବାହ ରିସେପ୍ସନକୁ ଆସିଥିବା ଅତିଥିମାନେ ବେଶ୍ ପସନ୍ଦ କରିଥିଲେ। ତେବେ କ୍ୟୁଆର୍ କୋଡ୍ ସ୍କାନରରେ ସେ ହନିମୁନ୍ ପାଇଁ କେତେ ଅର୍ଥ ସଂଗ୍ରହ କରିଛନ୍ତି ସେ ସମ୍ପର୍କରେ କ୍ରିସ୍ ସୂଚନା ଦେଇନାହାନ୍ତି। ସମ୍ପ୍ରତି ଲୋକମାନେ ନିଜ ସହ କମ୍ ନଗଦ ଅର୍ଥ ରଖୁଥିବାରୁ, କ୍ୟୁଆର୍ କୋଡ୍ ସ୍କାନରରେ ପାଣ୍ଠି ସଂଗ୍ରହ ପଦ୍ଧତି ତାଙ୍କୁ ସମ୍ପୂର୍ଣ୍ଣ ଠିକ୍ ମନେହୋଇଥିଲା ବୋଲି କ୍ରିସ୍ କହିଛନ୍ତି।



# ଅଯୋଧ୍ୟା, ବାରାଣସୀ ଗଲେ ୭୭୫ ବରିଷ୍ଠ ନାଗରିକ




ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତୀର୍ଥଯାତ୍ରା ଟ୍ରେନ୍‌କୁ ସବୁଜ ପତାକା ଦେଖାଉଛନ୍ତି।

**ଦ୍ୱିତୀୟ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ**

**ଶୁଭକାମନା ଜଣାଇଲେ ଉପମୁଖ୍ୟମନ୍ତ୍ରୀ**

ବ୍ରହ୍ମପୁର,୧୯।୯(ସ୍ମୃତିରଞ୍ଜନ ମହାଲିକ)

ବ୍ରହ୍ମପୁର ରେଳ ଷ୍ଟେଶନରୁ ଶୁକ୍ରବାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଦ୍ୱିତୀୟ ଟ୍ରେନ୍ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାଇଛି। ଏହି ଟ୍ରେନ୍‌କୁ ବ୍ରହ୍ମପୁର ରେଲୱେ ଷ୍ଟେଶନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ବରିଷ୍ଠ ନାଗରିକମାନଙ୍କୁ ଶୁଭକାମନା ଜଣାଇଛନ୍ତି। ଉକ୍ତ ଟ୍ରେନ୍‌ରେ ୫ ଜିଲାର ୭୭୫ ବରିଷ୍ଠ ନାଗରିକ ଓ ୨୫ ଏସ୍କର୍ଟ ଯାତ୍ରା କରିଛନ୍ତି। ତୀର୍ଥଯାତ୍ରୀଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ୪୩୮ ଜଣ, ଗଜପତିରୁ ୭୨, ବୌଦ୍ଧରୁ ୫୫, ନୟାଗଡ଼ରୁ ୧୧୯ ଓ କନ୍ଧମାଳରୁ ୯୧ଜଣ ଅଛନ୍ତି। ବ୍ରହ୍ମପୁର ଷ୍ଟେଶନ ପରିସରରେ ସେମାନଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ଗଞ୍ଜାମର ବିଭିନ୍ନ ଲୋକକଳା ପ୍ରଦର୍ଶନ କରାଯାଇଥିଲା। ଗୁରୁବାର ରାତିରେ ରେଳ ଷ୍ଟେଶନ ନିକଟସ୍ଥ ଗୁରୁକୁଳ ସ୍କୁଲରେ ସ୍ୱାଗତ କରି ସେମାନଙ୍କର ରହଣି, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟପେୟ ସମେତ ସମସ୍ତ ବ୍ୟବସ୍ଥା ଜିଲା ପ୍ରଶାସନ ତରଫରୁ କରାଯାଇଥିଲା। ତୀର୍ଥଯାତ୍ରୀମାନେ ପବିତ୍ର ଗଙ୍ଗାଘାଟ, ବାରାଣସୀର ଶୈବ ପୀଠ, ଗଙ୍ଗା ଆଳତି ଓ କାଶୀ ବିଶ୍ୱନାଥ ମନ୍ଦିର ପରିଦର୍ଶନ କରିବେ। ଏହାପରେ ଅଯୋଧ୍ୟାରେ ରାମ ଲାଲାଙ୍କ ସାନିଧ୍ୟ ଲାଭ କରି ଫେରିବେ ବୋଲି କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତୀର୍ଥଯାତ୍ରୀଙ୍କ ୫ ରାତି ଓ ୬ ଦିନ ଯାତ୍ରା ସୁଖମୟ କାମନା କରିଥିଲେ। ଏଥିସହ ଯାତ୍ରୀଙ୍କ ସହ ଯାଉଥିବା ଏସ୍କର୍ଟ ଅଧିକାରୀଙ୍କୁ ତୀର୍ଥଯାତ୍ରୀଙ୍କ ଯେପରି କୌଣସି ଅସୁବିଧା ନ ହେବ ସେଥିପ୍ରତି ଧ୍ୟାନଦେବାକୁ ଅନୁରୋଧ କରିଥିଲେ। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ ବରିଷ୍ଠ ନାଗରିକମାନଙ୍କୁ ତୀର୍ଥର ଆନନ୍ଦ ଉଠାଇ ମନ ଓ ଶରୀରକୁ ପ୍ରଫୁଲ୍ଲିତ ରଖିବାକୁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଡ. ରୁଦ୍ର ନାରାୟଣ ଦାସ ଓ ଭାଜପା ଜିଲା ସଭାପତି ସରୋଜ ସାବତ ଉପସ୍ଥିତ ଥିଲେ। ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥି ହାଂସଦା ଧନ୍ୟବାଦ ଦେଇଥିଲେ। ଶେଷରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ବୁଢ଼ୀ ଠାକୁରାଣୀ ମନ୍ଦିର ଦର୍ଶନ କରିବା ସହ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ।

## ନିଶାମୁକ୍ତ ପାଇଁ ୨୧ରେ ବିଶାଳ ଗଣଦୌଡ଼

**ଜର୍ସି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧୯।୯(ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବିଶାଳ ଗଣଦୌଡ଼ ଅନୁଷ୍ଠିତ ହେବ। ଏହି ଗଣଦୌଡ଼ର ବାର୍ତ୍ତା ହେଉଛି 'ନିଶାମୁକ୍ତ ଭାରତ'। ଏହି କ୍ରମରେ ଆସନ୍ତା ୨୧ ତାରିଖ ସକାଳ ୭ଟାରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ବିଶାଳ ଗଣଦୌଡ଼ର ଆୟୋଜନ କରାଯାଇଛି। ଏହି ଗଣଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏଥିପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଜର୍ସି ଉନ୍ମୋଚନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଏକ ମହତ୍ ବାର୍ତ୍ତା ନେଇ ଆୟୋଜନ ହେଉଥିବା ଏହି ଗଣଦୌଡ଼ରେ ବିପୁଳ ସଂଖ୍ୟକ ଯୁବଗୋଷ୍ଠୀ, ଛାତ୍ରୀଛାତ୍ର ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ୨୬ରେ ଲଘୁଚାପ

ଭୁବନେଶ୍ୱର,୧୯।୯(ବନ୍ଦନା ସେଠୀ)

ପାର୍ବଣରେ ବର୍ଷା ହେବ ନାହିଁ ବୋଲି ପୂର୍ବରୁ ପାଣିପାଗ ବିଭାଗ ଆକଳନ କରିଥିଲା। ହେଲେ ଆସନ୍ତା ୨୬ ତାରିଖରେ ବଙ୍ଗୋପସାଗରରେ ଆଉଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଦୁର୍ଗାପୂଜାରେ ବର୍ଷା ହେବାନେଇ ଆଶଙ୍କା କରାଯାଉଛି। ତେବେ ବର୍ଷା ପରିମାଣ ସଂକ୍ରାନ୍ତରେ କୌଣସି ସ୍ପଷ୍ଟଚିତ୍ର ମିଳି ନ ଥିଲେ ମଧ୍ୟ ଲଘୁଚାପ ଖବର ପାଇବା ପରେ ଦୁର୍ଗାପୂଜା ଆୟୋଜକଙ୍କ ମନରେ ଛନକା ପଶିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଓଡ଼ିଶାରେ ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ସକ୍ରିୟ ନାହିଁ। ମୌସୁମୀ ପାଇଁ ଆସନ୍ତା ୪ଦିନ ରାଜ୍ୟରେ କେତେକ ସ୍ଥାନରେ ମେଘୁଆ ପାଗ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ଝଟକା ପବନ ବହିବା ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପରିମାଣ ଅଧିକ ରହିବ। ଶନିବାର ରାଜ୍ୟର ୨୦ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ପାଣିପାଗ ବିଭାଗ ସତର୍କ କରିଛି। ସୁନ୍ଦରଗଡ, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ବାଲେଶ୍ୱର ଜିଲାର କିଛି ସ୍ଥାନରେ ବର୍ଷା, ପବନ ଓ ବଜ୍ରପାତ ହେବା ନେଇ ୟେଲୋ ୱର୍ନିଂ ଜାରି ହୋଇଛି। ୨୧ ଓ ୨୨ ତାରିଖ (ରବିବାର ଓ ସୋମବାର)ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କନ୍ଧମାଳ ଓ ରାୟଗଡ଼ା ଜିଲାର କିଛି ସ୍ଥାନରେ ଝଟକାପବନ ବହିବା ସହିତ ବଜ୍ରପାତ ସମ୍ଭାବନା ରହିଛି। ୨୦ରୁ ୨୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ପାଇଁ ୟେଲୋ ୱର୍ନିଂ ଜାରି ହୋଇଥିବାବେଳେ ୨୬ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଫଳରେ ଆଗକୁ ବର୍ଷା ବଢ଼ିପାରେ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ପିଲାଙ୍କୁ କାହାଣୀ ମାଧ୍ୟମରେ ପାଠପଢ଼ା ପ୍ରତି ଉତ୍ସାହିତ କରନ୍ତୁ ଅଭିଭାବକ

ଭୁବନେଶ୍ୱର,୧୯।୯(ସୁଚିସ୍ମିତା ସାହୁ)

**'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ସରକାରୀ ବିଦ୍ୟାଳୟଗୁଡ଼ିକରେ ଆୟୋଜିତ 'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି। ଏହି ଅବସରରେ ମା'ଙ୍କ ପାଇଁ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମା'ମାନଙ୍କୁ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନର ଗୁରୁତ୍ୱ ଉପରେ ବୁଝାଯାଇଥିଲା। ଘରେ ଅଭିଭାବକମାନେ ପିଲାଙ୍କୁ କାହାଣୀ ମାଧ୍ୟମରେ ପାଠପଢ଼ା ପ୍ରତି ପ୍ରୋତ୍ସାହନ କରିବାକୁ କୁହାଯାଇଥିଲା। ଏଥିସହ ଶିକ୍ଷାର୍ଥୀମାନଙ୍କ ରିପୋର୍ଟ କାର୍ଡ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦୁଇଦିନ ମୌଳିକ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିକ୍ଷାର୍ଥୀମାନେ ଗଣିତ ଖେଳ, ସମସ୍ୟା ସମାଧାନ, ଗପ ଆଧାରିତ ଗଣିତ କାର୍ଡ ବ୍ୟବହାର କରି ଉତ୍ସାହର ସହ ଗଣିତ କରିଥିଲେ। ତୃତୀୟ ଏବଂ ଚତୁର୍ଥ ଦିନ ମୌଳିକ ସାକ୍ଷରତା ଉପରେ ଗୁରୁତ୍ୱ ଦେବା ସହିତ ଶିକ୍ଷାର୍ଥୀମାନେ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ମୌଖିକ ଭାଷା, ଡିକୋଡିଂ, ପଠନ ଓ ଲିଖନ କରିଥିଲେ। 'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ ଶିକ୍ଷାର୍ଥୀମାନଙ୍କର ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ। ଏହି କାର୍ଯ୍ୟକ୍ରମ ସେମାନଙ୍କୁ ଜୀବନବ୍ୟାପୀ ଶିକ୍ଷା ପାଇଁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଖେଳ ମାଧ୍ୟମରେ ଗୁଣନ, ଯୋଗ, ବିୟୋଗ ଏବଂ ଅନ୍ୟାନ୍ୟ ଗାଣିତିକ ଧାରଣା ସହଜରେ ବୁଝିପାରୁଛନ୍ତି। କାହାଣୀ ଶବ୍ଦ ଖେଳ, ସେମାନଙ୍କର ଭାଷା ଏବଂ ବୋଧଗମ୍ୟତା ଦକ୍ଷତାକୁ ଉନ୍ନତ କରୁଛି। ପିଲାମାନେ ନିଜ ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦେବା ସହ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ୪୬୧୯ ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଛି: ମନ୍ତ୍ରୀ ନିତ୍ୟାନନ୍ଦ

ଭୁବନେଶ୍ୱର,୧୯।୯(ରବିନାରାୟଣ ଜେନା)

**ସରକାର ଖୋଲିଛନ୍ତି ୪୬ ବିଦ୍ୟାଳୟ**

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୬୧୯ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଛି। ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ୪୬ଟି ବିଦ୍ୟାଳୟକୁ ଖୋଲାଯାଇଥିବାବେଳେ ଆଉ ୫ଟିକୁ ଖୋଲିବା ପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରହିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶୁକ୍ରବାର ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୦ରେ ଜାରି ବିଜ୍ଞପ୍ତି ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୪୬୧୯ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦହୋଇ ରହିଛି।

ଏଥିମଧ୍ୟରେ ସର୍ବାଧିକ ୩୯୩ଟି ବିଦ୍ୟାଳୟ କଟକ ଜିଲାରେ ରହିଥିବାବେଳେ ଗଞ୍ଜାମରେ ୩୨୬, ମୟୂରଭଞ୍ଜରେ ୩୦୮, ଯାଜପୁରରେ ୨୮୩, କୋରାପୁଟରେ ୨୪୮, ଗଜପତିରେ ୨୪୭, କେନ୍ଦ୍ରାପଡ଼ାରେ ୧୯୫ ବିଦ୍ୟାଳୟ ରହିଛି। ଏହାବାଦ୍ ଅନ୍ୟ ଜିଲାଗୁଡ଼ିକରେ ଅବଶିଷ୍ଟ ବନ୍ଦ ବିଦ୍ୟାଳୟ ରହିଥିବାବେଳେ ପୁରୀରେ କୌଣସି ପ୍ରାଥମିକ ବିଦ୍ୟାଳୟ ଏହି ତାଲିକାରେ ନାହିଁ। ଅନ୍ୟପକ୍ଷରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ବନ୍ଦ ହୋଇ ରହିଥିବା ବିଦ୍ୟାଳୟ ମଧ୍ୟରୁ ୪୬ଟିକୁ ସରକାର ଖୋଲିଥିବା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସେଥିମଧ୍ୟରେ ଖୋଲାଯାଇଥିବା ୪୬ଟି ବିଦ୍ୟାଳୟ ମଧ୍ୟରୁ ଢେଙ୍କାନାଳରେ ସର୍ବାଧିକ ୨୨ଟି ଥିବାବେଳେ ଦେବଗଡରେ ୧୦, ବରଗଡରେ ୭, ଯାଜପୁରରେ ୪ ଓ ଖୋର୍ଦ୍ଧାରେ ୩ଟି ବିଦ୍ୟାଳୟ ରହିଛି। ସେହିଭଳି ଆଉ ୫ଟି ବିଦ୍ୟାଳୟକୁ ଖୋଲିବା ପାଇଁ ନବରଙ୍ଗପୁର ଜିଲାରୁ ଆସିଥିବା ପ୍ରସ୍ତାବ ସରକାରଙ୍କ ନିକଟରେ ରହିଛି ବୋଲି ମନ୍ତ୍ରୀ ବିଧାନସଭାକୁ ଜଣାଇଛନ୍ତି।

# ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧୯।୯(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୨୨ ତାରିଖ ଅର୍ଥାତ୍ ସୋମବାର ବନ୍ଦ ରହିବ। ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରଖାଯିବାକୁ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଖବରକାଗଜ ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି।

# ନିଜ ଜିଲାରେ ନିଯୁକ୍ତି ପାଇବେନି ଅଧିକାରୀ, କର୍ମଚାରୀ

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନୂଆ ନୀତି**

ଭୁବନେଶ୍ୱର,୧୯।୯(ସୁଚିସ୍ମିତା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ କୌଣସି ଅଧିକାରୀ ଓ କର୍ମଚାରୀ(ଶିକ୍ଷକଙ୍କ ବ୍ୟତୀତ)ଙ୍କୁ ନିଜ ଜିଲାରେ ନିଯୁକ୍ତି ମିଳିବ ନାହିଁ। ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ କାରଣ ଯୋଗୁ ସେମାନଙ୍କୁ ନିଜ ଜିଲାରେ ନିଯୁକ୍ତି କିମ୍ବା ବଦଳି କରାଯାଏ, ତେବେ ନିଜ ବ୍ଲକରେ ରହିବାକୁ ଅନୁମତି ଦିଆଯିବ ନାହିଁ। ଏଥିପାଇଁ ବିଭାଗ ପକ୍ଷରୁ ଅଧିକାରୀ/କର୍ମଚାରୀଙ୍କ ନିଯୁକ୍ତି ଏବଂ ବଦଳି ନେଇ ନୂଆ ନୀତି ପ୍ରସ୍ତୁତ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ନିୟମ ଅନୁଯାୟୀ, ବାର୍ଷିକ ବଦଳି ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ କରାଯିବ। ଯଦି ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନ୍ୟ କୌଣସି ସମୟରେ ସେମାନଙ୍କୁ ବଦଳି କରାଯାଏ, ତେବେ ସେମାନଙ୍କୁ ଉଚ୍ଚ ପଦାଧିକାରୀଙ୍କଠାରୁ ଅନୁମତି ନେବାକୁ ପଡ଼ିବ ବୋଲି ଶୁକ୍ରବାର ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଭାଗୀୟ କମିଶନର ଓ ସଚିବ ଶାଳିନୀ ପଣ୍ଡିତଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଯେଉଁ କ୍ୟାଡର ଅଧିକାରୀ କିମ୍ବା କର୍ମଚାରୀ (ଜିଲା କ୍ୟାଡରଙ୍କ ସମେତ) ପୂର୍ବରୁ ଯେଉଁ ଜିଲାରେ ନିଯୁକ୍ତି ପାଇଥିବେ ସେମାନେ ଅତିକମ୍‌ରେ ସେଠାରେ ୩ ବର୍ଷ ପର୍ଯ୍ୟନ୍ତ କାମ କରିବେ। କିନ୍ତୁ ଗୋଟିଏ ସ୍ଥାନରେ ୬ ବର୍ଷରୁ ଅଧିକ ରହିପାରିବେ ନାହିଁ। ଯେଉଁ ଅଧିକାରୀମାନେ ନିଜ ଚାକିରି ସମୟର ମୋଟ ୫ ବର୍ଷ (ଛୁଟି ମିଶାଇ) କିମ୍ବା ଅବିଭକ୍ତ କେବିକେ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲାରେ ପୂରଣ କରିଥିବେ, ସେମାନେ ଅନ୍ୟ ଜିଲାକୁ ବଦଳି ହୋଇପାରିବେ। ସେହିପରି ଯେଉଁମାନେ ନିଜ ଚାକିରିର ୧୦ ବର୍ଷ ଅନ୍ୟ ଜିଲାରେ ପୂରଣ କରିସାରିଲେଣି, ସେମାନଙ୍କୁ ଅବିଭକ୍ତ କେବିକେ ସହିତ ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲାରେ ନିଯୁକ୍ତି ଦିଆଯିବ। ପଦୋନ୍ନତି ପାଉଥିବା ଅଧିକାରୀ ଓ କର୍ମଚାରୀଙ୍କୁ ନୂଆ ଜାଗାକୁ ବଦଳି କରାଯିବ। କାର୍ଯ୍ୟ କରୁଥିବା ସ୍ଥାନରେ ସେମାନଙ୍କୁ ରହିବାକୁ ଅନୁମତି ମିଳିବ ନାହିଁ। ଯଦି ଉଭୟ ସ୍ୱାମୀ ଓ ସ୍ତ୍ରୀ ସରକାରୀ କର୍ମଚାରୀ ବା ଅଧିକାରୀ ହୋଇଥାନ୍ତି, ତେବେ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ନିକଟସ୍ଥ ଅଞ୍ଚଳ କିମ୍ବା ସମାନ ସ୍ଥାନରେ ନିଯୁକ୍ତି ଦିଆଯିବ। ଯେଉଁ ଅଧିକାରୀମାନେ ୨ ବର୍ଷ ଭିତରେ ଅବସର ଗ୍ରହଣ କରିବାକୁ ଚାହିଁବେ, ସେମାନେ ଯେଉଁଠାରେ ଅଛନ୍ତି ସେଠାରେ ରହିପାରିବେ ନଚେତ ସେମାନଙ୍କୁ ନିଜ ଜିଲାକୁ ବଦଳି କରାଯାଇପାରିବ। କମିଟି ମାଧ୍ୟମରେ ବଦଳି ଓ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ବିଭାଗ ନିଷ୍ପତ୍ତି ନେଇଛି। କମିଟିରେ ମୁଖ୍ୟ ଦାୟିତ୍ୱରେ ସ୍ୱତନ୍ତ୍ର ବା ଅତିରିକ୍ତ ସଚିବସ୍ତରର ଅଧିକାରୀ ରହିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।






# ଏସ୍.ଦେଉଳା ଗାଁକୁ ଏଯାଏ ଯାଇନି ବିଜୁଳି

ପାରଳାଖେମୁଣ୍ଡି, ୧୯।୯(ଗିରିଧାରୀ ପରିଚ୍ଛା)



ବିନା ଆଲୁଅରେ ଏବେ ବି କଟୁଛି ଦିନ। ସନ୍ଧ୍ୟା ହେଲେ ଗାଁରେ ଘୋଟିଯାଉଛି ଅନ୍ଧକାର। ଫଳରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ କେ. ସୀତାପୁର ପଞ୍ଚାୟତର ଏସ. ଦେଉଳା ଗ୍ରାମକୁ ଏବେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ଗାଁକୁ ପକ୍କା ରାସ୍ତାଟିଏ ମଧ୍ୟ ନାହିଁ। ସନ୍ଧ୍ୟା ହେଲେ ଡିବିରି ଆଲୁଅ ଭରସା। ପିଲାଙ୍କ ପାଠପଢ଼ା, ରୋଷେଇ, ଖାଇବା ସବୁ ସେହି ଡିବିରି ଆଲୁଅରେ କରିଥାନ୍ତି ଗ୍ରାମବାସୀ। ଜଙ୍ଗଲି ଜନ୍ତୁଙ୍କ ଭୟରେ ଅନ୍ଧାରରେ ଘରୁ ବାହାରନ୍ତି କେହି। ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଲାଗି ବାରମ୍ବାର ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ନିକଟରେ ଜଣାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି କହିଛନ୍ତି ଗ୍ରାମବାସୀ।

## ପାନୀୟ ଜଳ ସହ ରାସ୍ତା ସମସ୍ୟା ଭୋଗୁଛନ୍ତି ଲୋକେ

ବିଦ୍ୟୁତ ସଂଯୋଗ ନ ଥିବାରୁ ନିକଟସ୍ଥ ଗ୍ରାମକୁ ଯାଇ ମୋବାଇଲ ଫୋନ ଚାର୍ଜିଂ କରି ଆଣୁଛନ୍ତି। ବିଦ୍ୟୁତ୍ ନ ଥିବାରୁ ଟିଭି ଫ୍ୟାନ କିଛି ବ୍ୟବହାର କରିପାରୁନାହାନ୍ତି। ସ୍ଥାନୀୟ ସରପଞ୍ଚଙ୍କ ଉଦ୍ୟମରେ ଗ୍ରାମକୁ ଏକ ମାଟି ରାସ୍ତା ନିର୍ମାଣ ହୋଇଛି। ତେବେ ପକ୍କା ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରୁ ଗ୍ରାମବାସୀ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଗାଁକୁ ଭଲ ରାସ୍ତା ସହ ବିଦ୍ୟୁତ ଆଲୋକ ଯୋଗାଇ ଦେବାକୁ ଗ୍ରାମର ଲିନମ ଗମାଙ୍ଗ , ସଞ୍ଜିବଣୀ ଭୂୟାଁ , ପୀନସ ଗମାଙ୍ଗ, ସୁରେଶ ରଇତ, ଜିଖଳ ଗମାଙ୍ଗପ୍ରେମୁଖ ଦାବି କରିଛନ୍ତି। ଏସମ୍ପର୍କରେ ଜିଲାପାଳ ମଧୁମିତାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି. ଏ ବିଷୟରେ ବର୍ତ୍ତମାନ ସେ ଜାଣିଲେ, ବିଭାଗୀୟ ଅଧିକାରୀଙ୍କୁ ଉକ୍ତ ଗ୍ରାମ ପରିଦର୍ଶନରେ ପଠାଇ ସମସ୍ୟା ସମାଧାନ ଲାଗି ପଦକ୍ଷେପ ଗ୍ରହଣ କରାଯିବ।

## ସଂକ୍ଷେପରେ

### ନାଟ୍ୟ ନିର୍ଦ୍ଦେଶକଙ୍କ ବିୟୋଗ

ଗଞ୍ଜାମ,୧୯।୯(ବିଦ୍ୟାଧର ସାହୁ/ଅଖିଳ ତରାଇ):

ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମର ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ତଥା ଆଇନଜୀବୀ ପଙ୍କଜ କୁମାର ବାରିକ (ମିଟୁ ସାର୍)ଙ୍କ ଗୁରୁବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ବିୟୋଗ ହୋଇଛି। ଗୁରୁବାର ମଲାଡ଼ ଗ୍ରାମରେ ଏକ ନାଟକର ନାଟ୍ୟ ଅଭ୍ୟାସ ସାରି ରାତି ୧୧ଟାରେ ମିଟୁ ସାର୍ ଘରକୁ ଫେରିଥିଲେ। ଖାଇ ସାରିବା ପରେ ସେ ହଠାତ ଅସୁସ୍ଥ ଅନୁଭବ କରିବାରୁ ଗ୍ରାମର ବିଭୂତି ପଲାଇ ଓ କାହ୍ନା ବାରିକି ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ନାଟ୍ୟ କଳାକାରମାନେ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି।

### ୨୫୪ ଛାତ୍ରୀଛାତ୍ର ଦେଲେ ଏନ୍ଆର୍‌ଟିଏସ୍ ପରୀକ୍ଷା

ବୁଗୁଡ଼ା,୧୯।୯(କାଳିଚରଣ ଦାଶ)- ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ଶୁକ୍ରବାର ନବମ ଶ୍ରେଣୀ ଜାତୀୟ ଗ୍ରାମୀଣ ମେଧା ବୃତ୍ତି ପରୀକ୍ଷା (ଏନ୍ଆର୍‌ଟିଏସ୍) ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ୨୫୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩ ଜଣ ଅନୁପସ୍ଥିତ ରହିଥିଲେ। ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା ଏବଂ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ଏବଂ କାହ୍ନୁ ଚରଣ ଗୌଡ ରହିଥିଲେ। ଉଷାରାଣୀ ସିଂ, ବିଶ୍ୱେଶ୍ୱର ଗିରି, ସୁଚିତ୍ରା ବିଷୋୟୀ, ସିମାଞ୍ଚଳ ପାଇକ, ଶିବାନନ୍ଦ ସୁବୁଦ୍ଧି, ସସ୍ମିତା ତ୍ରିପାଠୀ, ଜ୍ୟୋସ୍ନା ସେଠୀ, ସ୍ନେହଲତା ସାହୁ, ସସ୍ମିତା କୁମାରୀ ପଟ୍ଟନାୟକ, ଚନ୍ଦ୍ର ଶେଖର ସାହୁ, ସଂଗ୍ରାମ କେଶରୀ ବେହେରା, ମମତା ଚୌଧୁରୀ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ କକ୍ଷ ନିରୀକ୍ଷକ ଭାବେ ରହିଥିଲେ। ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ସରିଥିଲା।

### ସରକାରୀ ଆଇଟିଆଇରେ ଡିଜିଟାଲ ବିକାଶ ଯୋଜନା

ଛତ୍ରପୁର, ୧୯।୯(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗୋପାଳପୁର ବନ୍ଦର ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ଆଦାନୀ ଫାଉଣ୍ଡେଶନ ଜରିଆରେ ଛତ୍ରପୁର ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ)ର ବିଭିନ୍ନ ଶ୍ରେଣୀ ଗୃହରେ ୭୫ ଇଞ୍ଚ ବିଶିଷ୍ଟ ବୃହତ ଏଲଇଡି ସ୍କ୍ରିନ (ଇନ୍ଟରାକ୍ଟିଭ ପ୍ୟାନେଲ) ଅବସ୍ଥାପନା କରାଯାଇଛି। ଏହା ଡିଜିଟାଲ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିପାରିବା ସହ ପ୍ରଶିକ୍ଷକମାନଙ୍କୁ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଶିକ୍ଷାଦାନ ପାଇଁ ଆକର୍ଷଣୀୟ ହୋଇପାରିଛି। ଏହା ସହ କଲେଜ ପରିସରରେ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ୬୦ ଲିଟର କ୍ଷମତା ବିଶିଷ୍ଟ ଏକ ଆଲକାଲାଇନ ୱାଟର ମେଶିନ ମଧ୍ୟ ଫାଉଣ୍ଡେସନ ପକ୍ଷରୁ ସ୍ଥାପନ ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଉପ ଜିଲାପାଳ ଶିବାଶିଷ ବରାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଡିଜିଟାଲ ଶ୍ରେଣୀ ଗୃହଗୁଡିକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ବନ୍ଦରର ଅପରେଶନ ଏବଂ ମେଣ୍ଟେନାଂଶ ବିଭାଗ ମୁଖ୍ୟ ଅଜିତ ପିଶରୋଡି, ସିଏସ୍ଆର ମୁଖ୍ୟ ଦେବଦତ୍ତ ମିଶ୍ର, ଛତ୍ରପୁର ସରକାରୀ ଆଇଟିଆଇ ଅଧ୍ୟକ୍ଷ ଅତୁଲ୍ୟ ପଣ୍ଡା, ଜିଲା ଦକ୍ଷତା ବିକାଶ ଅଧିକାରୀ (ଡିଏସଡିଓ) ଫାଲଗୁନି ସାର୍ଥକ ନାୟକ ଏବଂ ବହୁ ପ୍ରଶିକ୍ଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ବ୍ୟାଙ୍କ ସମୂହ ଅର୍ଥ ପରାମର୍ଶଦାତା କମିଟି ବୈଠକ

ଛତ୍ରପୁର,୧୯।୯(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ):



ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଗଞ୍ଜାମ ଜିଲା ବ୍ୟାଙ୍କ ସମୂହ ପକ୍ଷରୁ ଅର୍ଥ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା ଅଧ୍ୟକ୍ଷତା କରି ହିତାଧିକାରୀମାନଙ୍କୁ ଠିକ ଭାବେ ଋଣ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହିତ ସମସ୍ତ ଯୋଜନା ଯେପରି ଲୋକେ ଜାଣିପାରିବେ ସେ ନେଇ ସଚେତନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ବିଭିନ୍ନ ବ୍ୟାଙ୍କର ୪୪୮ଟି ଶାଖା ରହିଛି। ଜୁନ ୨୫ ସୁଦ୍ଧା ସମସ୍ତ ବ୍ୟାଙ୍କରେ ମୋଟ ୩୨,୭୫୭ କୋଟି ଟଙ୍କା ଜମା ରହିଥିବା ବେଳେ ୨୧,୬୦୨ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ଯାହାକି ଲକ୍ଷ୍ୟ ଧାର୍ଯ୍ୟ ୬୫.୯୫ ପ୍ରତିଶତ ହୋଇଛି। ଚଳିତବର୍ଷ ଖରିଫ ଋତୁରେ ବ୍ୟାଙ୍କ ଦ୍ୱାରା ୮,୯୦,୪୬୨ ଚାଷୀ କୃଷି ବୀମାରେ

## ଗଞ୍ଜାମ ଜିଲା

ଅର୍ନ୍ତଭୁକ୍ତ ହୋଇଥିବା ବେଳେ ୭୨,୦୮୯ ହେକ୍ଟର ଫସଲ ବୀମା ଭୁକ୍ତ ହୋଇଛି। ଯାହାର ମୂଲ୍ୟ ୬୧୭.୫୬ କୋଟି ବୋଲି ସୂଚନା ମିଳିଛି । ବଳରାମ ଯୋଜନାରେ ଚଳିତବର୍ଷ ପାଇଁ ଜୁନ ୨୫ ସୁଦ୍ଧା ବ୍ୟାଙ୍କଗୁଡିକ ଦ୍ୱାରା ଶତପ୍ରତିଶତ ଋଣ ପ୍ରଦାନ କରାଯାଇଥିବା ବୈଠକରେ କୁହାଯାଇଛି । ବୈଠକରେ ଗଞ୍ଜାମ ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ୟୁନିୟନ ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ରଜତ କୁମାର ପଣ୍ଡା, ଆରବିଆଇ ଭୁବନେଶ୍ୱର ଏଲଡିଓ ରାହୁଲ୍‌କାନ୍ତେ, ନାର୍ବାଡର ଡିଡିଏମ ସଞ୍ଜୀବ ମିଶ୍ର, ଏଲଡିଏମ ହିମାଞ୍ଚଳ ସାହୁଙ୍କ ସମେତ ସମସ୍ତ ବ୍ୟାଙ୍କ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ।

# ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ନେଇ ତାଲିମ ଶିବିର

ଶେରଗଡ଼,୨୦।୯(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଗୃହରେ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ନେଇ ଏକ ତାଲିମ ଶିବିରର ଅନୁଷ୍ଠିତ ହୋଇଛି। ଗଞ୍ଜାମ ଜିଲା ବୃହତ୍ତର ଦୁଗ୍ଧ ଉତ୍ପାଦନ ସଂଘ ପକ୍ଷରୁ ଆୟୋଜିତ ଏହି ଶିବିରରେ ଅତିଥି ଭାବେ ଜେନେରାଲ ମ୍ୟାନେଜର କୁମୁଦ ଚନ୍ଦ୍ର ପାଢ଼ୀ,ଫୋଡର ଅଧିକାରୀ ବିନୋଦ ଚନ୍ଦ୍ର ପାଢ଼ୀ, ପ୍ଲାଣ୍ଟ ସହାୟକ ସୌମ୍ୟ ରଞ୍ଜନ ଉପସ୍ଥିତ ରହି ଅଧିକ ସ୍ୱଚ୍ଛ ଦୁଗ୍ଧ କିପରି ଉତ୍ପାଦନ ହୋଇପାରିବ ସେ ଦିଗରେ ବିଭିନ୍ନ ଉପାୟମାନ ବୁଝାଇଥିଲେ। ପ୍ରାଣୀ ଅନୁ ନିରୀକ୍ଷକ ଉମା ଶଙ୍କର ନାୟକଙ୍କ ସଂଯୋଜନାରେ ହୋଇଥିବା ଏହି ତାଲିମ ଶିବିରରେ ଉନ୍ନତ ମାନର ଗାଈ, ସେମାନଙ୍କ ଉପଯୁକ୍ତ ଯତ୍ନ, ସମୟ ଅନୁସାରେ ଖାଦ୍ୟ, ଗୁହାଳରେ ସ୍ୱଚ୍ଛତା ଅବଲମ୍ବନ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଗାଈଙ୍କ ଯତ୍ନ ନେବା ଆବଶ୍ୟକ ବୋଲି ନାୟକ କହିଥିଲେ। ଓମଫେଡର ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନରେନ୍ଦ୍ରପୁର ଦୁଗ୍ଧ ସମବାୟ ସମିତିଅଧୀନରେ ଥିବା ସମସ୍ତ ଦୁଗ୍ଧ ଚାଷୀ ତାଲିମ ନେଇଥିଲେ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଦିଗପହଣ୍ଡି,୧୯।୯(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ଥାନା କୁକୁଡ଼ାଖଣ୍ଡି ବ୍ଲକ ବନ୍ଥପଲ୍ଲୀ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଖଣ୍ଡା ଚୋଟରେ ତାଙ୍କ ହାତ, ଗୋଡ଼ରେ ଗଭୀର ଆଘାତ ଲାଗିଛି। ଗୁରୁତର ଯୁବକ ଜଣକ ହେଲେ ଗ୍ରାମର ଶିବଶଙ୍କର ବିଷୋୟୀ (୨୫)। ଗ୍ରାମରେ କିଛିଦିନ ପୂର୍ବେ ଭଲିବଲ ମ୍ୟାଚ ହୋଇଥିଲା। ମ୍ୟାଚରେ ହାରଜିତ ନେଇ ଶିବଶଙ୍କର ଓ ଅନ୍ୟ ଯୁବକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଅନ୍ୟ ଖେଳାଳିମାନେ ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା । ଏହାପରେ ଗ୍ରାମରେ ଗଣେଶ ପୂଜା ହେବା ଓ ଭସାଣି ମଧ୍ୟ ହୋଇଥିଲା। ଗୁରୁବାର ଗ୍ରାମରେ ଗଣେଶ ଭସାଣି ଭୋଜି ବେଳେ ସେଠାରେ ମଧ୍ୟ ଶିବଶଙ୍କରଙ୍କ ସହ ବିପକ୍ଷ ଗୋଷ୍ଠୀର ଯୁବକମାନଙ୍କ ମଧ୍ୟରେ ହାତାହାତି ହୋଇଥିଲା । ରାତି ପ୍ରାୟ ୧୧ଟାରେ ଶିବଶଙ୍କର ଘର ବାରଣ୍ଡାରେ ବସିଥିବା ବେଳେ କେତେଜଣ ଯୁବକ ଆସି ଠେଙ୍ଗା,ଖଣ୍ଡା ଓ କାତିରେ ଶିବଶଙ୍କରଙ୍କୁ ଆକ୍ରମଣ କରି ସେଠାରୁ ଚମ୍ପଟ ମାରିଥିଲେ । ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେ ବର୍ତ୍ତମାନ ଚିକିତ୍ସାଧିନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଏନେଇ ଶୁକ୍ରବାର ଶିବଶଙ୍କରଙ୍କ ଭିଣୋଇ ପ୍ରଶାନ୍ତ ଭୂୟାଁ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ନଂ. ୩୪୨/୨୫ରେ ମାମଲା ରୁଜୁ ହୋଇଥିବା ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି ।

# ମାନବ ଚାଲାଣ ବିରୋଧରେ ସଚେତନତା କାର୍ଯ୍ୟକ୍ରମ




ପାରଳାଖେମୁଣ୍ଡି, ୧୯।୯(ଗିରିଧାରୀ ପରିଚ୍ଛା)

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ନୂଆଗଡ ବ୍ଲକ ଆତରସିଙ୍ଗ ପଞ୍ଚାୟତ ଏବଂ ଆର ଉଦୟଗିରି ବ୍ଲକ ରମାଗିରି ପଞ୍ଚାୟତରେ ଶିଶୁ ଚାଲାଣ ବିରୋଧରେ ଗୋଷ୍ଠୀ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଗଡ ବ୍ଲକର ତାବରଡା, ପୁତୁରୁପଡା, ଆତରସିଙ୍ଗ ପଞ୍ଚାୟତର ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସାମିଲ ହୋଇଥିଲେ। ଆର. ଉଦୟଗିରି ବ୍ଲକର ରମାଗିରି, ତାବରସିଙ୍ଗ ଓ ଅନଘାର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ଶିଶୁଙ୍କୁ ଚାଲାଣ କରିବାକୁ ବିରୋଧ କରିବା ସହ ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ପ୍ରଚଳିତ ସମସ୍ତ ଯୋଜନା ସମ୍ପର୍କରେ ଅବଗତ କରାଇବା, ସେମାନଙ୍କୁ ସମାଜରେ ସ୍ୱତନ୍ତ୍ର ପରିଚୟ ଦେଇ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। କୌଣସି ଶିଶୁ ଯେପରି ତାଙ୍କ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ଏବଂ ବିପଦସଙ୍କୁଳ ପରିବେଶକୁ ନ ଯାଆନ୍ତି ସେନେଇଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆଲୋଚନା କରାଯାଇଥିଲା।

# ସ୍କୁଲ ବସ୍ ଧକ୍କାରେ ୩ ନର୍ସ ଗୁରୁତର

ଛତ୍ରପୁର, ୧୯।୯(ସନ୍ତୋଷ ପାଢ଼ୀ)

ଚମାଖଣ୍ଡି ଥାନା ଅଧୀନ ଟାଟା କଲୋନୀ ପ୍ରଥମ ଗେଟ୍ ସମ୍ମୁଖରେ ଶୁକ୍ରବାର ପୂର୍ବାହ୍ନରେ ଏକ ଘରୋଇ ସ୍କୁଲ ବସ୍ (ଓଡି ୦୭ଏଡି ୭୧୦୧) ସ୍କୁଟି (ଓଡି ଓ ୭ଏ ଜେଡ ୯୬୦୪) ସହ ଧକ୍କା ହୋଇଥିଲା। ଫଳରେ ସ୍କୁଟିରେ ଥିବା ୩ ଜଣ ନର୍ସ ତଳେ ପଡିଯାଇ ଗୁରୁତର ହୋଇଛନ୍ତି। ଆହତ ୩ ଜଣ ମାଣ୍ଡିଆପଲି ଗାଁର ବୋଲି ଜଣାପଡିଛି। ସେମାନଙ୍କୁ ଶୀତଳାପଲିସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ପଦାର୍ଥ ବିଜ୍ଞାନ ବିଭାଗରେ ନବାଗତଙ୍କୁ ସ୍ୱାଗତ

ବୁଗୁଡ଼ା,୧୯।୯(କାଳିଚରଣ ଦାଶ):




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବୁଗୁଡ଼ା ପିପୁଲ୍ସ କଲେଜର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନାତ ଦିଆଯାଇଛି। କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ଆଡମିନିଷ୍ଟ୍ରେଟିଭ୍ ବରସାର୍ ଡ.ପ୍ରଦୀପ କୁମାର ଦାଶ, ଆଇକ୍ୟୁଏସି କୋ-ଅର୍ଡିନେଟର ଆମ୍ ପ୍ରକାଶ ନାୟକ ଯୋଗ ଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁଶାନ୍ତ କୁମାର ସାହୁ, ଅଧ୍ୟାପିକା ସନ୍ଧ୍ୟାରାଣୀ ସାହୁ, ଡେମୋନଷ୍ଟ୍ରେଟର୍ ପ୍ରଦୀପ କୁମାର ପ୍ରଧାନ ମଞ୍ଚାସୀନ ରହିଥିଲେ। ନବାଗତ ଛାତ୍ରୀଛାତ୍ରମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ

## ପିପୁଲ୍ସ କଲେଜ

ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହ ବିଭାଗ ଓ ମହାବିଦ୍ୟାଳୟର ଅନୁଶାସନ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ, ଅତିଥିଗଣ ଏବଂ ବିଭାଗୀୟ ଅଧ୍ୟାପକମାନେ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଋଷିକୁଲ୍ୟା ମୁହାଣ ଖନନ ଦାବି

ଛତ୍ରପୁର,୧୯।୯(ଦିଲୀପ ସାମଲ):

ଋଷିକୁଲ୍ୟା ମୁହାଣ ଖନନ କାର୍ଯ୍ୟ ସହ ସ୍ଥାୟୀ କାର୍ଯ୍ୟକ୍ଷମ କରିବାକୁ ମତ୍ସ୍ୟଜୀବୀମାନେ ଦାବି କରିଛନ୍ତି। ଛତ୍ରପୁର ଓ ଗଞ୍ଜାମ ବ୍ଲକ ଅଧୀନ ପ୍ରୟାଗୀ, କଳରାବାଡି, ସିଦ୍ଧାନ୍ତନଗର, ପୋଡମପେଟା, କର୍ଣ୍ଣିଆଗଡ, ଗୋଖରକୁଦା, ପୁରୁଣାବନ୍ଧ, ସାନନୋଳିଆନୂଆଗାଁ, ବଡନୋଳିଆନୂଆଗାଁ, ଦାମଦୋରପୁର ଓ କାଇଁଚପୁର ଆଦି ୧୧ ଗ୍ରାମର ନୋଳିଆ ଓ କେଉଟ ମତ୍ସ୍ୟଜୀବୀ ଉକ୍ତ ମୁହାଣ ଉପରେ ନିର୍ଭରଶୀଳ। ବର୍ତ୍ତମାନ ମୁହାଣଟି ପୋତି ହେବାକୁ ଗଲାଣି। ସମୁଦ୍ରରୁ ନଦୀ ମଧ୍ୟକୁ ମାଛ ପ୍ରବେଶ କରିବାରେ ଅନ୍ତରାୟ ଘଟୁଛି। ମୁହାଣ ଦେଇ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ଧରିବାକୁ ଯିବାରେ ଅସୁବିଧା ହେଉଛି। ପରିବାର ପ୍ରତିପୋଷଣରେ ସମସ୍ୟା ହେଉଥିବାରୁ କେତେଜଣ ମତ୍ସ୍ୟଜୀବୀ ବାହାର ରାଜ୍ୟକୁ ଶ୍ରମିକ ଭାବେ ଯାଇ ମାଛ ମାରିବା କାମ କରୁଛନ୍ତି। କୌଣସି ମତ୍ସ୍ୟଜୀବୀ ଧୀବର ଶ୍ରେଣୀ ମାଛ ଧରିବାକୁ ଯାଇ ମୃତ୍ୟୁ ଘଟିଲେ ସରକାରୀ ସ୍ତରରେ ଅନୁକମ୍ପା ସହାୟତା ରାଶି ମିଳୁନାହିଁ । ଏଥିପ୍ରତି ସରକାରଙ୍କ ଦୃଷ୍ଟି ଦେଇ ମୁହାଣ ଖନନ କାର୍ଯ୍ୟ ସହିତ ସ୍ଥାୟୀ ମୁହାଣ ପାଇଁ ବ୍ୟବସ୍ଥା କରିବାକୁ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟିଙ୍କୁ ୧୧ଟି ଗ୍ରାମର ମତ୍ସ୍ୟଜୀବୀମାନେ ନିବେଦନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଏନ.ଆପେୟା, ଏ.କାଲେୟା, ଏ.ସନ୍ୟାସୀ, ପି.ତାତାଲୁ, ଏ.ଗୁରେୟା, ପି.କାମେୟା, ଡବ୍ଲୁ. ଦାନେୟା ଓ ଡି.ମୁକୁନ୍ଦୁ ସମେତ ବହୁ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ ।



ଅତିରିକ୍ତ ଜିଲାପାଳଙ୍କୁ ମତ୍ସ୍ୟଜୀବୀମାନେ ଭେଟି ଦାବିପତ୍ର ଦେଉଛନ୍ତି।

# କୁସ୍ତିରେ ଲିପ୍ସାରାଣୀ ସ୍ୱର୍ଣ୍ଣ, ଶୁଭମଙ୍କୁ ରୌପ୍ୟ ପଦକ

ପାତ୍ରପୁର,୧୯।୯(ଉମା ଚରଣ ନେପାକ):

## ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା



ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡ଼ାରେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଖାରିଆଗୁଡା ପଞ୍ଚାୟତର ଲିପ୍ସାରାଣୀ ବାଡତ୍ୟା ସ୍ୱର୍ଣ୍ଣ ଓ ଶୁଭମ ପ୍ରଧାନ ରୌପ୍ୟ ପଦକ ଜିତି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ଢେଙ୍କାନାଳ ଜିଲା ଇନ୍‌ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ୨ ଦିନିଆ ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡାର ୧୪ ଓ ୧୭ ବର୍ଷରୁ କମ୍ ରେସଲିଂ (କୁସ୍ତି) ବିଭାଗରେ ଭାଗ ନେଇ ୪୩ କି.ଗ୍ରା ବର୍ଗରେ ଲିପ୍ସାରାଣୀ ଚାମ୍ପିୟନ ହେବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୬୨ କି. ଗ୍ରା ବର୍ଗରେ ଶୁଭମ ପ୍ରଧାନ ଚାମ୍ପିୟନ ହେବାସହ ରୌପ୍ୟ ପଦକ ହାସଲ କରିଛନ୍ତି । ଅନ୍ୟ ୨ଜଣ ବବୁଲ ଗମାଙ୍ଗ, ମିଥୁନ ସାହୁ କାଂସ୍ୟ ପଦକ ହାସଲ କରିଛନ୍ତି। ଖାରିଆଗୁଡା ପଞ୍ଚାୟତ ତାଳପଡା ଗ୍ରାମରେ ଲିପ୍ସାରାଣୀ, ଖାରିଆଗୁଡା ଗ୍ରାମର ଶୁଭମ ପିଲାବେଳୁ ପାଠପଢା ସହିତ କ୍ରୀଡା ପ୍ରତି ଆକୃଷ୍ଟ ଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ଏମ. ଗୋପାଳ କୃଷ୍ଣ ରେଡିଙ୍କ ତତ୍ତ୍ୱାବଧାନରେ ତାଲିମ ନେବା ସହ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଗ୍ରାମବାସୀଙ୍କ ସହ ବହୁ ଶୁଭେଚ୍ଛୁ, ଶିକ୍ଷୟିତ୍ରୀ ଶିକ୍ଷକ ଉଭୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରିଥିଲେ । ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ, କାର୍ଯ୍ୟ ନିର୍ବାହୀ ବ୍ଲକ ଶିକ୍ଷା ଅଧିକାରୀ ମଧୁସ୍ମିତା ପୃଷ୍ଟି, ଶୁଭକାମନା ଜଣାଇଛନ୍ତି।

# ସାର ଦୁର୍ନୀତି ଅଭିଯୋଗରେ ବିଜେଡିର ଶୋଭାଯାତ୍ରା

କବିସୂର୍ଯ୍ୟନଗର,୧୯।୯(କୃପାସିନ୍ଧୁ ସ୍ୱାଇଁ)

## ଭାଜପାର 'ଏକ ପେଡ ମା' କି ନାମ କାର୍ଯ୍ୟକ୍ରମ

'ଏକ ପେଡ ମା' କି ନାମ କାର୍ଯ୍ୟକ୍ରମ ବ୍ଲକ ପରିସରରେ ଶୁକ୍ରବାର ଚାଲିଥିଲା ଭାଜପାର ଉକ୍ତ କାର୍ଯ୍ୟକ୍ରମ ଚାଲିଥିଲା ବେଳେ ବିଜେଡିର ସାର ସଙ୍କଟ, ମନୋମୁଖୀ ଶାସନ ବିରୋଧରେ ବିଡ଼ିଓଙ୍କୁ ସ୍ମାରକପତ୍ର ଦେବା କାର୍ଯ୍ୟକ୍ରମ ଥିଲା । ବିଜେଡି ବହୁ ନେତାଙ୍କ ସମେତ ଶତାଧିକ କର୍ମୀ ବନଦେବୀ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କୌଣସି ଅଘଟଣ ଘଟିବା ଆଶଙ୍କାରେ ବ୍ଲକ ସମ୍ମୁଖରେ ପୂର୍ବରୁ ପୋଲିସର ଛାଉଣି ହୋଇ ରହିଥିଲେ । ଏସଡିପିଓ ସୁଜିତ ନାୟକ, ଆଇଆଇସି, ଡ଼ିଏସ୍‌ପି ଓ କର୍ମଚାରୀ ସଜାଗ ଥିଲେ।

ପୂର୍ବାହ୍ନରେ ଆସିକା ପ୍ରାକ୍ତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଆସିକା ଏମ୍‌ପି ପ୍ରାର୍ଥୀ ଡ. ରଂଜିତା ସାହୁ , ପ୍ରାକ୍ତନ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, କୋଦଳା ପ୍ରାକ୍ତନ ଏନଏସି ଅଧ୍ୟକ୍ଷ ହରପ୍ରସାଦ ସାହୁ, ଜିଲା ଯୁବ ବିଜେଡି ଜୋନ ସଭାପତି ନଚିକେତା ସ୍ୱାଇଁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ସ୍ୱାଇଁ, ନୀଳାଞ୍ଚଳ ମଣ୍ଡଳଙ୍କ ସମେତ ଶତାଧିକ କର୍ମୀ ବନଦେବୀ ମନ୍ଦିରଠାରେ ଏକତ୍ରିତ ହୋଇ ଆସି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଡ଼ିଓ ଛୁଟିରେ ଥିବାରୁ ଏବିଡ଼ିଓ ନାରାୟଣ ବେହେରା ସ୍ମାରକପତ୍ର ଗ୍ରହଣ କରିବାକୁ ବ୍ଲକ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ମାତ୍ର ବିଜେଡି ନେତା କର୍ମୀମାନେ ବିଡ଼ିଓ ଆସିବାକୁ ଜିଦ କରିଥିଲେ। ଫଳରେ ଏବିଡ଼ିଓ ବିଡ଼ିଓଙ୍କ ଚାମ୍ବରକୁ ଡାକି ସ୍ମାରକପତ୍ର ଗ୍ରହଣ କରିଥିଲେ । ଏନେଇ ଏବିଡ଼ିଓଙ୍କୁ ଜନପ୍ରତିନିଧିମାନେ ସାର ଦୁର୍ନୀତି, ବିଡ଼ିଓଙ୍କ ମନୋମୁଖୀ କାର୍ଯ୍ୟ, ବ୍ଲକ ପ୍ରଶାସନର ଅସହଯୋଗ, ୧୨ଟି ପଞ୍ଚାୟତରେ ଦୁର୍ନୀତି ଆଦି ଅଭିଯୋଗ ସ୍ମାରକପତ୍ରରେ ଉଲ୍ଲେଖ ଥିବା ଅବଗତ କରାଇଥିଲେ।
ଏନେଇ ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷ ବୀରେନ୍ଦ୍ର ଖଟେଇ ପ୍ରତିକ୍ରିୟା ରଖି କହିଛନ୍ତି, ଆସିକା ପ୍ରାକ୍ତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ବଡ଼ ବୋହୁଙ୍କ ନାମରେ ଆସିକା ଗହଙ୍ଗୁ ବାଲି ଟେଣ୍ଡର ଥିବା ବେଳେ ବଡ଼ ପୁଅ ବିଭିନ୍ନ ବାଲି, ପଥର, ମଦ ବ୍ୟବସାୟୀଙ୍କ ସହ ସମ୍ପୃକ୍ତ ରହିବା ଓ ଜମି ହଡପରେ ଲିପ୍ତ ଥିବା ଅଭିଯୋଗ କରିଛନ୍ତି । ବିକାଶରେ ଏହି ପରିବାର ପ୍ରତିବନ୍ଧକ ସାଜୁଛନ୍ତି ବୋଲି ଅଧ୍ୟକ୍ଷ ଖଟେଇ କହିଥିଲେ। ଏ ସମ୍ପର୍କରେ ପ୍ରାକ୍ତନ ବିଧାୟିକା ସ୍ୱାଇଁ ଭାରପ୍ରାପ୍ତ ଅଧ୍ୟକ୍ଷ ଖଟେଇଙ୍କ ଅଭିଯୋଗ ଉପରେ ମତ ରଖି ଏହାକୁ ଖଣ୍ଡନ କରିଛନ୍ତି। ମୋ ପୁଅ ବୋହୂ ଏସବୁ କାର୍ଯ୍ୟ ଛାଡି ଦେଲେଣି, ଏ ଖବର ଅଧ୍ୟକ୍ଷଙ୍କ ପାଖରେ କେମିତି ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏନେଇ ଏବିଡ଼ିଓ ବେହେରା କହିଛନ୍ତି, ଘଟଣା, ଅଭିଯୋଗ ସମ୍ପର୍କରେ ବିଡ଼ିଓ ରାଜେନ୍ଦ୍ର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବି ।

## ଶେରଗଡ଼ରେ ମହନ୍ତ ସମ୍ମିଳନୀ

ଶେରଗଡ,୧୯।୯(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ସ୍ଥିତ ବଡ଼ ମଠରେ ମହନ୍ତମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବଡ଼ ମଠ ମହନ୍ତ ପରମାନନ୍ଦ ଦାସ ଗୋସାମୀଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ଉପସ୍ଥିତ ମହନ୍ତମାନେ ଧର୍ମ ଚର୍ଚ୍ଚା କରି ମଠ ମନ୍ଦିରର ସଂସ୍କୃତିର ସୁରକ୍ଷା ଲାଗି ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟରେ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

## ସାପ କାମୁଡାରେ ମହିଳା ମୃତ

ଗଞ୍ଜାମ,୧୯।୯(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ରମ୍ଭା ଥାନା ଅନ୍ତର୍ଗତ ହରିପୁର ବୁରୁଡି ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଇନ୍ଦ୍ରମଣି ବିଷୋୟୀଙ୍କ ସ୍ତ୍ରୀ କନକ (୪୮)। ଶୁକ୍ରବାର ପୂର୍ବାହ୍ନରେ କନକ ଶସ୍ୟକ୍ଷେତ୍ରକୁ କାମ କରିବାକୁ ଯାଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ତାଙ୍କୁ ପରିବାର ଲୋକେ ପ୍ରଥମେ ଛତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କନକଙ୍କ ମୃତ୍ୟୁ ଘଟିଥିଲା।

## ଛେଳି ଚୋରି କରି ୩ ଗିରଫ

ଖଲ୍ଲିକୋଟ,୧୯।୯(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ପୋଲିସ ଛେଳି ଚୋରି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩ଟି ଛେଳି ଓ ଗୋଟିଏ ସ୍ୱିଫ୍ଟ ଡେଜାୟାର କାର ଜବତ କରିଛି। ଛେଳି ଉଦ୍ଧାର କରି ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ କିଛି ଦିନ ହେଲା ଖଲ୍ଲିକୋଟ ଅଞ୍ଚଳରୁ ଛେଳି ଗୋଠରୁ ଛେଳି ଚୋରି ହେଉଥିବା ନେଇ ଖଲ୍ଲିକୋଟ ଥାନାରେ ଅଭିଯୋଗ ହୋଇଥିଲା। ନାରାୟଣୀ ଜଙ୍ଗଲ ଓ ମାନଅପଲ୍ଲୀ ରାସ୍ତାରୁ ୩ଟି ଛେଳି ଚୋରି ହୋଇଥିଲା। ଅଭିଯୋଗ ପରେ ଭେଜିପୁଟ ଓଆଇସି ଦେବାଶିଷ ମିଶ୍ର ସିସିଟିଭିକୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲେ। ବେଗୁନିଆପଡା ଥାନା ଅଞ୍ଚଳର ଜଣେ ଓ ଖଲ୍ଲିକୋଟ ଥାନା ଅଞ୍ଚଳର ଦୁଇ ଜଣ ଏହି ଛେଳି ଚୋରିରେ ସଂପୃକ୍ତ ଥିବା ସ୍ପଷ୍ଟ ହେବା ପରେ ଉପରୋକ୍ତ ୩ଜଣଙ୍କୁ ଗିରଫ କରାଯାଇଛି।

## ୨୬ ୟୁନିଟ୍ ରକ୍ତ ସଂଗ୍ରହ

ଗୁମ୍ମା,୧୯।୯(ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୁକ୍ରବାର ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପାର୍ଥ ପ୍ରତୀମ ପଣ୍ଡାଙ୍କ ନେତୃତ୍ୱରେ ହୋଇଥିବା ଶିବିରରୁ ୨୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମଙ୍ଗୁଲୁ ଚରଣ ବେହେରା, ଗଣେଶ ବିଶ୍ୱାଳ, ସାଇବାନି ପ୍ରଧାନ, ସୁପ୍ରିୟା କାର୍ଜି, ପ୍ରଫୁଲ୍ଲ ପାଣି, ରାଜୁ ବର୍ଦ୍ଧନ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ପାଇଁ ସିଡିଏମଓଙ୍କୁ ଭେଟିଲେ ଗ୍ରାମବାସୀ

ଜି.ଉଦୟଗିରି,୧୯।୯(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଗ୍ରେସିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତରଙ୍କୁ ନଭେମ୍ବର ୨୦୨୩ ରେ ଡେପୁଟେଶନରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଅଞ୍ଚଳବାସୀ ଏହାର ପ୍ରତିବାଦ କରି ଗତ ୪ ତାରିଖରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଜରିଆରେ କନ୍ଧମାଳ ଜିଲାପାଳ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ। ଅଞ୍ଚଳବାସୀଙ୍କ ଦାବିକୁ ଗୁରୁତ୍ୱ ଦେଇ ଗତ ୧୨ ତାରିଖରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ସମ୍ପୃକ୍ତ ଡାକ୍ତରଙ୍କ ଡେପୁଟେଶନକୁ ରଦ୍ଦ କରି ତୁରନ୍ତ ଜି.ଉଦୟଗିରିରେ ଯୋଗ ଦେବାକୁ ନିର୍ଦ୍ଦେଶ ଜାରି କରିଥିଲେ। ମାତ୍ର ଏକ ସପ୍ତାହ ବିତି ଯାଇଥିଲେ ମଧ୍ୟ ବିଶେଷଜ୍ଞ ଡାକ୍ତର ଜଣକ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଏହି ପରିସ୍ଥିତିକୁ ନେଇ ଶୁକ୍ରବାର ଯୁବ ସମାଜିକ କର୍ମୀ ଆମନ ଚନ୍ଦ୍ର ନାୟକ, ଖବରଦାତା ସାମନ୍ତ ଶେଖର ନାୟକ ଓ ଅନିଲ ଦିଗାଲ କନ୍ଧମାଳ ଜିଲା ଅତିରିକ୍ତ ନିର୍ଦ୍ଦେଶକ ଓ ସିଡ଼ିଏମଓଙ୍କୁ ସାକ୍ଷାତ କରିଥିଲେ। ସିଡ଼ିଏମଓ ସେମାନଙ୍କୁ କହିଥିଲେ ଯେ, ବିଶେଷଜ୍ଞ ଡାକ୍ତର ଏକ ସପ୍ତାହ ପାଇଁ ଭୁବନେଶ୍ୱର ଟ୍ରେନିଂରେ ଯାଇଥିବାରୁ ବିଳମ୍ବ ହୋଇଛି। ସେ କିଛି ଦିନ ମଧ୍ୟରେ ନିଜ ପୋଷ୍ଟିଂ ମେଡିକାଲରେ ଯୋଗଦେବେ।

# ୩ ବ୍ଲକରେ କୃଷି ବିକାଶ ଲାଗି ୩୦.୭୪ କୋଟି

ଛତ୍ରପୁର,୧୯।୯(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):



ବୈଠକରେ ଉପସ୍ଥିତ ଏଡିଏମ ଓ ଅନ୍ୟମାନେ।

ଦ୍ୱିତୀୟ ତ୍ରୟମାସିକ ଗଞ୍ଜାମ ଜିଲା ପ୍ରକଳ୍ପ ପରିଚାଳନା କମିଟି ବୈଠକ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଜିଲା ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜଳ ବିଭାଜନ ଗଞ୍ଜାମ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ଅର୍ଥ ଓ ପ୍ରଶାସନ ବିଶେଷଜ୍ଞ ନିମାଇଁ ଚରଣ ଦାସ ପ୍ରକଳ୍ପ ପରିଚାଳନା କମିଟିର ଉଦ୍ଦେଶ୍ୟ ଓ ଏହାର ଉପକାରିତା ସମ୍ପର୍କରେ ସମସ୍ତ ସଦସ୍ୟମାନଙ୍କୁ ବୁଝାଇଥିଲେ। କୃଷି ଉତ୍ପାଦନରେ ଉନ୍ନତି, ଖାଦ୍ୟ ପ୍ରଣାଳୀ ଓ କ୍ଷୟ ହୋଇଥିବା ଜମିର ପୁନରୁଦ୍ଧାର ଦ୍ୱାରା ପରିସଂସ୍ଥାନ ସେବା ବଜାୟ ରଖିବା, ଜୈବ ବିବିଧତାକୁ ସମର୍ଥନ କରିବା ଏବଂ କୃଷି ଉତ୍ପାଦକତା ବୃଦ୍ଧି କରିବାରେ କିପରି ସାହାଯ୍ୟ ମିଳିପାରିବ ସେ ସମ୍ପର୍କରେ ବୁଝାଇଥିଲେ। ପୁନରୁଦ୍ଧାର କ୍ଷୟପ୍ରାପ୍ତ ଜମି ଏବଂ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ଦ୍ୱାରା ଜୈବ ବିବିଧତା ଏବଂ ଇକୋ ସିଷ୍ଟମ ସେବାସଂରକ୍ଷଣ କରାଯାଇପାରିବ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଏହି ପ୍ରକଳ୍ପ ୫ ବର୍ଷ ପାଇଁ କାର୍ଯ୍ୟକ୍ଷମ କରାଯାଉଛି । ଏଥି ନିମନ୍ତେ ୩୦ କୋଟି ୭୪ ଲକ୍ଷ ଟଙ୍କା ବିନିଯୋଗ କରାଯାଉଛି। ଗଞ୍ଜାମ ଜିଲାର ଦିଗପହଣ୍ଡି, ସୋରଡା ଓ କବିସୂର୍ଯ୍ୟନଗର ବ୍ଲକର ୭୨ଟି ଗ୍ରାମ ପଞ୍ଚାୟତର ୫୯୩ ଟି ଗ୍ରାମରେ ଏହି ପ୍ରକଳ୍ପ କାର୍ଯ୍ୟ କରୁଛି । ୨୦୨୪-୨୫ ଆର୍ଥିକ ବର୍ଷ ଖରିଫ ଓ ରବି ଫସଲ ନିମନ୍ତେ ଏହି ୩ଟି ବ୍ଲକର କୃଷକ ମାନଙ୍କର ଅନଲାଇନ ପଞ୍ଜିକରଣ ଶତପ୍ରତିଶତ ପୂରଣ ହୋଇଥିବା ଜଣାଯାଇଛି । ବୈଠକରେ ଜଳସେଚନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଦ୍ୱିତୀୟ ତ୍ରୟମାସିକ ଜିଲା ପ୍ରକଳ୍ପ ପରିଚାଳନା କମିଟି ବୈଠକ

# ବାପପୁଅଙ୍କୁ ଆଜୀବନ କାରାଦଣ୍ଡ

## ଅପହରଣ ପରେ ହତ୍ୟା ମାମଲା

ଛତ୍ରପୁର,୧୯।୯(ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ):

ହିଞ୍ଜିଳି ଥାନା ଅନ୍ତର୍ଗତ ଗୋଦରାପଲ୍ଲୀ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଅପହରଣ ପରେ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଶୁକ୍ରବାର ଛତ୍ରପୁର ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଦୀପ କୁମାର ସାମଲ ୨୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ବାପପୁଅଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଉଭୟଙ୍କୁ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୬ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ହିଞ୍ଜିଳି ଥାନା ଅନ୍ତର୍ଗତ ଗୋଦରାପଲ୍ଲୀ ଗ୍ରାମର ଜଗଦୀଶ ସେଠୀ ଓ ତାଙ୍କ ପୁଅ ସୁଦର୍ଶନ ସେଠୀ। ୨୦୨୧ରେ ହିଞ୍ଜିଳି ଥାନା ଅନ୍ତର୍ଗତ ଗୋଦରାପଲ୍ଲୀ ଗ୍ରାମର ପି. ଧର୍ମା ରାଓଙ୍କୁ ଅଭିଯୁକ୍ତ ଏକ ଅଟୋ ଯୋଗେ ଅପହରଣ କରିଥିଲେ। ଗୋଦରାପଲ୍ଲୀ ଓ ମହାନପଲ୍ଲୀ ନିକଟରେ ଗାମୁଛାରେ ତାଙ୍କ ବେକକୁ ଚିପି ହତ୍ୟା କରିବା ସହ ନିକଟସ୍ଥ କେନାଲରେ ଫିଙ୍ଗି ଦେଇଥିଲେ। ଏନେଇ ପି. ଧର୍ମାଙ୍କ ପୁତୁରା ପି. ସୁରେଶ କୁମାର ୨୦୨୧ ମେ ୧୧ ତାରିଖରେ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ସରକାରଙ୍କ ପକ୍ଷରୁ ରମେଶ ଚନ୍ଦ୍ର ଚୌଧୁରୀ ଓ କ୍ୟାଡର ଆଡିସନାଲ ପିପି ନିହାର ରଞ୍ଜନ ଜେନା ମକଦ୍ଦମା ପରିଚାଳନା କରିଥିଲେ ।

## ନାବାଳିକା ବଳାତ୍କାର ମାମଲା

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ, ୧୯।୯(ରାକେଶ କୁମାର ରାଉତ)

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଶୁକ୍ରବାର ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାଶ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ହେଲେ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଶ୍ରୀତମ ପ୍ରଧାନ ଓରଫ କାବୁଲି। ମାମଲାର ବିବରଣୀରୁ ପ୍ରକାଶ, ୨୦୨୨ ଜୁଲାଇ ୫ରେ ପୀଡିତାଙ୍କ ପରିବାର ପକ୍ଷରୁ ଜି. ଉଦୟଗିରି ଥାନାରେ ଘଟଣା ନେଇ ଅଭିଯୋଗ ହୋଇଥିଲା। ଜି. ଉଦୟଗିରି ପୋଲିସ ୧୦୨/୨୨ରେ ମାମଲା ରୁଜୁ କରି ଶ୍ରୀତମଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେବେଠାରୁ ଏହି ମାମଲା ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବିଚାରାଧୀନ ଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଏବଂ ମେଡିକାଲ ରିପୋର୍ଟକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏଥିସହ ପୀଡିତାଙ୍କୁ କ୍ଷତି ପୂରଣ ବାବଦରେ ୭ ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ ।

# ଘର ଭିତରକୁ ପଶିଲା ଟ୍ରକ୍, ଚାଳକ ମୃତ

## ଭଞ୍ଜନଗର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଆହତ



ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

ଭଞ୍ଜନଗର,୧୯।୯(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ରହ୍ମପୁର ମୁଖ୍ୟ ରାସ୍ତାର କଇଁଣ୍ଡି ଗ୍ରାମରେ ଜଣଙ୍କ ଘର ଭିତରକୁ ଏକ ଟ୍ରକ ଗୁରୁବାର ରାତିରେ ପଶିଯାଇଥିଲା। ଫଳରେ ଟ୍ରକ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ଘଟଣା ପରେ ଗାଡ଼ିରୁ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ହେଲପର ଭୟରେ ଫେରାର ହୋଇଯାଇଛନ୍ତି। ଏଥିସହ ଘର ମାଲିକ ଭଞ୍ଜନଗର ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ବିଜୟ ବେହେରା ଆହତ ହୋଇଛନ୍ତି। ତାଙ୍କୁ ଭଞ୍ଜନଗର ଦମକଳ ବାହିନୀ ଓ ପୋଲିସ ଉଦ୍ଧାର କର ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ଖବରରୁ ଜଣାପଡ଼ିଛି, ରାଜସ୍ଥାନର ଏକ ଟ୍ରକ ବ୍ରହ୍ମପୁରରୁ ରଦି କାଗଜ ଧରି ରାଜସ୍ଥାନ ଅଭିମୁଖେ ଯାଉଥିଲା। ବାଟରେ ରାତିରେ କଇଣ୍ଡି ଗ୍ରାମର ଗୋଲେଇରେ ଟ୍ରକଟି ବୁଲାଇବା ପୂର୍ବରୁ ଚାଳକ ଭାରସାମ୍ୟ ହରାଇବାରୁ ଏହା ବିଜୟଙ୍କ ଘର ଭିତରକୁ ପଶିଯାଇଥିଲା। ଫଳରେ ଘରେ ଏକୁଟିଆ ଶୋଇଥିବା ବିଜୟ ଆହତ ହୋଇଥିଲେ। ତାଙ୍କ ଘରଟି ଭାଙ୍ଗିଯାଇଛି। ଭଞ୍ଜନଗର ଦମକଳବାହିନୀ ଏବଂ ଥାନା ଅଧିକାରୀ ଜିବନାନନ୍ଦ ଜେନା ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ମୃତ ଡ୍ରାଇଭରଙ୍କୁ ଗାଡିରୁ ବାହାର କରିଥିଲେ। ଶନିବାର ରାଜସ୍ଥାନରୁ ଗାଡି ମାଲିକ ଏବଂ ଡ୍ରାଇଭରଙ୍କ ପରିବାର ଲୋକେ ଭଞ୍ଜନଗରରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ହେବ। ଉକ୍ତ ରାସ୍ତାଟି ଖାଲ ଢିପ ଥିବାରୁ ବର୍ଷକରେ ଏକାଧିକ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ୧୮୦ କେଜି ଗଞ୍ଜେଇ ଜବତ, ୩ ଗିରଫ

ତୁମୁଡିବନ୍ଧ,୧୯।୯(ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ପୋଲିସ ବାଲିଗୁଡା ଥାନା ଅଞ୍ଚଳରୁ ଛତିଶଗଡ଼କୁ ୧୮୦ କେଜି ଗଞ୍ଜେଇ ଚୋରା ଚାଲାଣ ବେଳେ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୋରିକିଆ ଗ୍ରାମର ଏଲଟର ଦିଗାଲ, ଅଶୋକ ମଲ୍ଲିକ ଓ ଗଜେନ୍ଦ୍ର ମଲ୍ଲିକ। ଖବରରୁ ଜଣାପଡିଛି, ତୁମୁଡିବନ୍ଧ ଥାନା ଅଧିକାରୀ ଆଶୁତୋଷ ଜେନା ଶୁକ୍ରବାର ସନ୍ଧ୍ୟା ୬ଟାରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇ ଜେନାଙ୍କ ନେତୃତ୍ୱରେ ଏଏସଆଇ ଅମ୍ବିକା ପାତ୍ର ଓ ଅନ୍ୟମାନଙ୍କୁ ନେଇ ଏକ ଟିମ ଗଠନ କରିଥିଲେ। ପରେ ଟିମ୍ ବ୍ରହ୍ମପୁରଠାରୁ ରାୟପୁରକୁ ସଂଯୋଗ କରୁଥିବା ୫୯ ନମ୍ବର ଜାତୀୟ ରାଜପଥର ଉଡଙ୍ଗ ଛକ ନିକଟରେ ପାଟ୍ରୋଲିଂ କରିଥିଲେ। ଏହି ସମୟରେ ଗଞ୍ଜେଇ ଆସୁଥିବା ଏକ ଅଟୋକୁ ଯାଞ୍ଚ କରି ଟିମ୍ ଏହି ଗଞ୍ଜେଇ ଜବତ କରିଥିଲା। ବାଲିଗୁଡା ଥାନା ବୋରିକିଆ ଗ୍ରାମର ୫ ଜଣ ଯୁବକ ଛତିଶଗଡକୁ ଏକ ଅଟୋ (ନଂ ଓଡି ୧୨ଏ-୦୬୮୯)ରେ ୧ କୁଇଣ୍ଟାଲ ୮୦ କେଜି ଗଞ୍ଜେଇ ଧରି ଯାଉଥିଲେ। ଯାଞ୍ଚ ବେଳେ ଦୁଇଟି ବାଇକ୍ (ନଂ ଓଡି ୧୨ଡି-୫୩୨୧ଏବଂ ଓଡି୦୨ଏକ୍ସ-୧୩୨୧) ଜବତ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଥିଲା। ୨ ଜଣ ଫେରାର ହେଇଯାଇଥିବା ତୁମୁଡିବନ୍ଧ ଥାନାଧିକାରୀ ଜେନା କହିଛନ୍ତି।

# ଭୁବନୀ ଜୁଝାର ସିଂହ ସ୍ମୃତି ସଂସଦର ପୁସ୍ତକ ଉନ୍ମୋଚିତ

ରମ୍ଭା,୧୯।୯(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ ସାନ ରାମଚନ୍ଦ୍ରପୁର ପଞ୍ଚାୟତସ୍ଥିତ ମଧୁରଚୁଆ ମଣିଶଙ୍କର ଶୈବ ପୀଠ ପରିସରରେ ଭୁବନୀ ଜୁଝାର ସିଂହ ସ୍ମୃତି ସଂସଦ ପକ୍ଷରୁ ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ବହୁ ପୁରାତନ ୩ ପୁସ୍ତକ ଉନ୍ମୋଚନ ଓ କବିତା ଆସର ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବ ପ୍ରସ୍ତୁତିକ୍ରମେ ଡ. ରବୀନ୍ଦ୍ର ନାୟକଙ୍କ ଦ୍ୱାରା ଦୀର୍ଘ ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟର ପାଣ୍ଡୁଲିପିକୁ ସଂଗ୍ରହ କରାଯାଇ ପୁସ୍ତକ ରୂପେ ପ୍ରକାଶ କରାଯାଇଛି। ଉତ୍ସବରେ ଉଦ୍‌ଘାଟକ ରୂପେ ଡ଼. ଲକ୍ଷ୍ମୀ ନାରାୟଣ ପଣ୍ଡା, ମୁଖ୍ୟ ଅତିଥି ଭାବେ ଦକ୍ଷିଣ ଓଡିଶା ସାହିତ୍ୟ ପରିଷଦର ମହାସଚିବ ଦଣ୍ଡପାଣି ମହାପାତ୍ର, ମୁଖ୍ୟବକ୍ତା ରୂପେ ପୁରୀର ଜଗନ୍ନାଥ ସଂସ୍କୃତି ଗବେଷକ ଦୁର୍ଗାପ୍ରସାଦ ଦାଶ, ସମ୍ମାନିତ ଅତିଥି ରୂପେ ପୁରୀ ନୀଳାଞ୍ଚଳ ସଂସ୍କୃତି ପରିଷଦର ପୂର୍ଣ୍ଣଚନ୍ଦ୍ର ବେହେରା, ନିମନ୍ତ୍ରିତ ଅତିଥି ରୂପେ ସୁବାଷ ଚନ୍ଦ୍ର ପଣ୍ଡା, ବାନାମ୍ବର ପଲେଇ ଯୋଗ ଦେଇଥିଲେ। ଇଣ୍ଟରନେଟ ଯୁଗରେ ୟୁଟ୍ୟୁବ, ଇନ୍‌ଷ୍ଟାଗ୍ରାମ, ଫେସବୁକରେ ମଜ୍ଜିରହି ଯୁବ ପିଢ଼ିଙ୍କ ସାହିତ୍ୟ ପ୍ରତି, ପୁସ୍ତକ ପ୍ରତି ଆଗ୍ରହ କମିଗଲାଣି। କବିତା ଯୁବ ପିଢ଼ିଙ୍କୁ ସଚେତନ କରିବାରେ ଭୂମିକା ନେଇଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଶ୍ରୀ ଜଗନ୍ନାଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅଭିମନ୍ୟୁ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଡ଼. ରବୀନ୍ଦ୍ର ନାୟକ, କେଳୁ ଚରଣ ନାହାକ, ଲକ୍ଷ୍ମଣ ନାହାକଙ୍କୁ ସମ୍ମାନିତ କରାଯାଇଥିଲା। ପରେ ରବୀନ୍ଦ୍ର ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ବହୁ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ବିଜୟ ନାୟକ, ହରି ଶଙ୍କର ନାୟକ, ରତ୍ନାକର ନାହାକ, ରାମଚନ୍ଦ୍ର ନାୟକ, ଉପେନ୍ଦ୍ର ନାହାକ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ଦ ଘରୁ ଟଙ୍କା, ସୁନା ଲୁଟିଲେ ଦୁର୍ବୃତ୍ତ

ଗୋପାଳପୁର,୧୯।୯(ନବୀନ ରାଜ ଆଚାରୀ):

ଗୋପାଳପୁର ଥାନା କମଳାପୁର ଗ୍ରାମର ଜଣେ ବୃଦ୍ଧାଙ୍କ ଘରର ତାଲା ଭାଙ୍ଗି ଆଲମାରୀରୁ ଟଙ୍କା ଓ ସୁନା ଦୁର୍ବୃତ୍ତମାନେ ନେଇ ଯାଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଛି । କମଳାପୁର ଗ୍ରାମର ଟି.ଭାରତୀ ଗତ ୬ ତାରିଖରେ କୌଣସି କାମରେ ବାହାରକୁ ଯାଇଥିଲେ । ଗୁରୁବାର ଘରର ଗ୍ରିଲ ଭଙ୍ଗା ଯାଇଥିବା ତାଙ୍କ ପୁତୁରା ଜାଣିବା ପରେ ଭିତରକୁ ଯାଇ ଦେଖିବା ବେଳକୁ ଆଲମାରୀ ଭାଙ୍ଗାଯାଇଛି। ସେଥିରେ ଥିବା ଦେଢ ତୋଳା ସୁନା ଅଳଙ୍କାର ୨ ଲକ୍ଷ ୫୦ ହଜାର ଟଙ୍କା ଚୋର ହୋଇ ଥିବା ନେଇ ଭାରତୀଙ୍କୁ ସେ ଖବର ଦେଇଥିଲେ। ଭାରତୀ କମଳାପୁରରେ ପହଂଚିବା ପରେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ନଂ. ୩୩୧/୨୫ ରେ ମାମଲା ରୁଜୁ କରିଛି।

## ଗଜଲକ୍ଷ୍ମୀ ପୂଜା ଶୁଭଖୁଣ୍ଟି ସ୍ଥାପନ

ଜି.ଉଦୟଗିରି,୧୯।୯(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ପଦାସାହି ପୂଜା କମିଟି ପକ୍ଷରୁ ଚଳିତ ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇ ଆସନ୍ତା ଅକ୍ଟୋବର ୬ରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ବରିଷ୍ଠ ପୁରୋହିତ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟଙ୍କ ଦ୍ୱାରା ପୂଜାର୍ଚ୍ଚନା କରି ମା'ଙ୍କ ଅସ୍ଥାୟୀ ପୂଜା ମଣ୍ଡପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। କମିଟି ସଭାପତି ସନ୍ତୋଷ ବାଘଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ କାର୍ଯ୍ୟରେ କର୍ତ୍ତା ଭାବେ ଭାଗବତ ଅର୍ଜଳି ଦାୟିତ୍ୱ ନିର୍ବାହ କରିଥିଲେ। କମିଟି ଉପସଭାପତି ଦୁର୍ଗା ମାଧବ ପଟ୍ଟନାୟକ, କୋଷାଧ୍ୟକ୍ଷ ହେମନ୍ତ ପ୍ରଧାନ, ସଦସ୍ୟ ସଞ୍ଜୀବ ପ୍ରଧାନ, ପଞ୍ଚାନନ ପ୍ରଧାନ, ସୁବ୍ରମନ୍ୟମ ପ୍ରଧାନ, ଶଙ୍କର ମଲ୍ଲିକ, ମହେଶ୍ୱର ମହାନ୍ତି, ଅଶୋକ ମଲ୍ଲିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ହଜିଯାଇଥିବା ସୁନା ଫେରାଇଲା ପୋଲିସ

ଜଗନ୍ନାଥପ୍ରସାଦ,୧୯।୯ (ବିଭୁ ପ୍ରସାଦ ପଟ୍ଟନାୟକ)

ମଙ୍ଗଳସୂତ୍ରକୁ ସଜାଡ଼ିବା ପାଇଁ ଆସି ଅସାବଧାନତାରୁ ହଜିଯାଇଥିବା ୫ ଗ୍ରାମର ଏକ ସୁନା ମଙ୍ଗଳସୂତ୍ର ଶୁକ୍ରବାର ଥାନା ଅଧିକାରୀ ପ୍ରମୋଦ ଲେଙ୍କା ସୁବଳ ନାୟକଙ୍କୁ ହସ୍ତାନ୍ତର କରିଛନ୍ତି। ଗତ ୧୬ ତାରିଖ ମଙ୍ଗଳବାର ଲୁଣିଢେପ ବାସିନ୍ଦା ସୁବଳ ନାୟକ ଜଗନ୍ନାଥପ୍ରସାଦର ଏକ ସୁନା ଦୋକାନକୁ ଛିଣ୍ଡି ଯାଇଥିବା ମଙ୍ଗଳସୂତ୍ର ସଜାଡ଼ିବା ପାଇଁ ଆଣିଥିଲେ। ମାତ୍ର ଲୋକ ଗହଳି ଦେଖି ସେ ଫେରି ଯାଇଥିଲେ। ବଜାରରେ ଅନ୍ୟାନ୍ୟ କାମ



ହଜି ଯାଇଥିବା ସୁନା ଫେରାଉଛି ପୋଲିସ।

ସାରିବା ସମୟରେ ଅସାବଧାନତାରୁ ମଙ୍ଗଳସୂତ୍ରଟିକୁ କେଉଁଠି ପକାଇ ଦେଇଥିଲେ। ଏନେଇ ସେ ଥାନାରେ ଲିଖିତ ଭାବେ ଜଣାଇଥିଲେ। ଏତଲା ଅନୁସାରେ ପୋଲିସ ସ୍ଥାନୀୟ ବଜାର ଦୋକାନଗୁଡ଼ିକରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଜଣେ ମହିଳା ସଫେଇ କର୍ମଚାରୀ ଉକ୍ତ ମଙ୍ଗଳସୂତ୍ରକୁ ପାଇଥିବା ନଜର ଆସିଥିଲା। ପରେ ଥାନା ଅଧିକାରୀ ଲେଙ୍କା ସମ୍ପୃକ୍ତ ମହିଳାଙ୍କ ସହ ଯୋଗାଯୋଗ କରି ହଜିଯାଇଥିବା ମଙ୍ଗଳସୂତ୍ରକୁ ତାଙ୍କଠାରୁ ଉଦ୍ଧାର କରି ହଜାଇଥିବା ସୁବଳଙ୍କୁ ଡାକି ତାଙ୍କୁ ଦେଇଥିଲେ। ପୋଲିସର ଏପରି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବିଶ୍ରାମାଗାରରୁ ଅଜଣା ମହିଳା ଉଦ୍ଧାର

ମୋହନା,୧୯।୯(ମନ୍ମଥ ମିଶ୍ର)

ଜଣେ ଅଜଣା ଯୁବତୀଙ୍କୁ ଉଦ୍ଧାର କରି ଶନିବାର ପୋଲିସକୁ ହସ୍ତାନ୍ତର କରିଛନ୍ତି ଲବାରସିଂ ଗ୍ରାମବାସୀ। ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଲବାରସିଂ ଯାତ୍ରୀ ବିଶ୍ରାମଗାରଠାରେ ଶନିବାର ସକାଳଠାରୁ ଜଣେ ଅଜଣା ମହିଳା ବସି ରହିଥିଲେ। ସେ କିଛି କଥା କହିପାରୁ ନ ଥିବା ବେଳେ କୌଣସି ଭାଷା ମଧ୍ୟ ବୁଝିପାରୁ ନ ଥିଲେ। ଲବାରସିଂ ଗ୍ରାମର ଲୋକେ ଏହି ଖବରପାଇ ୧୧୨ ହେଲ୍ପ ଲାଇନ ନମ୍ବରକୁ ଫୋନ କରି ଜଣାଇଥିଲେ। ଘଟଣା ସ୍ଥଳରେ ମୋହନା ପୋଲିସ ଓ ଚନ୍ଦ୍ରଗିରି ଫାଣ୍ଡି ପୋଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲେ। ମହିଳାଙ୍କ ନିଜ ଲୋକ ନ ଆସିବା ପର୍ଯ୍ୟନ୍ତ ତାଙ୍କୁ ଜାଗୃତି ଗୃହରେ ରଖାଯିବ ବୋଲି ପୋଲିସ କହିଛି। ତେବେ କିଏ ଏହି ମହିଳା କେମିତି ସେ ବିଶ୍ରାମଗାରକୁ ଆସିଲେ ସେନେଇ ସାଧାରଣରେ ଆଲୋଚନା ହେଉଛି। ଲବାରସିଂ ଗ୍ରାମବାସୀଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

## ବଡ଼ ଘାଟିରେ ଓଲଟିଲା ରିଫାଇନ ତେଲ ବୋଝେଇ ଟ୍ରକ୍

ଖଲ୍ଲିକୋଟ,୧୯।୯(ପ୍ରଶାନ୍ତ କୁମାର ମିଶ୍ର)

୧୬ ନମ୍ବର ଜାତୀୟ ରାଜପଥ ଖଲ୍ଲିକୋଟ ବଡ଼ ଘାଟି ରାସ୍ତାରେ ଶୁକ୍ରବାର ଏକ ରିଫାଇନ ତେଲ ଓ ଘିଅ ପ୍ୟାକେଟ ବୋଝେଇ ଟ୍ରକ୍ ଓଲଟି ପଡିଛି। ଫଳରେ ଟ୍ରକର ଡ୍ରାଇଭର ଓ ହେଲପର ଗୁରୁତର ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର କାକିନାଡାରୁ ରୁଚି ଗୋଲଡ଼ ରିଫାଇନ ତେଲ ଓ ଘିଅ ପ୍ୟାକେଟ ଧରି ଏହି ଟ୍ରକ କଟକ ଅଭିମୁଖେ ଆସୁଥିଲା। ଖଲ୍ଲିକୋଟ ବଡ଼ ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଟ୍ରକଟି ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଓ ହେଲପର ଗୁରୁତର ହୋଇଥିଲେ। ତୁରନ୍ତ ସେମାନଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଟ୍ରକଟି ଓଲଟିବା ପରେ ରିଫାଇନ ତେଲ ଓ ଘିଅ ରାସ୍ତା ସାରା ବିଛାଡି ହୋଇ ପଡିଥିଲା। ଏହାର ସୁଯୋଗ ନେଇ କେତେ ଜଣ ଲୋକ ତେଲ ଓ ଘିଅ ପ୍ୟାକେଟଗୁଡିକ ବୋହି ନେଇଛନ୍ତି। ଖବର ପାଇ ପୋଲିସ ପହଞ୍ଚି ଲୋକଙ୍କୁ ଘଉଡ଼ାଇଥିଲା। ଖଲ୍ଲିକୋଟ ଅଗ୍ନିଶମ ବାହିନୀ ପହଞ୍ଚି ତେଲ ପଡ଼ିଥିବାରୁ ରାସ୍ତାରେ ପାଣି ମାରି ସଫା କରିଥିଲେ।



# ନିଷ୍ଟ ବିଶ୍ୱବିଦ୍ୟାଳୟରେ ଆଞ୍ଚଳିକ ଶିବିର

ଗୋପାଳପୁର,୧୯।୯(ନବୀନ ରାଜ ଆଚାରୀ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ପାଲୁର ହିଲସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଷ୍ଟାର୍ଟ-ଅପ ଓଡ଼ିଶା ଦ୍ୱାରା ଆଞ୍ଚଳିକ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଷ୍ଟାର୍ଟ-ଅପ୍, ଆକାଂକ୍ଷୀ ଉଦ୍ୟୋଗୀ, ଛାତ୍ର ଏବଂ ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ। କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର ବାଣିଜ୍ୟ ପାଇଁ ଉଦ୍ୟୋଗିତା ଏବଂ ଆନ୍ତର୍ଜାତୀୟ ସଂଯୋଗ ବିଷୟରେ ସଚେତନତା ପ୍ରସାର ପାଇଁ ନିଷ୍ଟ ବିଶ୍ୱବିଦ୍ୟାଳୟ ଦ୍ୱାରା ନିର୍ବାହ କରାଯାଉଥିବା ଭୂମିକା ଉପରେ ଆଲୋକପାତ କରିଥିଲେ। ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ପ୍ରଶାସନିକ ଅଧିକାରୀ କମଲଜିତ ଦାସ ଷ୍ଟାର୍ଟ-ଅପଗୁଡ଼ିକୁ ସମର୍ଥନ କରିବା ପାଇଁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ ଷ୍ଟାର୍ଟଅପଗୁଡ଼ିକୁ ବଡ଼ କରିବା ପାଇଁ ଷ୍ଟାର୍ଟଅପ୍ ନୀତି ଏବଂ ସମର୍ଥନ ବ୍ୟବସ୍ଥା ଉପରେ ଏକ ଆକର୍ଷଣୀୟ ଅଧିବେଶନ ପ୍ରଦାନ କରିଥିଲେ। ନିଷ୍ଟ ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ବୋର୍ଡର ସଦସ୍ୟ ଅରୁଣ କୁମାର ରଥ ତୃଣମୂଳ ସ୍ତରରେ ଉଦ୍ୟୋଗିତାକୁ ସକ୍ଷମ କରିବା ପାଇଁ ବିଶ୍ୱବିଦ୍ୟାଳୟ ଓ ଏହାର ଆଉଟରିଚ୍ ଦଳ ଦ୍ୱାରା ନିର୍ବାହ କରାଯାଉଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ଉଦ୍ୟୋଗି ଏବଂ ଷ୍ଟାର୍ଟଅପ୍ ପ୍ରଶିକ୍ଷକ ସନ୍ତୋଷ ତ୍ରିପାଠୀ ଏକ ଷ୍ଟାର୍ଟଅପ୍ ଗଠନ ଉପରେ ଏକ ଜ୍ଞାନକୌଶଳ ଅଧିବେଶନ ପ୍ରଦାନ କରିଥିଲେ। ସମ୍ପ୍ରତି ସାମିଲ ହୋଇଥିବା ଷ୍ଟାର୍ଟ-ଅପ୍ ପାଇଁ ଏକ ପରାମର୍ଶ ଅଧିବେଶନ ହୋଇଥିଲା। ଅଧିବେଶନରେ, ଷ୍ଟାର୍ଟଅପ୍ ଓଡ଼ିଶା ଦଳ ପାଣ୍ଠି ଏବଂ ପ୍ରଯୁକ୍ତିବିଦ୍ୟା ସହାୟତା ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକର ସମାଧାନ କରିଥିଲେ। ସେମାନେ ଏହି ଅଞ୍ଚଳର ଷ୍ଟାର୍ଟଅପ୍‌ମାନଙ୍କୁ ସେମାନଙ୍କର ଚ୍ୟାଲେଞ୍ଜ ସମାଧାନ ପାଇଁ ନିଷ୍ଟ ଇନକ୍ୟୁବେଶନ୍ ସେଣ୍ଟରରୁ ସାହାଯ୍ୟ ନେବାକୁ ପରାମର୍ଶ ଦେଇଥିଲେ। ଭାରପ୍ରାପ୍ତ କୁଳସଚିବ ଡ଼. ବିଷ୍ଣୁକର ନାୟକ ଧନ୍ୟବାଦ ଦେଇଥିଲେ। କମଲଜିତ ଦାସଙ୍କ ନେତୃତ୍ୱରେ ଷ୍ଟାର୍ଟଅପ୍ ଓଡିଶାର ଏକ ଦଳ ଏମ. ଅଭିଲାଶ ରାଓ, ପ୍ରଲିପ୍ତା ମହାନ୍ତି, ଲିପ୍ସା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଡ଼. ସୁଶାନ୍ତ ସାହୁ, ଡ଼. ସନ୍ଦୀପନ ମଲ୍ଲିକ, ଡ଼. ପ୍ରୀତି ରଞ୍ଜନ ସାହୁ, ଡ. ରତିକାନ୍ତ ନାୟକ, ଡ଼. ଅଶ୍ୱିନୀ ଖୁଣ୍ଟିଆ, ପ୍ରଭାସରାଜ ପାଣିଗ୍ରାହୀ, ଡ. ବରଦା ପ୍ରସାଦ ସେଠୀ, ପ୍ରଫେସର ସରୋଜ ପାଢ଼ୀ, କେ. ଦାମୋଦର ରାଓ, ପୀତାମ୍ବର ସାହୁ, ସୁରେଶ ମହାପାତ୍ର, ପ୍ରତାପ ମହାନ୍ତି, ସୌମ୍ୟା ମୁଦୁଲି ସହଯୋଗ କରିଥିଲେ। ଏହି ଅବସରରେ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ହାତ କାଟିଦେଲେ ଉତ୍କଳ ବାଳାଶ୍ରମ ଅନ୍ତେବାସୀ

### ଘଟଣାର ତଦନ୍ତ କରାଯିବ:ଜିଲାପାଳ

ବ୍ରହ୍ମପୁର,୧୯।୯(ସୁବାସ ଚନ୍ଦ୍ର ପାଢ଼ୀ): ଉତ୍କଳ ବାଳାଶ୍ରମରେ ରହୁଥିବା ଜଣେ ପୀଡ଼ିତା ନାବାଳିକା କିଛିଦିନ ତଳେ ବ୍ଲେଡ୍‌ରେ ନିଜ ହାତ କାଟି ଦେଇଥିଲେ। ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି। ଏ ନେଇ ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ ମଧ୍ୟ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ଏକ ଡାଏରୀ କରି ଘଟଣାର ତଦନ୍ତ କରୁଥିବା କହିଛି। ଅନ୍ୟପଟେ ଜିଲା ପ୍ରଶାସନ ନିକଟରେ ଘଟଣା ସମ୍ପର୍କରେ ଖବର ପହଞ୍ଚି ନ ଥିଲା। ଜିଲାପାଳ ଭି.କୀର୍ତ୍ତିଭାସନଙ୍କୁ ପଚାରିବାରେ ଶୁକ୍ରବାର ସନ୍ଧ୍ୟାରେ ଏହି ଘଟଣା ସମ୍ପର୍କରେ ଜାଣିଲେ ବୋଲି କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।ତେବେ ଶିଶୁ ସୁରକ୍ଷା ଯତ୍ନ ଅନୁଷ୍ଠାନରେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭିନ୍ନ ଘଟଣାରେ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କୁ ବାଳାଶ୍ରମରେ ଥଇଥାନ କରାଯାଉଛି। ସେଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟ ରହିଛି। ଏହା ପରେ ବି କିଭଳି ଘଟଣା ଘଟିଲା କେମିତି ବୋଲି ଏବେ ପ୍ରଶ୍ନ ଉଠିଛି। ଏ କ୍ଷେତ୍ରରେ ବାଳାଶ୍ରମ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ଅବହେଳାକୁ ମଧ୍ୟ ଅଣଦେଖା କରାଯାଇ ପାରିବନାହିଁ।

## ସାଂସଦ ଖେଳ ମହୋତ୍ସବ ପ୍ରସ୍ତୁତି

ବ୍ରହ୍ମପୁର,୧୯।୯(ଅଶୋକ କୁମାର ସାହୁ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭାରତର ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବାକୁ ଆରମ୍ଭ କରାଯାଇଛି ସାଂସଦ ଖେଳ ମହୋତ୍ସବ। ଭାରତର ପ୍ରତ୍ୟେକ ସାଂସଦ ନିଜ ନିଜ ନିର୍ବାଚନ ମଣ୍ଡଳୀର ଯୁବ କ୍ରୀଡାବିତ୍‌ଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରିବେ । ଏଥି ନିମନ୍ତେ ଗତ ମାସ ୨୯ ତାରିଖରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସେହିଦିନଠାରୁ ପଞ୍ଜିକରଣ ଆରମ୍ଭ ହୋଇଛି। ଶନିବାର ଅର୍ଥାତ ୨୦ ତାରିଖ ଏହାର ଶେଷ ତାରିଖ ରହିଛି। ଏଥିରେ ଯୋଗଦେବାକୁ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୁବକ୍ରୀଡାବିତ୍‌ଙ୍କୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଆହ୍ୱାନ ଦେଇଛନ୍ତି। । ୧୨ରୁ ୧୬ ବର୍ଷ ଭିତରେ କିନଷ୍ଠ ଓ ୧୭ରୁ ୨୪ ବର୍ଷ ମଧ୍ୟରେ ବରିଷ୍ଠ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ। ଆଥେଲେଟିକ୍, କ୍ରିକେଟ, ଖୋଖୋ, କବାଡି, ଭଲିବଲ, ଫୁଟବଲ, ରଙ୍ଗୋଲି, ହ୍ୟାଣ୍ଡ ବଲ ଆଦି ପ୍ରତିଯୋଗିତା ହେବ। ପଞ୍ଜୀକରଣ ନିମନ୍ତେ www.sansadkhelmahat-sav.inରେ କରିବାକୁ ସାଂସଦଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି।

## ଆକ୍ରମଣ କରି ଲୁଟ ଘଟଣା, ୨ ଗିରଫ

ବ୍ରହ୍ମପୁର,୧୯।୯(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବକଙ୍କୁ ମାଡ ମାରି ବୋମାଇଲ ଓ ୪ହଜାର ଟଙ୍କା ଲୁଟ ଘଟଣାରେ ଗୋସାଇଁନୂଆଗାଁ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଶାସନପଦରର ପ୍ରଶାନ୍ତ ନାୟକ (୨୯) ଓ ଜରଡା ଥାନା ଅନ୍ତର୍ଗତ ମନ୍ଦାର ଗ୍ରାମର ଏଲ.ରାଜେଶ ଆଚାରୀ(୨୫) । ସେମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଜବତ ହୋଇଛି। ଶେରଗଡ କୁରୁଲା ଗ୍ରାମର ଡି. ରାହୁଲ ପାତ୍ର ୨ ଦିନ ତଳେ ରାତି ସାଢେ ୮ଟାରେ ଘରକୁ ଫେରୁଥିବା ବେଳେ ଉପରୋକ୍ତ ୨ ଅଭିଯୁକ୍ତ ତାଙ୍କୁ ରାସ୍ତାରେ ଅଟକାଇ ଆକ୍ରମଣ କରିବା ସହ ତାଙ୍କ ଠାରୁ ମୋବାଇଲ ଓ ୪ହଜାର ଟଙ୍କା ଲୁଟି ନେଇଥିଲେ।

# ସାର ବଣ୍ଟନରେ ବିଶୃଙ୍ଖଳା କଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ



କୃଷି ଅଧିକାରୀଙ୍କ ସହ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଆଲୋଚନା କରୁଛନ୍ତି।

### କୃଷି ଅଧିକାରୀଙ୍କ ସହ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ଆଲୋଚନା

ବ୍ରହ୍ମପୁର,୧୯।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଖରିଫ ଧାନ ଚାଷ ରେ ଚାଷୀ ମାନଙ୍କୁ ସାରର ସୁଷମ ବଣ୍ଟନ ପାଇଁ ଶୁକ୍ରବାର ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର କରଙ୍କ ସହିତ ବ୍ୟାପକ ଆଲୋଚନା କରିଛନ୍ତି। ଚଳିତ ବର୍ଷ ଖରିଫ ଧାନ ଚାଷ ପାଇଁ ୩୪ ହଜାର ମେଟ୍ରିକ ଟନ ୟୁରିଆ ସାର ଆବଶ୍ୟକ ଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୨୭ ହଜାର ମେଟ୍ରିକ ଟନ ସାର ଆସିଛି। ଡିଏପି ସାର ୬ ହଜାର ମେଟ୍ରିକ ଟନ ଆବଶ୍ୟକ ଥିବା ବେଳେ ୮ ହଜାର ମେଟ୍ରିକ ଟନ ସାର ଆସିଛି। ଏନପିକେଏସ ସାର ୧୫ ମେଟ୍ରିକ ଟନ ଆବଶ୍ୟକ ଥିବା ବେଳେ ୧୯ହଜାର ୧୨୫ ମେଟ୍ରିକ ଟନ ସାର ଆସିଛି। ଏମଓପି ସାର ୨ ହଜାର ମେଟ୍ରିକ ଟନ ଆବଶ୍ୟକ ଥିବା ବେଳେ ୭ ହଜାର ୭୧୪ ମେଟ୍ରିକ ଟନ ଆସିଛି। ଏସ ଏସ ପି ସାର ୨୫ ହଜାର ମେଟ୍ରିକ ଟନ ଆବଶ୍ୟକ ଥିବା ବେଳେ ୬ ହଜାର ୨୭୦ ମେଟ୍ରିକ ଟନ ଆସିଛି। ଆଗକୁ ୮ ହଜାର ମେଟ୍ରିକ ଟନ ୟୁରିଆ ସାର ପହଂଚିବ। ଆଗକୁ ଯୁଦ୍ଧକାଳୀନ ଭିତ୍ତିରେ ସାରର ଆମଦାନୀ କରାଯାଇ ଚାଷୀଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସହ ଆଲୋଚନା ସମୟରେ ପରାମର୍ଶ ଦେଇଥିଲେ। ଜିଲାରେ ୬୦ ଜଣ ହୋଲସେଲରଙ୍କ ମାଧ୍ୟମରେ ୩୭୯ ସେବା ସମବାୟ ସମିତି ଓ ଲାଇସେନ୍ସ ପ୍ରାପ୍ତ ୪୫୪ ଡିଲରଙ୍କ ଦ୍ୱାରା ଚାଷୀଙ୍କୁ ସାରର ସୁଷମ ବଣ୍ଟନ ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଜିଲାରେ ୧୧୧ ଜଣ ଡିଲରଙ୍କୁ ସାର ବଣ୍ଟନରେ ଅବ୍ୟବସ୍ଥା କରିଥିବାରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ଓ ୨ ଜଣ ଡିଲର ଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ୩ ଜଣଙ୍କ ନାମରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚାଷୀ ମାନଙ୍କୁ ସାର ସୁଶମ ବଣ୍ଟନରେ ଯେଉଁ ମାନେ ବିଶୃଙ୍ଖଳା କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ସଭାପତି ସାହୁ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ରାଜ୍ୟ ସଂପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ଘୁମୁସର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ରବି ପାତ୍ର, ରାଜ୍ୟ ସଂଯୋଜକ ପ୍ରଦୀପ କୁମାର ସାହୁ, ସୁନିଲ କୁମାର ମହାନ୍ତି, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ସୂର୍ଯ୍ୟନାରାୟଣ ଦାସ, ଗଜେନ୍ଦ୍ର ଚୌଧୁରୀ, ଜିଲା ସମବାୟ ସଙ୍ଘ ପୂର୍ବତନ ସଭାପତି ସନାତନ ସଂଗ୍ରାମ ସିଂ, ବାବୁଲା ପାତ୍ର, ବଦ୍ରି ସାବତ, ଅମୂଲ୍ୟ ଚୌଧୁରୀ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ବ୍ରହ୍ମପୁରରୁ ସୁରଟ ନୂଆ ଅମୃତ ଭାରତ ଟ୍ରେନ

ବ୍ରହ୍ମପୁର,୧୯।୯(ସ୍ମୃତି ରଞ୍ଜନ ମହାଲିକ)




ଏକ୍ସରେ ରେଳ ମନ୍ତ୍ରୀଙ୍କ ସୂଚନା।

ବ୍ରହ୍ମପୁର ସହରବାସୀଙ୍କୁ ରେଳ ଯାତାୟାତ କ୍ଷେତ୍ରରେ ଉନ୍ନତ ସେବା ଯୋଗାଇ ଦେବା ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ରହ୍ମପୁର ପାଇଁ ଆଉ ଏକ ନୂତନ ଅମୃତ ଭାରତ ଟ୍ରେନ ଚଳାଚଳ କରିବ। ଏହା ବ୍ରହ୍ମପୁରରୁ ସିଧାସଳଖ ସୁରଟର ଉଧାନା ଯାଏ ଚଳାଚଳ କରିବ। ଏ ନେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋସିଆଲ ମିଡ଼ିଆ ଏକ୍ସରେ ସୂଚନା ଦେଇଛନ୍ତି। ରାଜ୍ୟରେ ସର୍ବାଧିକ ରାଜସ୍ୱ ଆଦାୟ ହେଉଥିବା ବ୍ରହ୍ମପୁର ଷ୍ଟେଶନ ପାଇଁ କେନ୍ଦ୍ର ସରକାରଙ୍କ ନୂତନ ଟ୍ରେନ ଚଳାଚଳ ପଦକ୍ଷେପକୁ ସହରବାସୀ ସ୍ୱାଗତ ଜଣାଇଛନ୍ତି। ଏହା ଦ୍ୱାରା ଗରିବ ଓ ମଧ୍ୟବିତ୍ ଉପକୃତ ହେବେ। ଟ୍ରେନରେ ବିନା ଶୀତତାପ ନିୟନ୍ତ୍ରିତ ୨୨ଟି କୋଚ ରହିବ। ଏହାଦ୍ୱାରା ଜିଲାବାସୀ ବହୁଳ ମାତ୍ରାରେ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଛି। ଏହାକୁ ଦକ୍ଷିଣ ଓଡ଼ିଶା ରେଳପଥ ମିଳିତ କମିଟି ଆବାହକ ସରୋଜ ରଂଜନ ପଟ୍ଟନାୟକ ସ୍ୱାଗତ ଜଣାଇଛନ୍ତି। କିନ୍ତୁ ଗଞ୍ଜାମରୁ ବହୁତ ଜଣ ଦାଦନ ଖଟିବାକୁ ସୁରତ ଯାଉଥିବା ବେଳେ ଏହି ଟ୍ରେନ ନିୟମିତ ଚଳାଚଳ ପାଇଁ ଆବାହକ ଦାବି କରିଛନ୍ତି।

## ରାମ ନାରାୟଣ ଡିଗ୍ରୀ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ କଲେଜର ଅଧିକାରୀ ଓ କର୍ମଚାରୀ।

ବ୍ରହ୍ମପୁର,୧୯।୯(ସୁବାସ ଚନ୍ଦ୍ର ପାଢ଼ୀ)

ତୁରାସ୍ଥିତ ରାମନାରାୟଣ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ଡ. ପିନାକୀ ମହାନ୍ତି ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଆ ଅସ୍ମିତା ବିଷୟରେ ମାର୍ଗଦର୍ଶନ ଦେଇଥିଲେ। କଲେଜର ଗଣିତ ଅଧ୍ୟାପକ ସୁରେଶ ସାମନ୍ତରାୟ ଓ ଅର୍ଥନୀତି ବିଭାଗ ଅଧ୍ୟାପକ ଡ. ରାଜେଶ କୁମାର ପଶୁପାଳକ ପିଲାଙ୍କ ଭବିଷ୍ୟତ ପାଇଁ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକାଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ସସ୍ମିତା କୁମାରୀ ସାବତ, ନମିତା ପଟ୍ଟନାୟକ, କପିଳେନ୍ଦ୍ର ମହାକୁଡ, ସୁନୀତା ବେହେରା, ମୌସୁମୀ ମିଶ୍ର, ଜି.ପ୍ରଶାନ୍ତି ଦୋରା, ବି. ଜଗଦୀଶ କୁମାର, ଗଣେଶ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ଦଳେଇ, ସିଲିଦେବୀ ପ୍ରଧାନ ଓ ଗିରିଧାରୀ ମହାପାତ୍ର ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟ ଡ. ସବିତା କୁମାରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶ୍ୱେତାଙ୍ଗୀ ମହାପାତ୍ର ନୃତ୍ୟ ପରିବେଷଣ କରିଥିଲେ।

## କର୍ପୋରେଟରଙ୍କ ଘର ଉପରକୁ ବୋମା ମାଡ଼, ଜଣେ ଅଟକ

ବ୍ରହ୍ମପୁର, ୧୯।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ୯ ନଂ. ୱାର୍ଡର କର୍ପୋରେଟର ସନ୍ତୋଷ କୁମାର ସେଠୀଙ୍କ ଘର ଉପରକୁ ବୋମାମାଡ ହୋଇଛି। ଏଥିରେ ସେ ଓ ତାଙ୍କ ପରିବାର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୋମାମାଡର ଶବ୍ଦ ଶୁଣି ଘରେ ଥିବା ତାଙ୍କ ପରିବାର ଭୟଭୀତ ହୋଇ ରାତି ସାରା ରହିଥିଲେ। ଘଟଣା ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଫୁଟା ବୋମାର ଦୁକୁ ଓ ଘର ସମ୍ମୁଖ ଭାଗ କାନ୍ଥ ଝରକାର ଭାଙ୍ଗି ଯାଇଥିବା କାଚ ଜବତ କରିଛି। କର୍ପୋରେଟରଙ୍କ ଅଭିଯୋଗ ଅନୁଯାଇ ପୋଲିସ ଏସଂକ୍ରାନ୍ତରେ ଏକ ମମାଲା ରୁଜୁ କରି ତଦନ୍ତ କରୁଛି। ୩ ଯୁବକ ବୋମାମାଡ କରିଥିବା ବେଳେ ଜଣଙ୍କୁ ପୋଲିସ ରାତିରେ କାବୁ କରିଛି। ଅଟକ ଯୁବକଙ୍କ ପରିଚୟ ଦେବାକୁ ମନା କରିଛି। ପ୍ରାଥମିକ ତଦନ୍ତରୁ ପୂର୍ବଶତ୍ରୁତାରୁ ଏହି ବୋମାମାଡ ହୋଇଥିବା ପୋଲିସ ସନ୍ଦେହ କରୁଛି। ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ଅପରାଧୀ ମାନେ ଧୀରେ ଧୀରେ ସକ୍ରିୟ ହେବାରେ ଲାଗିଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଲକ୍ଷ୍ମୀନୃସଂହ ସାହିରେ ଗୁରୁବାର ରାତି କର୍ପୋରେଟର ସନ୍ତୋଷଙ୍କ ଘରେ ସମସ୍ତେ କୌଣସି ବିଷୟରେ ଆଲୋଚନା କରୁଥିଲେ। ସେହି ସମୟରେ ହଠାତ ତାଙ୍କ ଘର ଉପରକୁ ବୋମାମାଡ ହୋଇଥିଲା। ୩ ଯୁବକ ବାଇକରେ ଆସି ତାଙ୍କ ଘରକୁ ବୋମାମାଡ କରିଥିବା ଦୃଶ୍ୟ ସିସିଟିଭି ଫୁଟେଜରୁ ଦେଖିବାକୁ ପାଇଥିଲେ। ସେ ଏନେଇ ଥାନାଧିକାରୀଙ୍କୁ ଫୋନ କରି ଜଣାଇଥିଲେ।

## ବିଇଓଙ୍କ ପୋଷ୍ୟ ସ୍କୁଲ ପରିଦର୍ଶନ

ବ୍ରହ୍ମପୁର,୧୯।(ସୁବାସ ଚନ୍ଦ୍ର ପାଢ଼ୀ)

ପୋଷ୍ୟ ରୂପେ ଗ୍ରହଣ କରିଥିବା ସ୍ଥାନୀୟ ଖାଡାସିଙ୍ଗି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା। ନିପୁଣ ଓ ଅନ୍ତର୍ଗତ କାର୍ଯ୍ୟକ୍ରମ 'ନିପୁଣ ଶପଥ'ର ପଞ୍ଚମ ଦିନରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଚ ଗୀତ ମାଧ୍ୟମରେ ପିଲାଙ୍କୁ ସଚେତନ କରାଇବା ସହ ପାଠ୍ୟକ୍ରମ ବିଷୟରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ ଭାଷା ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ରହିଥିବା ବିଭିନ୍ନ ସମସ୍ୟା ଓ ଉନ୍ନତିମୂଳକ କାର୍ଯ୍ୟକୁ ତଦାରଖ କରି ଅଭିଭାବକଙ୍କ ସହ ବିଭିନ୍ନ ବିଷୟରେ ବିଇଓ ବେହେରା ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ଏଫଏଲଏନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଞ୍ଜେଇ ସହ କାର ଜବତ, ଯୁବକ ଗିରଫ

ହିଞ୍ଜିଳିକାଟୁ ୧୯।୯(ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁ ବ୍ଲକ ତଥା ବେଲଗାଁ ଥାନା ଅର୍ନ୍ତଗତ ଶିଖରପୁର କାଳି ମନ୍ଦିର ରାସ୍ତାରେ ଗୁରୁବାର ମଧରାତିରେ ପୋଲିସ ଏକ କାରକୁ ଯାଞ୍ଚ କରି ସେଥିରୁ ୨୦ କେଜି ୬୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ହିଞ୍ଜିଳିକାଟୁ ତହସିଲଦାର ତପନ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଏହି ଘଟଣାରେ କନ୍ଧମାଳ ଜିଲା କୋଟଗଡର ଆକାଶ ଦିଗାଲ (୨୭)ଙ୍କୁ ପୋଲିସ ଗିରଫ କରିଛି। କାର(ନଂ.ଓଡି୦୨ ପି ୨୭୩୭)ରେ କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅନ୍ତର୍ଗତ କୋଟଗଡ ଠାରୁ ଖୋର୍ଦ୍ଧା ଜିଲା ଜଟଣୀକୁ ଗଞ୍ଜେଇ ଚାଲାଣ ହେଉଥିଲା। ଉକ୍ତ କାର୍ ଜବତ ହୋଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର ବେଲଗାଁ ଥାନା ମାମଲା ନଂ.୧୭୯/୨୫ରେ କୋର୍ଟ ଚାଲାଣ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନ କହିଛନ୍ତି।

## ବନବିଭାଗର ଜୋନାଲସ୍ତରୀୟ କ୍ରୀଡ଼ା ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ।

ବ୍ରହ୍ମପୁର,୧୯।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ବନ ବିଭାଗ ପକ୍ଷରୁ ଜୋନାଲସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନନୀୟ ଅତିଥିଭାବେ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଏନ. ବିଶ୍ୱନାଥ ଯୋଗ ଦେଇଥିଲେ। ବ୍ରହ୍ମପୁର ଡିଏଫଓ ସନି ଖୋଖର ସ୍ୱାଗତ ଭାଷଣ ଦେଇଥିଲେ। ପାରାଳାଖେମୁଣ୍ଡି ଡିଏଫଓ କେ. ନାଗରାଜୁ, ଫୁଲବାଣୀ ଡିଏଫଓ ପ୍ରତାପ କଗପଲ୍ଲୀ, ଦକ୍ଷିଣ ଘୁମୁସର ଡିଏଫଓ ବିପାଶା ପାରୁଲ, ଉତ୍ତର ଘୁମୁସର ଡିଏଫଓ ହିମାଂଶୁ ଶେଖର ମହାନ୍ତି, ବାଲିଗୁଡ଼ା ଡିଏଫଓ ଘନଶ୍ୟାମ ମହନ୍ତ, ବ୍ରହ୍ମପୁର ଓଏଫଡିସି ଡିଏମ ଶଙ୍କର୍ଷଣ ବେହେରା, ବୌଦ୍ଧ ଓଏଫଡିସି ଡିଏମ ପ୍ରଭାକର ନାୟକ, ଡିଏଫଓ ଅଶୋକ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ । କ୍ରୀଡ଼ାରେ ବ୍ରହ୍ମପୁର ଓ ଭୁବନେଶ୍ୱର ବନ ମଣ୍ଡଳର ୧୭ ଟି ବନଖଣ୍ଡ, ୫ଟି ଓଡ଼ିଶା ବନ ଉନ୍ନୟନ ନିଗମ ସମେତ ନନ୍ଦନ କାନନ ବନ୍ୟପ୍ରାଣୀ ଉଦ୍ୟାନର କର୍ମଚାରୀ ଓ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ୧୦ରୁ ଅଧିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଶନିବାର ସନ୍ଧ୍ୟାରେ ଏହା ଉଦଯାପିତ ହେବ। ବ୍ରହ୍ମପୁର ବନଖଣ୍ଡର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମହିଳାଙ୍କ ମୃତଦେହ ଜବତ: ହତ୍ୟା ଅଭିଯୋଗ ଆଣିଲେ ପରିବାର

ବ୍ରହ୍ମପୁର, ୧୯।୯(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଦାବରୀଶ ନଗର ଦ୍ୱିତୀୟ ଲାଇନର ଜନୈକା ମହିଳା ଯସ୍ମିନୀ ସାହୁ(୩୫)ଙ୍କ ମୃତଦେହ ପୋଲିସ ଏକ କୋଠରୀରରୁ ଜବତ କରିଛି। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରି ବ୍ୟବଛେଦ ପାଇଁ ପଠାଇଛି। ଯସ୍ମିନୀଙ୍କୁ ତାଙ୍କ ସ୍ୱାମୀ ଓ ଶଶୁର ଘର ଲୋକ ନିର୍ଯାତନା ଦେବା ସହ ତାଙ୍କୁ ହତ୍ୟା କରିଥିଲେ ବୋଲି ତାଙ୍କ ମା' ମଞ୍ଜୁଲା ସାହୁ ଅଭିଯୋଗ କରିଛନ୍ତି। ପୋଲିସ ଏସଂକ୍ରାନ୍ତରେ ନଂ.୪୮୧/୨୫ ରେ ଏକ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି। ଘର ଭିତରୁ ଏକ ମାରଣାସ୍ତ୍ର ଓ ଶାଢୀ ଜବତ କରିଛି। ଅନ୍ୟପଟେ ପୋଲିସ ମୃତ ମହିଳାଙ୍କ ସ୍ୱାମୀ ଶରତ ଚନ୍ଦ୍ର ସାହୁ, ଦେଢଶୁର ସଦାନନ୍ଦ ସାହୁ ଓ ଜା' ସ୍ନେହଲତା ସାହୁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଗୋଶାଣିନୂଆଗାଁ ଥାନା ଅନ୍ତର୍ଗତ ହାଉସିଂବୋର୍ଡ଼ରେ ରହୁଥିବା ମଞ୍ଜୁଲା ସାହୁଙ୍କ ଝିଅ ଯସ୍ମିନୀ ଗୋଦାବରୀଶ ନଗରର ଶରତ ଚନ୍ଦ୍ର ସାହୁଙ୍କୁ ବିବାହ କରିଥିଲେ। ସେମାନଙ୍କର ଦୁଇଟି ଝିଅ ରହିଛି। ସେଠାରେ ଶରତଙ୍କ ମା', ଭାଇ ଓ ଭାଉଜ ରୁହନ୍ତି। କୌଣସି କାରଣକୁ କେନ୍ଦ୍ରକରି ଉଭୟ ସ୍ୱାମୀ ଓ ସ୍ତ୍ରୀ' ଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଶୁକ୍ରବାର ସକାଳେ ଯସ୍ମିନିଙ୍କ ମୃତ୍ୟୁ ଘଟିଥିବା ନେଇ ଶରତ ତାଙ୍କ ଶାଶୁଙ୍କୁ ଫୋନ କରିଥିଲେ। ସେ ପହଞ୍ଚି ଦେଖିବା ବେଳେ ଘରର ଏକ କୋଠୀରେରେ ଥିବା ତାଙ୍କ ଝିଅ ମରି ପଡିଛି। ତାଙ୍କ ଶରୀରରେ କ୍ଷତ ଚିହ୍ନ ରହିଛି। ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ସନ୍ଦେହ କରି ସେ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଶରତ ପୋଲିସକୁ ଯସ୍ମିନୀ ବେକରେ ଶାୀ ଲଗାଇ ଆତ୍ମହତ୍ୟା କରିଥିବା କହିଛନ୍ତି। ତାଙ୍କ ଶାଢ଼ୀ କାହିଁକି କାଟିଲେ ବୋଲି ପୋଲିସ ତାଙ୍କୁ ପଚାରିଥିଲେ। ତାହାର ସଠିକ ଉତ୍ତର ସେ ପୋଲିସକୁ ଦେଇପାରିନଥିଲେ। ପୋଲିସର ସନ୍ଦେହ ହୋଇଥିଲା। ବ୍ୟବଛେଦ ରିପୋର୍ଟ ମିଳିବା ପରେ ଯସ୍ମୀନିଙ୍କ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ଶକ୍ତି ସଂରକ୍ଷଣ ଓ ସ୍ଥାୟୀ ଭବନ ସଂହିତା ତାଲିମ ଶିବିର



ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୧୯।୯(ସ୍ମୃତି ରଞ୍ଜନ ମହାଲିକ) ଶକ୍ତି ସଂରକ୍ଷଣ ଓ ସ୍ଥାୟୀ ଭବନ ସଂହିତା ତାଲିମ ଶିବିର ଶୁକ୍ରବାର ବିଏମସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମସି ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ର ମୁଖ୍ୟ ଅତିଥି ଓ ଅନ୍ୟତମ ଅତିଥି ରୂପେ ଜିଲା ବିଦ୍ୟୁତ ଓ ବୈଦ୍ୟୁତିକ ନିରୀକ୍ଷକ ମୁଖ୍ୟ ଯନ୍ତ୍ରୀ ସୁଧାକର ବେହେରା, ବିଇଡିଏ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମିତ କୁମାର, ଟିପିଏସଓଡିଏଲ ଗୋଷ୍ଠୀ ମୁଖ୍ୟ (ସିଭିଲ) ପ୍ରଶାନ୍ତ ବେହେରା ଓ ବ୍ୟୁରୋ ଅଫ ଏନର୍ଜି ଏଫିସିଏନ୍ସି ମାଷ୍ଟର ଟ୍ରେନର ରାଣା ପ୍ରତାପ ପୋଦ୍ଦାର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶକ୍ତି ସଂରକ୍ଷଣ କୋଡର ସୁଗମ କାର୍ଯ୍ୟାନୱୟନ ପାଇଁ କୋଠା କ୍ଷେତ୍ରର ଅଂଶୀଦାରମାନଙ୍କ ଦ୍ୱାରା ଏହି ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶକ୍ତି ଦକ୍ଷତା ବ୍ୟୁରୋର ମାଷ୍ଟର ଟ୍ରେନର ରାଣା ପ୍ରତାପ ପୋଦ୍ଦାର ଏବଂ କୁମାର ବିପ୍ଳବଙ୍କ ନେତୃତ୍ୱରେ ତାଲିମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବାଣିଜ୍ୟିକ ଏବଂ ଆବାସିକ କୋଡ ପାଇଁ ଇସିଏସବିସି କୋଡ ଉପରେ ବୈଷୟିକ ଅଧିବେଶନ, ବିସ୍ତୃତ ଅନୁପାଳନ ପ୍ରକ୍ରିୟା ଏବଂ ଶକ୍ତି ସିମୁଲେସନ ସଫ୍ଟୱେର ଉପରେ କର୍ମଶାଳା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଏମସି, ବିଇଡିଏ, ଏନଏସି ଛତ୍ରପୁର, ଗୋପାଳପୁର, ଗ୍ରାମୀଣ ନିର୍ମାଣ ବିଭାଗ, ଟିପିଏସଓଡିଏଲ, ଇଡକୋ, ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟାପକ ଓ ଶକ୍ତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗୋଲେଇ ପିଲର ମଧ୍ୟରେ ଫସିଥିଲା ଶିଶୁର ମୁଣ୍ଡ, ଉଦ୍ଧାର କଲେ ଅଗ୍ନିଶମ ବାହିନୀ

ବ୍ରହ୍ମପୁର, ୧୯।୯(ସୁବାସ ଚନ୍ଦ୍ର ପାଢ଼ୀ)

ଆମ୍ବପୁଆ ସ୍ଥିତ ଆଲୋକ ନଗର ଦ୍ୱିତୀୟ ଲାଇନରେ ଚିଲଡ୍ରେନ ଫିଜୋଥେରାପି ସେଣ୍ଟରରେ କାନ୍ଥ ଓ ଗୋଲେଇ ପିଲର ମଧ୍ୟରେ ଜଣେ ଭିନ୍ନକ୍ଷମ ନାବାଳକର ମୁଣ୍ଡ ଫସି ରହିଥିଲା। ଖବର ପାଇ ବ୍ରହ୍ମପୁର ଅଗ୍ନିଶମ ବିଭାଗର ଆଗ୍ନିକମାନେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ସେ ବର୍ତ୍ତମାନ ସୁସ୍ଥ ଅଛନ୍ତି। ନାବାଳକ ଜଣକ ହେଲେ ଗୁଲସନ ବେହେରା (୯), ଘର ସତ୍ୟ ନାରୟଣପୁର ବୋଲି ଜଣାପଡ଼ିଛି। ଶୁକ୍ରବାର ମଧ୍ୟାହ୍ନରେ ଗୁଲସନ ପ୍ରତିଦିନ ଭଳି ଉକ୍ତ ସେଣ୍ଟରର ଚିକିତ୍ସା ପାଇଁ ଯାଇଥିଲେ। ଅସାବଧାନତା ଯୋଗୁଁ କାନ୍ଥ ଓ ଗୋଲେଇ ପିଲର ମଧ୍ୟରେ ତାଙ୍କର ମୁଣ୍ଡ ଟି ସେଥିରେ ପଶି ଯାଇଥିଲା। ସେଣ୍ଟରର କର୍ତ୍ତୃପକ୍ଷ ମାନେ ବହୁ ଚେଷ୍ଟା କରି ବିଫଳ ହେବା ପରେ ବ୍ରହ୍ମପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।

## ଅଧିକ ଉତ୍ପାଦନକ୍ଷମ ପରିବା ଚାଷକୁ ଗୁରୁତ୍ୱ

ବ୍ରହ୍ମପୁର, ୧୯।୯(ସୁବାସ ଚନ୍ଦ୍ର ପାଢ଼ୀ)




କାର୍ଯ୍ୟକ୍ରମରେ ଜଣେ କୃଷକ ଉପଦେଷ୍ଟାଙ୍କୁ ସମ୍ମାନିତ କରାଯାଉଛି।

ଗଞ୍ଜାମ ଜିଲାରେ ଉଦ୍ୟାନ କୃଷି ତଥା ପନିପରିବା ଚାଷକୁ ବିଷମୁକ୍ତ ଓ ଅଧିକ ଉତ୍ପାଦନ କ୍ଷମ କରିବା ପାଇଁ କୃଷି ବିଭାଗ ଗୁରୁତ୍ୱ ଦେଇଛି। ଏହି ଅବସରରେ ଏ କ୍ଷେତ୍ରରେ ଚାଷୀ ମାନଙ୍କ ଦକ୍ଷତା ବୃଦ୍ଧି ଉପରେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨ ବିଶେଷ ଧ୍ୟାନ ଦେଇଛି। ଏହିକ୍ରମରେ ଓୟୁଏଟି ଓ ସ୍ୱାମିନାଥନ ଫାଉଣ୍ଡେସନ ମିଳିତ ଆନୁକୁଲ୍ୟରେ ଲଙ୍କା ଫସଲରେ କଳା ଉକୁଣୀୟା ପୋକ ଦମନ ସମ୍ବନ୍ଧୀୟ ଏକ କର୍ମଶାଳା କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ମୁଖ୍ୟ ଓ ବରିଷ୍ଠ ବୈଜ୍ଞାନିକ ଡ. ସୁଜିତ କୁମାର ନାଥ କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସ୍ୱାମିନାଥାନ ଗବେଷଣା ଫାଉଣ୍ଡେସନର ପ୍ରଧାନ ବୈଜ୍ଞାନିକ ଡ. ରାଜକୁମାର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଲଙ୍କା ଫସଲରେ ସମ୍ଭାବ୍ୟ ଉକୁଣୀୟା ପୋକ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା କ୍ୟାବିର କୀଟତତ୍ତ୍ୱ ବୈଜ୍ଞାନିକ ଡ.ମାଳବିକା ତିୱାରୀ ଏ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟା ଓ ଆଣ୍ଡ୍ରଏଡ ଫୋନର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ସମ୍ପ୍ରସାରଣ ବିଭାଗ ଉପନିର୍ଦ୍ଦେଶକ ଡ. ସୁଚିସ୍ମିତା ଜେନା ଜିଲାରେ ଲଙ୍କା ଫସଲର ଉତ୍ପାଦନ ବୃଦ୍ଧି ପାଇଁ ବୈଜ୍ଞାନିକ ଜ୍ଞାନ କୌଶଳ ଆପଣେଇବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ସମ୍ପ୍ରସାରଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ରବିରତ୍ନ ଦାଶ ଯୋଗଦେଇ ପରିବର୍ତ୍ତିତ ଜଳବାୟୁରେ କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ଆବଶ୍ୟକତା ଉପରେ ମତ ରଖିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଗୋଷ୍ଠୀ କୃଷି ଅଧିକାରୀ, ସହକାରୀ ଉଦ୍ୟାନ ଅଧିକାରୀ କର୍ମଶାଳାରେ ଯୋଗ ଦେଇଥିଲେ। ୫୦ରୁ ଉର୍ଦ୍ଧ୍ୱ ଅଗ୍ରଣୀ ଚାଷୀ ଅଂଶଗ୍ରହଣ କରିଥିଲେ। ପରେ ବେଙ୍ଗାଲୁରୁସ୍ଥିତ ଭାରତୀୟ ଉଦ୍ୟାନ କୃଷି ଗବେଷଣା ପରିଷଦରୁ ଆସିଥିବା ପ୍ରଧାନ ବୈଜ୍ଞାନିକ ଡ. ନରେଶ ଓ ଡ. ବିବେକ ପନିପରିବା ଚାଷର ଅତ୍ୟାଧୁନିକ ଜ୍ଞାନ କୌଶଳ ଉପରେ ଆଲୋଚନା କରିଥିଲେ। ଏହି କେନ୍ଦ୍ରୀୟ ଅନୁଷ୍ଠାନରୁ ଉଦ୍ଭାବିତ ଉନ୍ନତ ପନିପରିବା କିସମର ବିହନ କ୍ଷେତ୍ର ପ୍ରଦର୍ଶନ ପାଇଁ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୁରୁଷୋତ୍ତମପୁର ବନାବୋଇ ଗ୍ରାମର ଚାଷୀ ମହନ୍ତର ମହାନ୍ତିଙ୍କୁ କୃଷକ ଉପଦେଷ୍ଟା ଭାବେ ସମ୍ମାନିତ କରାଯାଇଥିଲା।

# ଚମ୍ପା

## ଗଳ୍ପ

**ମାନସ କୁମାର ପାଢ଼ୀ**

ଭୋକ ବିକଳରେ ବାବାଙ୍କ ମନ୍ଦିର ବେଢ଼ାକୁ ପଶି ଆସିଲା ଚମ୍ପା। କଦଳୀ ଚୋପା ଗଦାରେ ମୁହଁ ପୂରାଇଦେଲା ତ ବୁଲାପଶୁଙ୍କୁ ଘଉଡ଼ାଉଥିବା ସେବକ ତା' ମୁହଁରେ ପାହାରେ ଦେଲା।

ଚମ୍ପା ଦେଶୀ ମାଈ ବାଛୁରୀଟିଏ। ମା' ତା'ର କ୍ଷୀର ଛଡ଼ଉ ଛଡ଼ଉ ଖାଉନ୍ଦ କଂସେଇକୁ ବିକି ଦେବ ବୋଲି କହୁଥିଲା। ହେଲେ ଧର୍ମପରାୟଣା ଖାଉନ୍ଦାଣୀ ରାଜି ହେଲେନି। ତେଣୁ ଅଠରମାସ ପର୍ଯ୍ୟନ୍ତ ରଖିବ ବୋଲି କଣ୍ଟ ଦେଇଛି ଖାଉନ୍ଦ। ଅଠର ମାସରେ କୁଆଡ଼େ ହାଇବ୍ରିଡ୍ ବାଛୁରୀ ସବୁ ଫଳ ଯାଉଛନ୍ତି। ତେଣୁ ଦେଶୀଗୁଡ଼ାଙ୍କୁ ଅଯଥାରେ ମଣିଷ ପୋଷିବାକୁ ଅମଙ୍ଗ ହେଉଛି। ତା'ର ମା' ଯଦି କୌଣସି ଜର୍ସି / ହରିଆନା/ ସିନ୍ଧି ହାଇବ୍ରିଡ୍ ଷଣ୍ଢ ସହ ଭାବ ରଖିଥା'ନ୍ତା, ତା'ହେଲେ ସେ ହୁଏତ ଆଜି ଜର୍ସି ବାଛୁରୀଟେ ହୋଇ ଫ୍ୟାନ ତଳେ ଗୁହାଳରେ ଶୋଇଥା'ନ୍ତା ଆରାମରେ। ମାଈ ହେଉ କି ଅଣ୍ଡିରା ଦେଶୀ ବାଛୁରୀଗୁଡ଼ାଙ୍କୁ ମଣିଷ ଆଉ ପାଳିବାକୁ ଚାହୁଁନି। ବିଲରେ ବଳଦଙ୍କ ପାଇଁ ଆଗ ପରି କାମ ନାହିଁ। ଗୁହାଳେ ଦେଶୀଗାଈଙ୍କ କ୍ଷୀରରେ ମଣିଷର ଖର୍ଚ୍ଚ ଉଠୁନି।

କାଳିଆର ଇଚ୍ଛା ହେଉଥିଲା ତା' ଗଜା ଶିଙ୍ଗ ଦି'ଟାକୁ ପରୀକ୍ଷା କରିନେବ ସେଇ ଅମଣିଷଟା ପେଟରେ। କିନ୍ତୁ ବାବାଙ୍କ ଆଶ୍ରିତ ହୋଇ ତାଙ୍କ ମନ୍ଦିର ବେଢ଼ାରେ ବିନା ପରିଶ୍ରମରେ ଆହାର ପାଇବା ଦିନଠୁ ମଣିଷଙ୍କର ଅନେକ ବୁଦ୍ଧି ତା'ଠାରେ ସଞ୍ଚରିଗଲାଣି। ତେଣୁ ତ ମନ୍ଦିରକୁ ଭକ୍ତମାନେ ପରିବାର ସହ ବୁଲି ଆସିଲା ବେଳେ କାଳିଆ ଅତି ସୁଧାର ଷଣ୍ଢଟିଏ ପରି ଛିଡ଼ାହୁଏ। ପିଲାମାନେ ତା' କମଳ ଆଉଁଶନ୍ତି। ଲାଞ୍ଜ ଟାଣନ୍ତି। ଶିଙ୍ଗ ଧରି ବଳ କଷନ୍ତି। ଆଉ ସେ ଧୀରେ ଧୀରେ ଆଗପଛ ବି ହୁଏ। ପିଲାଙ୍କ ସହ ମା'ବାପା ଖୁସି ହୁଅନ୍ତି। ଫଳମୂଳ ଦିଅନ୍ତି।

ବାହାରେ ହୁର୍‌ମା ଷଣ୍ଢଙ୍କ ରାଜତ୍ୱ। ଆଉ ଭୋକ। ମନ୍ଦିର ଭିତରେ ସବୁରି ଶ୍ରଦ୍ଧା ଆଉ ସୁସ୍ୱାଦୁ ଫଳମୂଳ। ତେଣୁ କାଳିଆ ଗଜା ବୟସରେ ବି ଧୀରସ୍ଥିର।

ଜଗୁଆଳିର ଦୃଷ୍ଟିଆଢୁଆଳରେ କାଳିଆ ଅତି ସନ୍ତର୍ପଣରେ ମନ୍ଦିର ବେଢ଼ା ପାରହେଲା। ଚମ୍ପା ସେମିତି ଚାହିଁଥାଏ ବେଢ଼ା ସେପଟୁ କଦଳୀ ଚୋପା ଗଦାକୁ।



କାଳିଆ ଆସୁଥିବା ଦେଖି ଟିକେ ସଙ୍କୁଚିତ ହୋଇଗଲା ସେ। ଷଣ୍ଢମାନଙ୍କ ବିଷୟରେ ଗୁହାଳୁ, ଗାଁ ଗୋଠରୁ ଅନେକ କଥା ଜାଣିଛି ଚମ୍ପା।

ସକାଳ ପହର ଗଡ଼ିଯାଉଥିଲେ ବି ବେଢ଼ା ବାହାର ସୁଲୁସୁଲିଆ ପବନରେ କାଳିଆ ମନ ଚହଲିଗଲା। ହାଲୁକା ପବନଟା କୋହଲିଆ ଥିଲା, କିନ୍ତୁ ତାତି ଭରିଦେଲା କାଳିଆ ଦେହରେ। ଶିହରଣ ବି। କେବଳ ବସନ୍ତରେ ବହୁଥିବା ଏ ପବନଟାକୁ ମଳୟ କହନ୍ତି ବୋଲି କାଳିଆ ଜାଣେ। ପୂର୍ଣ୍ଣିମା ରାତିର ଜହ୍ନପରି ମଳୟ ବହିଲେ ଜୋଛନା ପରି ମତୁଆଲା।

କାଳିଆ ବାଆଁରେଇ ବାଆଁରେଇ ଯାଇ ଛିଡ଼ା ହେଲା ଚମ୍ପା ପାଖରେ। ମନ୍ଦିର ସାମ୍ନା ରାସ୍ତା। ପାଞ୍ଚ ସାତଫୁଟ ବ୍ୟାସାର୍ଦ୍ଧରେ ଦୁବଟିଏ କଅଁଳେ ନାହିଁ। ତଥାପି ମୁହଁ ତଳକୁ କରି ଖାଦ୍ୟ ଖୋଜିଲା।

ଚମ୍ପା ମନେମନେ ହସିଲା। ଷଣ୍ଢଟାଏ ସିନା, ହୁରୁମା ନୁହେଁ। ତା'ର କିନ୍ତୁ ହୁରୁମା ସାଥୀଟିଏ ଦରକାର ଥିଲା। ସେହି ଡେଙ୍ଗା ସରସର ଧଳା ଷଣ୍ଢ ପରି। ଯିଏ ଯା' ବାଡ଼ି ତା' ବାଡ଼ିରେ ପଶି ପନିପରିବା, ଫସଲ ଯେତିକି ନଖାଏ ତା'ଠାରୁ ବେଶୀ ଠେଙ୍ଗା ପାହାର ଖାଏ। ଯିଏ ଗାଁ ମହାଦେବ ମନ୍ଦିରର କସରା ଷଣ୍ଢଠାରୁ ଦଶ / ପନ୍ଦର ପାହୁଣ୍ଡ ଦୂରରେ ଛକିକରି ଥାଏ। ଟିକେ ଅନ୍ୟମନସ୍କ ହେଲେ ତା' ଆହାରରେ ଭାଗ ବସାଇଦିଏ। ବେଳେବେଳେ ପାରୁ ନ ପାରୁ ଲଢ଼ିଯାଏ ହକ୍ ପାଇଁ। ମୁଁ ବି ଷଣ୍ଢ। ମୋର ଜଟ ଅଛି। ଚୂଳ ବି। କସରା ଶିଙ୍ଗ ମାଡ଼ରେ ଲହୁଲୁହାଣ ହୋଇ ପଡ଼ିଥିଲା ବେଳେ ପଚାରିଲେ କହେ, କସରା କ'ଣ ଏମିତି ଯୁଗରାଇଜ ଭୋଗ କରୁଥିବ ନା ମୋର ଶିଙ୍ଗ ଧାର ହେବନି। ତୁ ଦେଖିବୁ ଚମ୍ପା! ଦିନେ ତାକୁ ମହାଦେବ ମନ୍ଦିରରୁ ତଡ଼ିବି ମୁଁ। ଗାଁ ଗୋଠରେ ବି ରାଜା ହେବି ମୁଁ।

ଚମ୍ପା ପଛକୁ ଚାହିଁଲା। କାଳିଆ ଅନୁସରୁଛି ତାକୁ। ମୁହଁ ମୋଡ଼ିଦେଲା। ଏଇଟା ଗୋଟେ ଷଣ୍ଢ? ନା ଚୂଳ ଅଛି ନା ଜଟ? ମଠରେ ଖାଇ ଖଟରେ ଶୋଇ ଗଣ୍ଡି ବୋହିଛି ଯାହା। ଜର୍ସି ଅଣ୍ଡିରା ପୁଣି ରଙ୍ଗ କଳା ବୋଲି ଯା ମାଲିକ କାଳେ ଗହ୍ମାଡିଆଁ ଦିନ ଗୋଟେ ଗେଣ୍ଡୁମାଳ ପକାଇ ଆଣି ଷଣ୍ଢ କରି ଛାଡ଼ିଦେଲା କଂସେଇକି ବିକିଲେ ପାପ ହେବ ବୋଲି। ଚମ୍ପା ଜାଣିଥିଲା, ମଣିଷ ଏବେ ଦେଶୀ ଅଣ୍ଡିରା ବି ପାଳୁନି। କାରଣ ବଳଦ ଲୋଡ଼ା ନାହିଁ ଚାଷରେ କି କୋଉଥିରେ। କାଳିଆ ଧେଡ଼ ଜର୍ସିଟାକୁ ବା କାହିଁ କିଏ ରଖିବ? ସେଥିପାଇଁ ଏ ଷଣ୍ଢ ବୋଲାଉଛି।

ଦୀର୍ଘ ନିଃଶ୍ୱାସଟେ ପକାଇ ଚମ୍ପା ଧାପେ ଧାପେ ପାହୁଣ୍ଡ ପକାଉଥାଏ। ମନ ତା'ର ବେଢ଼ା ଭିତର କଦଳୀ ଚୋପା ଗଦାରେ। ତଥାପି ରାସ୍ତାକଡ଼ର ଥୁଣ୍ଟା ଘାସମୂଳିରେ ମୁହଁ ଘଷିଲା। କାଳିଆ ଆସି ପଛରେ ଛିଡ଼ା ହେଲା। ସାହସ ବାନ୍ଧି ସିଧାସିଧା କହିଲା। ଗୋଟେ ନିଃଶ୍ୱାସରେ। ''ବାରଟା ପରେ ପହଡ଼ ପଡ଼ିବ। କେହି ନଥିବେ। ଆସିବୁ ତୋ ପେଇଁ ଫଳମୂଳ ରଖିଥିବି। କଦଳୀ ଚୋପାଗୁଡ଼ା କ'ଣ ଖାଇବୁ?''

ଚମ୍ପା କିଛି କହିଲା ନାହିଁ।

କାଳିଆ ହଁ ବୁଝିଲା।

ଦୁହେଁ ପାଖାପାଖି ଠିଆହେଲେ। ନିରବରେ କେଇ ମୁହୂର୍ତ୍ତ। କାଳିଆ ଦେଖୁଥିଲା ଚମ୍ପା ଦେହରେ ସିନା ପଳେ ମାଉଁସ ନାହିଁ, ତଥାପି ଭାରି ସୁନ୍ଦର। ମନ୍ଦିରକୁ ଆସୁଥିବା ଯୋଡ଼ିଙ୍କ ଜିରୋବଡ଼ି ଚର୍ଚ୍ଚାରୁ କାଳିଆର ଏହି ନୂଆ ସୌନ୍ଦର୍ଯ୍ୟ ଜ୍ଞାନ ଉଦୟ ହୋଇଛି।

ଚମ୍ପା ଠଉରଉଥିଲା କାଳିଆର ବୁଦ୍ଧିବୃତ୍ତିକୁ। ମଣିଷ ପରି। ପସନ୍ଦ ବି। ଅବଶ୍ୟ ଚମ୍ପାର ସ୍ୱପ୍ନଠାରୁ ସମ୍ପୂର୍ଣ୍ଣ ଅଲଗା। ହେଲେ ସ୍ୱପ୍ନରେ ତ ପେଟ ପୂରିବନି। ବାସ୍ତବତା ହେଲା କାଳିଆ। ପେଟକୁ ଦୁଇବେଳା ଦାନା ଯୋଗାଇବାର ମାଧ୍ୟମ।

ସେବେଠୁ ଫି'ଦିନ ଚମ୍ପା ଆସେ କାଳିଆ ପାଖକୁ। କାଳିଆ ନିଜେ ନ ଖାଇ ବାଛିବୁଛି ରଖିଥିବା ଭଲ ଫଳମୂଳ ଖାଏ। ତା'ପରେ ଦିହେଁ ବୁଲନ୍ତି ମନ୍ଦିର ପାଚେରି କଡ଼େକଡ଼େ।

ଦିନେ ଚମ୍ପା ପଚାରିଲା, ତୁ ମହାଦେବ ମନ୍ଦିରର ସେ କସରାକୁ ପାରିବୁ?

ଧଳା ଷଣ୍ଢଟି ପରି ସାହସ ଓ ଦମ୍ଭରେ ନହେଲେ ବି କାଳିଆ ନିଃସଙ୍କୋଚରେ କହିଲା, ମୁଁ କାଇଁ ଲଢ଼ିବାକୁ ଯିବି। କଳାରଙ୍ଗ ଯୋଗୁ ମୁଁ ଏଠି ବାବାଙ୍କ ମନ୍ଦିରରେ ସଂରକ୍ଷିତ। ସୁରକ୍ଷିତ ବି। ଦେଖିଲୁନି ତତେ କେମିତି ସେଦିନ ଘଉଡ଼େଇ ଦେଲା ସେ ଜଗୁଆଳି। ଚମ୍ପାର ମନ କୁହୁଳିଗଲା। ତଥାପି ସେ 'କପାଳିଆ' କହିଲା କାଳିଆକୁ। ଏବେ କାଳିଆମାନଙ୍କ ଯୁଗ। ତେଣୁ ତାକୁ ହିଁ ଜୀବନସାଥୀ ଭାବେ ବାଛିବାକୁ ହେବ। କାଳିଆ ସାଙ୍ଗରେ ଭାବ ରଖିଲେ ତା' ପିଲାଏ ହୁଏତ ଜର୍ସିମାଈ ହେବେ। ଅଣ୍ଡିରା ହେଲେ କାଳିଆ ପରି ମଣିଷର ସଂରକ୍ଷଣରେ ରହିବେ।

ବ୍ରାହ୍ମଣ ସାଇଲୋ, କଟକ-୧୮
ମୋ : ୯୪୩୮୭୮୫୭୯୨

## ପୁସ୍ତକ ପରିଚୟ

### ଅନୁପମା ପ୍ରିୟତମା



**ଲେଖକ:** ରମେଶ ପଟ୍ଟନାୟକ
**ପ୍ରକାଶକ:** ବ୍ଲାକ୍ ଈଗଲ୍ ବୁକ୍ସ, ଭୁବନେଶ୍ୱର, ଓଡ଼ିଶା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ଉପନ୍ୟାସଟି 'ଏକ ଚମକପ୍ରଦ ଉପନ୍ୟାସ' ବୋଲି ପୁସ୍ତକର ପ୍ରଚ୍ଛଦଲେଖରେ କୁହାଯାଇଛି। ଉପନ୍ୟାସର ପଚାଶଟିଯାକ ପରିଚ୍ଛେଦ ପଢ଼ିଗଲେ ଏହାର ସତ୍ୟତା ଅବଶ୍ୟ ଉପଲବ୍ଧ ହେବ। ଗୌରାଙ୍ଗ ନାୟକ ଉପନ୍ୟାସର ନାୟକ, ଯିଏ ପଚିଶ ବର୍ଷରେ ଘରଛାଡ଼ି, ନିଜେ ସାମିଲ ହୋଇଥିବା ଭଜନମଣ୍ଡଳୀ ଛାଡ଼ି ଆଶ୍ରମକୁ ଚାଲିଯାଇଛି। ଆଶ୍ରମର ସ୍ୱାମିଜୀ ଗୌରାଙ୍ଗକୁ ପ୍ରଶ୍ନ କରିଛନ୍ତି: ''ଗୌରାଙ୍ଗ କହିପାରିବ ଭଗବାନ କେଉଁଠି ଅଛନ୍ତି?'' ସ୍ୱାମିଜୀଙ୍କ ପ୍ରଶ୍ନରେ ଚମକିପଡ଼ିଛି ଗୌରାଙ୍ଗ। ସେ ମନକୁ ମନ ଭଗବାନଙ୍କ ସ୍ଥିତି ସମ୍ପର୍କରେ ନିଜକୁ ପ୍ରଶ୍ନ କରିଛି। ଭଗବାନଙ୍କ ସ୍ଥିତି ସମ୍ପର୍କରେ ସଂଶୟାଚ୍ଛନ୍ନ ଗୌରାଙ୍ଗ ମହର୍ଷି ଆଶ୍ରମରେ ପହଞ୍ଚିଗଲା ସିନା, କିନ୍ତୁ ଆଶ୍ରମରେ ଏକ ଅପୂର୍ବ ସୁନ୍ଦରୀ ତରୁଣୀକୁ ଭେଟି ତା'ପ୍ରତି ପ୍ରେମାସକ୍ତ ହୋଇପଡ଼ିଲା। ଏବେ ତା'ଆଗରେ ଯୋଡ଼ିଏ ରାସ୍ତା। ସେ ଲଣ୍ଡିତ ମସ୍ତକ ସନ୍ନ୍ୟାସ ଜୀବନଯାପନ କରିବ ନା ସେଇ ତରୁଣୀକୁ ନେଇ ଆରାବଳୀ ପର୍ବତ ଅଭିମୁଖେ ଫେରାର ହୋଇଯିବ? ଏହାର ଉତ୍ତର ଉପନ୍ୟାସରେ ରହିଛି, ଯେଉଁ ଉତ୍ତରଟି ପାଇଁ ପାଠକ ଏକା ନିଃଶ୍ୱାସକେ ଉପନ୍ୟାସଟିକୁ ପରିଚ୍ଛେଦ ପରେ ପରିଚ୍ଛେଦ ପଢ଼ିଚାଲିବ। ଉପନ୍ୟାସର ଅନ୍ତିମ ଚରଣରେ ଗୌରାଙ୍ଗର ଉପଲବ୍ଧି ଏହିପରି: ''ଏଇ ମଣିଷ ମାଟିର ହେଲେ ହେଁ ସେ ମାଟି ସହ ସମ୍ପୂର୍ଣ୍ଣ ସମ୍ପର୍କିତ ନୁହଁ। ମଣିଷମାନେ ଏହି ଅନନ୍ତକାଳର ଅବଧି ଭିତରେ ପରସ୍ପରକୁ ଭେଟନ୍ତି ଅନେକଥର। ଅନେକ ଜୀବନାବର୍ତ୍ତ ଭିତରେ ବି ଅଳ୍ପ କିଛିକ୍ଷଣ ପାଇଁ ଭେଟାଭେଟି ହୋଇଥାନ୍ତି ଅଥଚ କେହି କାହାକୁ ମନେରଖି ନ ଥାନ୍ତି।'' ଉପନ୍ୟାସର କାହାଣୀ ଗତାନୁଗତିକ କାହାଣୀର ଧାରାଠୁଁ ସ୍ୱତନ୍ତ୍ର। ଗୌରାଙ୍ଗ ନାୟକର କାହାଣୀ ହୋଇ ବି ଏହା ଊଣାଅଧିକେ ସବୁ ଲୋକଙ୍କ କାହାଣୀ, ଦୈନନ୍ଦିନତାର ଅକଳ୍ପିତ କୁହୁକ। ପାଠ ସରିବାର ଅନେକ ଦିନଯାଏ ପାଠକର ସ୍ମୃତିରେ ଉପନ୍ୟାସର ଅସରା ଗୁଣୁଗୁଣୁ ଯେ ଲାଗିରହିବ, ଏଥିରେ ସନ୍ଦେହ ନାହିଁ।

### ସତ ଶତ ସାତପାଦୀ



**କବି:** ଡ. ଗୌରାଙ୍ଗ ଚରଣ ରାଉତ
**ପ୍ରକାଶକ:** ଶିକ୍ଷାସନ୍ଧାନ,
ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୦୦/-

ଆଲୋଚ୍ୟ କବିତାଗ୍ରନ୍ଥରେ ମୋଟ ୧୦୦ଟି ପଦ। ବାମ ପ୍ରଥମ ପାଦ ଓ ଅନ୍ତିମ ପାଦ ଦକ୍ଷିଣ। 'ଉପୋଦ୍‌ଘାତ'ରେ ପ୍ରଶାନ୍ତ ମିଶ୍ର ଲେଖିଛନ୍ତି: ''ଓଡ଼ିଆ ବର୍ଣ୍ଣମାଳା ଆଧାରରେ ସାତ ପାଦ ବିଶିଷ୍ଟ ଶହେଟି ପଦର ସମାହାର'' ଏ ବହିଟି। ଅଧିକାଂଶ କବିତାର ପ୍ରାଣସ୍ପନ୍ଦନ ନିହିତ ସମାଜର ସାମ୍ପ୍ରତିକ ଘଟଣାବଳୀର ବ୍ୟଙ୍ଗାତ୍ମକ ଉପସ୍ଥାପନାରେ। ବହିରୁ କେତୋଟି ଉଦାହରଣ ଆମେ ନେବା- ୧. ''ଗଣତନ୍ତ୍ର ନାମେ/ ଜଣତନ୍ତ୍ରୀଙ୍କର/ ନକଲି ସମାଜବାଦ,/ ନିମିତ୍ତ ମାତର/ ମତଦାନ କାମ/ ନିର୍ବୋଧଙ୍କ ହାତେ/ ଧରାଇଲେ ମଦ, ଗଦ।'' (୩୨), ୨. ''ଢୋଲକ ବଜାଇ/ କୁହାଯାଉଥାଏ/ ନକଲିକୁ ଖାଣ୍ଟି ସୁନା,/ ଢମଣାକୁ ନାଗ/ ନାଗକୁ ଢମଣା/ ଛେଳିକୁ କୁକୁର/ ପ୍ରତିବାଦ ଅଛି ମନା।'' (୫୬), ୩. ''ଯୋଜନାର ମାଳ/ ଶବ୍ଦର ଚାତୁରୀ/ ଯୋଜନ ଦୂରରେ ଫଳ,/ ଅନ୍ତରେ ବିଷ/ ପୀୟୂଷ ମୁହଁରେ/ ନିତି ଚାଲୁଥାଏ/ ଶାସକ-ଶାସିତ ଖେଳ।'' (୮୩)। ପ୍ରତ୍ୟେକ କବିତାରେ ସାତଟି ମାତ୍ର ଅତି କ୍ଷୁଦ୍ର ପାଦ, କିନ୍ତୁ ଇଙ୍ଗିତରେ ପାଦଗୁଡ଼ିକର ପରାକ୍ରମ ଅସୀମ। ସମାଜର ବାସ୍ତବଚିତ୍ରକୁ ବ୍ୟଙ୍ଗାତ୍ମକ ଶୈଳୀରେ ଉପସ୍ଥାପନ କରି କବି ସମାଜ ପରିବର୍ତ୍ତନର ସ୍ୱପ୍ନ ଦେଖନ୍ତି। 'ସତ' ଅପ୍ରିୟ, ଅଥଚ କେଉଁଠି ବ୍ୟକ୍ତିଗତ ଅସୂୟା ନାହିଁ। 'ଉପୋଦ୍‌ଘାତ'ର ଶେଷ ନିର୍ଣ୍ଣୟରେ ଯାହା କୁହାଯାଇଛି, ତାହା ପ୍ରଣିଧାନଯୋଗ୍ୟ- ''ପୁଞ୍ଜିବାଦର ସହାୟକ ଆଧୁନିକତା, ଉତ୍ତର ଆଧୁନିକତାରୁ ନିଜକୁ ବଞ୍ଚାଇ ରଖି ଗୌରାଙ୍ଗ ରାଉତଙ୍କ କବିତା କଥା କହିବ ମଣିଷର, ଶାସକ ସରସ୍ୱତୀଙ୍କ ଗଳାରେ ଫୁଲମାଳ ଦେବନାହିଁ।'' 'ସତ ଶତ ସାତପାଦୀ' ଆମ ସମୟର କବିତାରେ ଏକ ଉଲ୍ଲେଖନୀୟ ବ୍ୟତିକ୍ରମ ଓ ସେହି ଦୃଷ୍ଟିରୁ ଏହାର ଆଦୃତି ଅବଶ୍ୟମ୍ଭାବୀ।

## କବିତା

### ବା' କଲେ ବସା ଦୋହଲୁଥାଇ

**ଉମା ଶଙ୍କର ପାଲ**

ଯିବି ବୋଲି କହିଥିଲେ ଯେ'
କ'ଣ ଯାଇପାରୁଛି
ଯିବାକୁ ବାହାରିଲେ
ଜଞ୍ଜାଳ ଓଗାଳୁଛି ବାଟ
ସ୍ନେହ ଭିଡ଼ି ଧରୁଛି ପଣତ
ମୋର ବି ମୋହ ଲାଗିଗଲାଣି, ଏ ଜଗତ।

ଜହ୍ନରାତିରେ ତୁମେ ଯେବେ ଡାକ
ମୁଁ ଗୋଟେ ଦ୍ୱୈତ ସ୍ଥିତିରେ ଛଟପଟ
ଆଗରେ ପଡ଼ିଛି କେତେ ଉତ୍ତରଦାୟିତ୍ୱ
ଅମଳ ହୋଇନି ଏଯାଏ, ଏ ବର୍ଷର କ୍ଷେତ
ଚରିଯାଇଥିବା ଗାଈ ଫେରିନି ଗୋଠ
ଅଧାଗଢ଼ା ହୋଇ ରହିଛି ଉଆସ
ଏ ଅଧାରାସ୍ତାରେ
ତୁମେ ହଠାତ୍ ଡାକୁଛ ଆସ।

ଏମାନେ ନିଜ ଗୋଡ଼ରେ ଠିଆ ହୋଇ ଶିଖିଲେ
ତାଙ୍କ ମୁଣ୍ଡକୁ ହାତ ପାଇଲେ
ସେମାନଙ୍କ କାନ୍ଧରେ ଦେଇଦେଲେ ଦାୟିତ୍ୱ
ମୋ' କର୍ତ୍ତବ୍ୟ ଶେଷ
ତେଣିକି ନେବି ଶାନ୍ତିର ନିଃଶ୍ୱାସ।

ବେଳେବେଳେ ଭାବେ
ମୁଁ ଅଚାନକ ଚାଲିଗଲେ
ଅନାଥ ହୋଇଯିବ ସଂସାର
ଘୋଟି ଆସିବ ଅନ୍ଧାର
ମାଡ଼ି ଆସିବ ସାଗର
ମୋତେ ଅଥୟ କରେ,
ଗୋଟେ ଅନାଗତ ହାହାକାର
ମୋ ନ ଥିବା ବେଳର
ଆଜି ଭାବୁଛି, ତା' ଥିଲା ବୃଥା ଅହଂକାର।

ଏ ଦାୟିତ୍ୱ ସରେନି, ମୋହ ତୁଟେନି
ହଠାତ୍ ଦିନେ ତୁମେ ପହଞ୍ଚିଯାଅ
ବିନା ସୂଚନାରେ
ମୁଁ ଗଲାପରେ, କିଛି ବି ଓଲଟି ଯାଏନି
ଭଲରେ ହେଉ କି ମନ୍ଦରେ
ସୃଷ୍ଟି ତା' ନିଜସ୍ୱ ଗତିରେ ଚାଲିଥାଏ
ଏ ଜୀବନ ବି କେଉଁ ଚିରନ୍ତନ ଯେ!

ସମୟ ତ ବାଇଚଢ଼େଇ
ତା'ର କି ଯାଉଥାଇ
ବା' କଲେ ବସା ଦୋହଲୁଥାଇ।

ଜାଗମରା, ଭୁବନେଶ୍ୱର
ମୋ: ୯୫୫୬୮୮୮୭୦୮

### ଅବରୁଦ୍ଧ

**ଡ. ଭବାନୀ ଶଙ୍କର ଦାଶ**

ଆକାଶରେ ତୁ' ମୁକ୍ତ, ତେଣୁ
ତୋ' ବୁକୁରେ ସୂର୍ଯ୍ୟ, ଚନ୍ଦ୍ର
ଗ୍ରହ, ତାରା ସବୁ ଆତଯାତ।
ମୁଁ କିନ୍ତୁ ଆବଦ୍ଧ ଏଠି
ପୃଥିବୀର ମଣିଷ।
ମୋ' ବୁକୁର ପବନ, ଆଲୋକ,
ଆକାଶ, ଶବ୍ଦ ଓ ସୌନ୍ଦର୍ଯ୍ୟ
ସମସ୍ତେ ରକ୍ତାକ୍ତ।

ମୋ: ୮୯୧୭୬୨୪୩୮୬

### ଆଶିଷଦାୟିନୀ

**ଜୟନ୍ତୀ ସାହୁ**

ତମେ ଆସୁଛ ବୋଲି ହିଁ
ପବନରେ ଚହଟୁଛି ପଦ୍ମଗନ୍ଧ
ଚତୁର୍ଦ୍ଦିଗେ ଝଲମଲ ଖରା
ଜଳ, ସ୍ଥଳ, ନଭ ଓ ନକ୍ଷତ୍ର
ବ୍ୟାପିଯାଏ ତମର ଏ ପବିତ୍ର ଇସାରା।

ତମେ ଆସୁଛ ବୋଲି ଜାଣି
ପଠାରେ ପଠାରେ ଫିଟିପଡ଼େ କାଶତଣ୍ଡୀ
ଫୁଟିଉଠେ ଯୂଇ, ଜାଇ, ହେନା ଓ ମାଳତୀ
ଅଶିଣ ଆକାଶେ ବୁଲେ
ବହୁବର୍ଣ୍ଣା ଲୁବ୍‌ଧ ପ୍ରଜାପତି।

ତମେ ଆସୁଛ ବୋଲି ତ ଆଜି
କାହିଁରେ ମୋ ନିଘା ନାହିଁ
କେଉଁଠି ବି ଲାଗୁନାହିଁ ମାୟାଚ୍ଛନ୍ନ ମନ
ସଜାଡୁଛି ତୁମ ପାଇଁ ଅହର୍ନିଶ
ଧୂପ, ଦୀପ, ଅଗୁରୁ ଚନ୍ଦନ
ସଯତ୍ନେ ଲେଖୁଛି ଝୋଟି ପାଦପଦ୍ମ ଚିତା।

ସରାଗେ ଆଙ୍କୁଛି ବସି
ନାଲି, ନେଳି ମୁରୁଜର ଛପା
ଦିବ୍ୟଗନ୍ଧେ ମହକୁଛି ସସାଗରା ଧରା
ରିକ୍ତ ପଣତ ତୋଳି ଯାଚଞ୍ଚା କରୁଛୁ ଆମେ
ଆଶିଷଦାୟିନୀ ମାଆ
ତମର ସେ ଆଶିଷ ଅସରା!

ପ୍ଲଟ୍ ନଂ-ଏମ୍ ୧୧/୪,
ପଞ୍ଚସଖା ନଗର, ଭୁବନେଶ୍ୱର
ମୋ: ୮୦୯୩୪୮୬୬୭୪

### ଗୀତି-କବିତା

### ଅପେକ୍ଷା

**ଜଗଦୀଶ ସାହୁ**

ବ୍ୟାୟାମ କରିବା ବାହାନାରେ ଆମ
ଛାତ ଉପରେ ମୁଁ ଥାଏ
ତୋତେ ଦେଖିଦେଲେ ତୁମରି ଛାତରେ
ଶୁଭରେ ମୋ' ଦିନ ଯାଏ।

ସକାଳ ସୂରୁଯ ପହିଲି କିରଣ
ପଡ଼ିଲେ ଦେହରେ ତୋର
ସଜ ଗୋଲାପରୁ ଅଧିକ ଗୋଲାପୀ
ଦିଶୁ ତୁ ଆଖିକୁ ମୋର।

ପାଟି ନ ଖୋଲିକି ଚୋରା ଚାହାଣିରେ
କଥା କହୁ ଥିରିଥିରି
ଓଠଚାପି ଧୀରେ ହସି ଦେଉ ଯେବେ
ଛାତି ହୋଇଯାଏ ଚିରି।

ଚାରୋଟି ଆଖିର ମିଳନରେ ନୂଆ
ଇନ୍ଦ୍ରଧନୁ ଶୋଭାପାଏ
ସାତରଙ୍ଗ ତା'ର ସାତସୁର ହୋଇ
ପ୍ରେମର ରାଗିଣୀ ଗାଏ।

ତୋତେ ନ ପାଇ ମୋ' ମନ ଛଟପଟ
ବେଦନା ପାରୁନି ସହି
କେବେ ତୁ ଆସିବୁ ବଧୂବେଶ ହୋଇ
ଅପେକ୍ଷାରେ ଅଛି ରହି।

ମୋ: ୯୦୭୮୧୮୫୬୧୬

## କାଳକାଳକୁ



**''ସଚ୍ଚୋଟ କବିତା ବୁଝାପଡ଼ିବା ଆଗରୁ ବାର୍ତ୍ତା ଦେଇଥାଏ।''**

**- ଟି.ଏସ୍. ଏଲିୟଟ୍**

**ଟି.ଏସ୍. ଏଲିୟଟ୍‌ଙ୍କ** ଜନ୍ମ ୨୬ ସେପ୍ଟେମ୍ବର ୧୮୮୮ରେ ଯୁକ୍ତରାଷ୍ଟ୍ର ଆମେରିକାର ସେଣ୍ଟ ଲୁଇସ୍‌ରେ ଓ ପରଲୋକ ୪ ଜାନୁଆରୀ ୧୯୬୫ରେ, ଲଣ୍ଡନରେ। ସେ ଏକାଧାରରେ କବି, ପ୍ରାବନ୍ଧିକ ଓ ନାଟ୍ୟକାର। ଭାଷା ପ୍ରୟୋଗରେ ଏକ ନବୀନ ସରସତା ଓ ବିଚକ୍ଷଣତାର ସଂଯୋଗ ଘଟାଇ ସେ ଇଂଲିଶ୍ ଆଧୁନିକ କବିତାକୁ ନୂଆ ମୋଡ଼ ଦେଇଥିଲେ। ତାଙ୍କର ପ୍ରମୁଖ କୃତିଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ଦ ଲଭ୍ ସଂଗ୍ ଅଫ୍ ଜେ. ଆଲ୍‌ଫ୍ରେଡ୍ ପ୍ରୁଫକ୍' (୧୯୧୫), 'ଦ ୱେଷ୍ଟ ଲ୍ୟାଣ୍ଡ' (୧୯୨୨), 'ହଲୋ ମ୍ୟାନ୍' (୧୯୨୫), 'ମର୍ଡର ଇନ୍ ଦ କ୍ୟାଥେଡ୍ରାଲ୍' (୧୯୩୫), 'ଫୋର୍ କ୍ୱାର୍ଟେଟ୍‌ସ' (୧୯୪୩) ଓ 'ଦ କକ୍‌ଟେଲ୍ ପାର୍ଟି' (୧୯୪୯)। ଇଂଲିଶ୍ କବିତାକୁ କାଳୋତ୍ତୀର୍ଣ୍ଣ ଅବଦାନ ପାଇଁ ୧୯୪୮ରେ ସେ 'ନୋବେଲ ପୁରସ୍କାର' ଓ 'ଅର୍ଡର ଅଫ୍ ଦ ମେରିଟ୍'ରେ ସମ୍ମାନିତ। ସେ କହନ୍ତି: ''ପିଛିଲା ବର୍ଷର ଶବ୍ଦ ପିଛିଲା ବର୍ଷର, ଆଗିଲା ବର୍ଷର ଶବ୍ଦ ନୂଆ କବିର ଅପେକ୍ଷାରେ।''

# ବିଦେଶୀ ଫୁଲର ମହକ

## କଥାଟିଏ...

**ଶିବ ମିଶ୍ର**

ବିଦେଶୀ ଫୁଲରେ ମହକ ନାହିଁ। ତେଣୁ ସ୍ତ୍ରୀ ମନାକରୁଥିଲେ, କିନ୍ତୁ ତାଙ୍କ ମନା ନ ମାନି ସ୍ୱାମୀ ହଜାରେ ଟଙ୍କା ଦେଇ ବଜାରରୁ ବିଦେଶୀ ଫୁଲଗଛଟିଏ କିଣି ଆଣି ଗୋଟିଏ କୁଣ୍ଡରେ ଲଗାଇଲେ। ସ୍ତ୍ରୀ କହିଲେ- ମୋ' ଘରେ ଏ ଫୁଲଗଛ ରହିପାରିବ ନାହିଁ। ସ୍ୱାମୀ କହିଲେ- ଏ ଘରର ଅଧା ତମର, ଅଧା ମୋର। ତେଣୁ ଏ କୁଣ୍ଡ ଏଇଠି ରହିବ। ବିଦେଶୀ ଫୁଲକୁ ନେଇ ସେ ଦୁଇ ଜଣଙ୍କର ମତ ଅଲଗା, ମନ ଅମେଳ, ମୁହଁ ଆଡ଼ ବାଡ଼ରେ ଦିନ ଦିନ ହୋଇ ତିନି ମାସ ବିତିଗଲା। ଏବେ ଦିନେ ଗଛରେ କଢ଼ଟିଏ ହୋଇଥିବା ଦେଖି ସ୍ୱାମୀ ଖୁସିରେ ସ୍ତ୍ରୀଙ୍କୁ କହିଲେ- ଆସ ଦେଖିବ, ବିଦେଶୀ ଫୁଲର କଢ଼ କେମିତିକା ହୋଇଛି। ସ୍ତ୍ରୀ କହିଲେ- ତମ ଗଛ, ତମେ ତାକୁ ମୁଣ୍ଡେଇ ଥ' କୁଣ୍ଡେଇ ଥ' ତା' କଢ଼କୁ ଆଉଁଶୁ ଥ', ମୁଁ ସେଠିକି ଯିବିନି କି ଦେଖିବିନି। ଯୋଉଦିନ ସେ କଢ଼ଟି ଫୁଲ ହୋଇ ଫୁଟିଲା ସେଦିନ ଉପରଓଳି ସ୍ୱାମୀ ପୁଣି ସ୍ତ୍ରୀଙ୍କୁ ଡାକ ପକାଇଲେ- ଦେଖିଯାଅ କେମିତି ସୁନ୍ଦର ଫୁଲ, ତା'ର କେମିତି ରଙ୍ଗ, ପୁଣି ରଙ୍ଗରେ କେମିତି ଚମକ। ଚମତ୍କାର। ଖୁବ୍ ଚମତ୍କାର।

ସ୍ୱାମୀ ଡାକୁଥିଲେ, ସ୍ତ୍ରୀ ନ ଶୁଣିଲା ପରି ଦାଣ୍ଡ ଘର ଆଡ଼କୁ ଚାଲିଗଲା ବେଳକୁ ଅଧା ଆଉଜା କବାଟ ଠେଲି ଘର ଭିତରକୁ ପଶି ଆସିଲା ତାଙ୍କ ପୁଅ। ବିଦେଶରେ ଚାକିରି କରୁଥିବା ତାଙ୍କ ପୁଅ ତିନି ବର୍ଷ ପରେ ଘରକୁ ଆସିଥିଲା। ହେଲେ ମାଆ ପୁଅକୁ କିଛି ନ କହି, ପୁଅ ସାଙ୍ଗରେ ଆସିଥିବା ବିଦେଶୀ ତରୁଣୀଟିକୁ ଚାହିଁ ରହିଥିଲେ। ବାପା ଆସି ସେଇଠି ପହଞ୍ଚିଗଲେ। ସେ ବିଦେଶୀ ତରୁଣୀକୁ ଦେଖି ବାପା ପଚାରିଲେ- ଇଏ କିଏ? ପୁଅ କହିଲା- ଇଏ ତମ ବୋହୂ। ଏତେବେଳକୁ ଯାଇ ମାଆ କହିଲେ- ବହୁତ ସୁନ୍ଦର। ବାପା କହିଲେ-



ବିଦେଶିନୀମାନଙ୍କର ରୂପ ସୁନ୍ଦର, କିନ୍ତୁ ତାଙ୍କ ପାଖରେ ସଂସ୍କାର ନାହିଁ। ତେଣୁ ଇଏ ମୋ' ଘରେ ରହିପାରିବ ନାହିଁ। ମାଆ କହିଲେ- ଏ ଘରର ଅଧା ତମର, ଅଧା ମୋର, ତେଣୁ ମୋ' ବୋହୂ ମୋ' ଘରେ ରହିବ। ସିଏ ଧାଇଁ ଯାଇ ଦୀପ ସଜାଡ଼ି ଆଣି ବନ୍ଦାପନା କରି ବୋହୂକୁ ଭିତର ଘରକୁ ନେଇ ଗଲେ। ବାପା କିଛି କହି ପାରିଲେନି, ହେଲେ ମନେମନେ ରାଗରେ ଗରଗର ହେଉଥିଲେ।

ସେ ରାତି ପାହି ସକାଳ ହେଲା। ଅନ୍ୟ ଦିନ ପରି ବାପା ଫୁଲଗଛରେ ପାଣି ଦେବା ପାଇଁ ଗଲା ବେଳକୁ ଗଛରେ ସେ ଫୁଲଟି ନଥିଲା। ତାଙ୍କ ଭିତରେ ରୁନ୍ଧିହୋଇ ରହିଥିବା ରାଗ ହଠାତ୍ ବାହାରକୁ ଛିଟିକି ପଡ଼ିଲା। ସିଏ ଗର୍ଜନ କରି କହିଲେ- କୁଆଡ଼େ ଗଲା ସେ ଫୁଲ? ସ୍ତ୍ରୀ କହିଲେ- ଯିଏ ସେ ଗଛରେ ଫୁଲ ଫୁଟାଇ ଥିଲେ ତାଙ୍କ ପାଖରେ ପହଞ୍ଚିଯାଇଛି ସେ ଫୁଲ। ଦେଖିବ ଯଦି ଆସ। ସିଏ ସ୍ତ୍ରୀଙ୍କ ସାଙ୍ଗରେ ଯାଇ ଦେଖିଲେ- ସେ ଫୁଲଟି ତାଙ୍କ ଘରେଥିବା ଠାକୁରଙ୍କ ମଥାରେ ଲାଗି ହୋଇଥିଲା। ତାଙ୍କ ବିଦେଶୀ ବୋହୂ ଧୂପ ଦୀପ ଲଗାଇ ଠାକୁରଙ୍କ ଆଗରେ ବସିଥିଲା। ଶାଶୁ ଶ୍ୱଶୁରଙ୍କୁ ଦେଖି ବୋହୂ ଚଟ୍‌କିନା ଉଠି ଆସି ସେ ଦୁଇ ଜଣଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିଲା। ତା'ପରେ ସେଇଠୁ ଅନ୍ୟ ଗୋଟିଏ ବଖରାକୁ ଚାଲିଗଲା। ବୋହୂକୁ ଦେଖୁଥିବା ଶ୍ୱଶୁର ଏବେ ଟିକିଏ ହସି ଦେଇ ମୁହଁ ବୁଲାଇ ସ୍ତ୍ରୀଙ୍କୁ ଚାହିଁ କହିଲେ- ଆମ ଘର ଏବେ ମହକୁଛି ବୋଲି ଜାଣିପାରୁଛ ତ? କହିଲ, ଇଏ କି ମହକ? ଇଏ ତମର ବିଦେଶୀ ବୋହୂର ମହକ। ସ୍ତ୍ରୀ ହସିଦେଇ କହିଲେ- ନା ନା, ଇଏ ତମର ବିଦେଶୀ ଫୁଲର ମହକ।

ମୋ: ୯୮୫୩୦୭୦୦୧୮

# ସାମ୍ସନଙ୍କ ଅର୍ଦ୍ଧଶତକ

**ଆବୁ ଧାବି, ୧୯।୯**

ଭାରତ ଓ ଓମାନ ମଧ୍ୟରେ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶେଷ ଲିଗ୍ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସୁପର-୪କୁ ଯୋଗ୍ୟତା ଅର୍ଜନ କରି ସାରିଥିବାରୁ ବ୍ୟାଟିଂ କ୍ରମରେ ପରୀକ୍ଷା ନିରୀକ୍ଷା କରିଥିବା ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୮ ରନ ସଂଗ୍ରହ କରିଛି। ଭାରତ ଏହାର ପୂର୍ବ ୨ ମ୍ୟାଚରେ ଯଥାକ୍ରମେ ୟୁଏଇକୁ ୯ ଉଇକେଟରେ ଏବଂ ପାକିସ୍ତାନକୁ ୭ ଉଇକେଟରେ ହରାଇ ଅପରାଜେୟ ରହିଛି। ସୁପର-୪ରେ ଭାରତ ଏହାର ପ୍ରଥମ ମ୍ୟାଚ ୨୧ ତାରିଖରେ ପାକିସ୍ତାନ ବିପକ୍ଷରେ ଖେଳିବ। ଏହାପରେ ୨୪ରେ ବାଂଲାଦେଶ ଓ ୨୬ରେ ଶ୍ରୀଲଙ୍କାକୁ ଭେଟିବ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଭାରତ। ପୂର୍ବାନୁମାନ ଅନୁସାରେ ଦଳରେ ୨ଟି ପରିବର୍ତ୍ତନ କରାଯାଇଥିଲା। ଯଶପ୍ରୀତ୍ ବୁମ୍ରା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ବିଶ୍ରାମ ଦିଆଯାଇ ହର୍ଷିତ ରାଣା ଓ ଅର୍ଶଦୀପ ସିଂଙ୍କୁ ସୁଯୋଗ ମିଳିଥିଲା। ଶୁବମନ ଗିଲ୍ ମାତ୍ର ୫ ରନରେ ଆଉଟ ହେବାରୁ ଦ୍ୱିତୀୟ ଓଭରରେ ଭାରତକୁ ପ୍ରଥମ ଝଟ୍କା ମିଳିଥିଲା। ବ୍ୟାଟିଂ କ୍ରମରେ ଉପରେ ଅର୍ଥାତ୍ ୩ ନମ୍ବରରେ ଆସି ଭଲ ଖେଳିଥିଲେ ସଞ୍ଜୁ ସାମସନ। ଅଭିଷେକ ଶର୍ମା ସ୍ୱାଭାବିକ ଭାବେ ବିସ୍ଫୋରକ ବ୍ୟାଟିଂ କରିଥିଲେ ମଧ୍ୟ ପୂର୍ବପରି ଥାର୍ଟିଜ୍ ଅର୍ଥାତ୍ ୩୮ ରନରେ ଆଉଟ ହୋଇଥିଲେ। ସେ ମାତ୍ର ୧୫ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୨ ଛକା ମାରିଥିଲେ। ପୂର୍ବ ମ୍ୟାଚ ଗୁଡ଼ିକରେ ପର୍ଯ୍ୟାପ୍ତ ବ୍ୟାଟିଂ ସୁଯୋଗ ପାଇ ନ

## ଏସିଆ କପ୍ କ୍ରିକେଟ

ଥିବା ହାର୍ଦ୍ଦିକ ପାଣ୍ଡ୍ୟା ୪ ଓ ଶିବମ ଦୁବେ ୫ ନମ୍ବରରେ ଆସିଥିଲେ ହେଁ ଯଥାକ୍ରମେ ୧ ଓ ୫ ରନକରି ପ୍ୟାଭିଲିୟନ ଫେରିଥିଲେ। ଭାରତ ପକ୍ଷରୁ ଏକମାତ୍ର ସଞ୍ଜୁ ସାମସନ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୪୫ ବଲ୍‌ରୁ ୫୬ (୩ଚୌକା, ୩ ଛକା) ରନ କରିଥିଲେ। ଭାରତ ବ୍ୟାଟିଂ କ୍ରମରେ ବଡ଼ ପରିବର୍ତ୍ତନ କରିଥିଲା। ୫ ନମ୍ବରରେ ଆସିଥିବା ଅକ୍ଷର ପଟେଲ ୨୬ ଓ ୭ ନମ୍ବରରେ ବ୍ୟାଟିଂ କରିଥିବା ତିଳକ ବର୍ମା ୨୯ ରନ କରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବ୍ୟାଟିଂ କରିବାକୁ ଆସି ନ ଥିଲେ।



ଶଟ୍ ଖେଳିବା ଅବସରରେ ସଞ୍ଜୁ ସାମ୍ସନ।

## ସ୍ଲୋ ଓଭର-ରେଟ୍

# ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳକୁ ଜରିମାନା

**ନୂଆଦିଲ୍ଲୀ, ୧୯।୯ (ପି.ଟି.):** ଚଣ୍ଡିଗଡ଼ର ମୁଲାନପୁରଠାରେ ଖେଳାଯାଇଥିବା ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ସ୍ଲୋ ଓଭର ରେଟ୍ ପାଇଁ ଭ୍ରମଣକାରୀ ଅଷ୍ଟ୍ରେଲିଆ ଦଳକୁ ସେମାନଙ୍କ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି। ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ଭ୍ରମଣକାରୀ ଦଳ ୧୦୨ ରନରେ ପରାଜିତ ହୋଇଥିଲା। ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଜ୍‌ର ଜି.ଏସ୍. ଲକ୍ଷ୍ମୀ ଏହି ଦଣ୍ଡ ବିଧାନ କରିଥିଲେ। ନିର୍ଦ୍ଧାରିତ ଓଭର ବୋଲିଂ ଧାର୍ଯ୍ୟ କରାଯିବା ସମୟରେ ଅଷ୍ଟ୍ରେଲିଆ ୨ ଓଭର ପଛରେ ରହିଯାଇଥିଲା। ଏହାଦ୍ୱାରା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଚରଣବିଧିର ଧାରା ୨.୨୨ର ଉଲ୍ଲଂଘନ କରାଯାଇଥିଲା। ଅଷ୍ଟ୍ରେଲିଆ ଅଧିନାୟିକା ଏଲିସା ହିଲି ତାଙ୍କ ଦୋଷ ସ୍ୱୀକାର କରିବା ସହ ଦଣ୍ଡକୁ ଗ୍ରହଣ କରିନେବା ଦ୍ୱାରା ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା।

# ପାନ୍ଥର୍ସଙ୍କୁ ହରାଇଲା ଟାଇଟାନ୍ସ

**ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଡବଲ ହେଡରର ପ୍ରଥମ ମ୍ୟାଚ୍‌ରେ ପୁରୀ ଟାଇଟାନ୍ସ ୯ ଉଇକେଟରେ କଟକ ପାନ୍ଥର୍ସଙ୍କୁ ପରାସ୍ତ କରିଛି। କଟକ ପକ୍ଷରୁ ଧାର୍ଯ୍ୟ ୧୪୨ ରନର ବିଜୟ ଲକ୍ଷ୍ୟର ପିଛା କରି ପୁରୀ ଦଳ ୧୭.୪ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରି ନେଇଥିଲା। ୨ ମ୍ୟାଚରୁ ଏହା ପୁରୀର ପ୍ରଥମ

## ଓଡ଼ିଶା ପ୍ରୋ ଟି୨୦ ଲିଗ୍

ବିଜୟ। ନିଜର ପ୍ରଥମ ମ୍ୟାଚରେ ଏହି ଦଳ କେନ୍ଦୁଝର ମାଇନର୍ସ ନିକଟରୁ ହାରିଯାଇଥିଲା। ସେହିପରି ନିଜର ପ୍ରଥମ ମ୍ୟାଚରେ ଭୁବନେଶ୍ୱର ଟାଇଗର୍ସଙ୍କୁ ହରାଇଥିବା ପାନ୍ଥର୍ସ ୨ ମ୍ୟାଚରୁ ପ୍ରଥମ ପରାଜୟ ବରଣ କରିଛି।

ଟସ୍ ଜିତି ବ୍ୟାଟିଂ କରିଥିବା ପାନ୍ଥର୍ସ ପକ୍ଷରୁ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ବିପ୍ଳବ ସାମନ୍ତରାୟ ସର୍ବାଧିକ ୩୩, ଅଭିଷେକ ରାଉତ ୨୫, ଅଧିନାୟକ ସ୍ୱସ୍ତିକ ସାମଲ ୨୨ ରନ କରିଥିଲେ। ବିପକ୍ଷ ଦଳର ମହମ୍ମଦ ଡାନିସ ସର୍ବାଧିକ ୩ଟି ଏବଂ ରାଜେଶ ମହାନ୍ତି, ଆଶୁତୋଷ ଛୁରିଆ, ସୁଶୀଲ ବାରିକ ଓ ଉଦୟ ଜଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପୁରୀ ଟାଇଟାନ୍ସ ଶାନ୍ତନୁ ମିଶ୍ରଙ୍କ ଅପରାଜିତ ୭୯(୮ ଚୌକା, ୨ ଛକା) ଓ ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କ ଅପରାଜିତ ୩୧ (୧୭ ବଲ, ୨ ଚୌକା, ୨ ଛକା) ରନ ବଳରେ ୧୪ ବଲ୍ ବାକିଥାଇ ସହଜ ବିଜୟ ହାସଲ କରିଥିଲା। ଏକମାତ୍ର ଅନୁରାଗ ଷଡ଼ଙ୍ଗୀ ୩୧ ରନକରି ଅଭିଷେକ ରାଉତଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ଶାନ୍ତନୁ ମିଶ୍ର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ରୋଇଂ ଆସୋସିଏଶନ ସଭାପତି ବିନୋଦ ଦାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜୟୀ ଦଳର ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କୁ ବିଜୟ ଟୋପି ପ୍ରଦାନ କରିଥିଲେ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ।



ଶାନ୍ତନୁ ମିଶ୍ର ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ବନ ବିଭାଗର ଜୋନାଲ ଆଥଲେଟ୍ ମିଟ୍ ଉଦ୍‌ଘାଟିତ

**ଅନୁଗୋଳ, ୧୯।୯ (ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ଓଡ଼ିଶା ଫରେଷ୍ଟ ରେଞ୍ଜର କଲେଜ ପଡ଼ିଆରେ ବନ ବିଭାଗର ୨ ଦିନିଆ ଜୋନାଲ ଆଥଲେଟ୍ ମିଟ୍-୨୦୨୫ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍ତରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ଗଢ଼ିବାରେ ଏଭଳି ପ୍ରତିଯୋଗିତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ଅଧକ୍ଷତା କରିଥିଲେ। ଏହି ଆଥଲେଟ ମିଟ୍‌ରେ ଅନୁଗୋଳ, କଟକ, ଢେଙ୍କାନାଳ, ନୟାଗଡ଼, ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ୨୧ଟି ଡିଭିଜନର କର୍ମଚାରୀ ଓ ଅଧିକାରୀଙ୍କ ସହ ମୋଟ ୩୦୭ ଜଣ ଯୋଗ ଦେଇଛନ୍ତି। ଏଥିରେ ୪୩ ପ୍ରକାର ପ୍ରତିଯୋଗିତା ହେବ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ) ଡ.ସଞ୍ଜୟ କୁମାର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର ପ୍ରକାଶ ସେଠୀ, ଓଡ଼ିଶା ବନ ଉନ୍ନୟନ ନିଗମ ଅନୁଗୋଳ ଖଣ୍ଡୀୟ ପରିଚାଳକ ମଳୟ ରଞ୍ଜନ କାଲୋ, ସାତକୋଶିଆ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର, ମହାନଦୀ ୱାଇଲ୍ଡ୍ ଲାଇଫ ବନଖଣ୍ଡ ଅଧିକାରୀ ଅମରେଶ ପ୍ରଧାନ, ଡେପୁଟି କଞ୍ଜରଭେଟର କନ୍ଦନ ସିଂ, ପ୍ରବେସନ ଆଇଏଫଏସ ସିଦ୍ଧାର୍ଥ ଜୈନ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସେଠ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।


ଆଥଲେଟ ମିଟ୍-୨୦୨୫ ଉଦ୍‌ଘାଟନ ଅବସରରେ ଶପଥ ପାଠ।



ପୂର୍ବାଞ୍ଚଳ ଶୁଟିଂରେ ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ପୂର୍ବାଞ୍ଚଳ ଶୁଟିଂ: ଓଡ଼ିଶାକୁ ୪ ପଦକ

**ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)**

ବିହାରରେ ଅନୁଷ୍ଠିତ ୯ମ ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍‌ର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ଶୁକ୍ରବାର ୪ଟି ପଦକ ହାସଲ କରିଛନ୍ତି। ୧୦ ମିଟର ଏୟାର ପିସ୍ତଲର ବଧିର ମହିଳା ବର୍ଗରେ ପୂଜାରାଣୀ ବାରିକ ଓ ମାଷ୍ଟର ମହିଳା ବିଭାଗରେ ସୁଚିସ୍ମିତା ଜେନା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ମାଷ୍ଟର ମହିଳା ବର୍ଗରେ ରୀତା ମହାନ୍ତି ଓ ସବ୍‌ଜୁନିୟର ୟୁଥ୍ ମହିଳାରେ ଦିକ୍ଷା ଶ୍ରୀ ରାୟ ରୌପ୍ୟ ପଦକ ଅର୍ଜନ କରିଛନ୍ତି।

# ପିତାଙ୍କ ମୃତ୍ୟୁ ଖବର ପାଇ ସ୍ୱଦେଶ ଫେରିଲେ ୱେଲାଲେଜ୍

**ଆବୁଧାବି, ୧୯।୯ (ପି.ଟି.)**

ପିତାଙ୍କ ମୃତ୍ୟୁ ଖବର ପାଇ ଏସିଆ କପ୍ କ୍ରିକେଟ ମଝିରୁ ସ୍ୱଦେଶ ଫେରିଛନ୍ତି ଶ୍ରୀଲଙ୍କା ଅଲରାଉଣ୍ଡର ଡୁନିଥ ୱେଲାଲେଜ୍। ୱେଲାଲେଜ୍‌ଙ୍କ ପିତା ସୁରଙ୍ଗାଙ୍କର ଗୁରୁବାର ରାତିରେ ଦେହାନ୍ତ ହୋଇଛି। ସେହିଦିନ ରାତିରେ ଏହି ଅଲ୍‌ରାଉଣ୍ଡର ଏଠାରେ ଆଫଗାନିସ୍ତାନ ବିପକ୍ଷ ଗ୍ରୁପ୍ 'ବି' ଲିଗ୍ ମ୍ୟାଚ ଖେଳୁଥିଲେ। ମ୍ୟାଚ ଶେଷ ହେବା ପରେ ସେ ଏହି ଦୁଃଖ ଖବର ପାଇଥିଲେ। ସେ ଯଥାସମ୍ଭବ ଶୀଘ୍ର ବିମାନ ଯୋଗେ ଶ୍ରୀଲଙ୍କା ଗସ୍ତ କରିଥିଲେ। ସୁରଙ୍ଗାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ତେବେ ଏହି ୨୨ ବର୍ଷୀୟ କ୍ରିକେଟର ଟୁର୍ନାମେଣ୍ଟକୁ ଫେରିବେ କି ନା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଶ୍ରୀଲଙ୍କା ସୁପର-୪ ପର୍ଯ୍ୟାୟରେ ଶନିବାର ବାଂଲାଦେଶକୁ ଭେଟିବ। ପରେ ସେପ୍ଟେମ୍ବର ୨୩ରେ ପାକିସ୍ତାନ ଏବଂ ସେପ୍ଟେମ୍ବର ୨୬ରେ ଭାରତ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ରହିଛି।




# ଆଇସିସିକୁ ଜବାବ ଦେଲା ପିସିବି

**ଆବୁଧାବି, ୧୯।୯ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପଠାଇଥିବା ଇ-ମେଲର ଜବାବ ଦେଇଛି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷ ଏସିଆ କପ୍ ଗେମ୍ ପୂର୍ବରୁ ମ୍ୟାଚ ରେଫରି ଆଣ୍ଡି ପାଇକ୍ରଫ୍ଟ ଏବଂ ଟିମ୍ ଅଫିସିଆଲଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକର ଭିଡିଓ ଶୁଟିଂ କରି ପାକିସ୍ତାନ ମେଡିଆ ମ୍ୟାନେଜର କୌଣସି ଭୁଲ୍ କାର୍ଯ୍ୟ କରି ନାହାନ୍ତି ଏବଂ ଏହାଦ୍ୱାରା ଆଇସିସି ପ୍ରୋଟୋକଲ୍‌ର ଉଲ୍ଲଂଘନ କରାଯାଇ ନ ଥିବା ପିସିବି କହିଛି। ଆଇସିସି ସିଇଓ ସଂଯୋଗ ଗୁପ୍ତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦର୍ଶାଇଥିଲେ, ପାକିସ୍ତାନ ବହୁବାର ପ୍ଲେୟର୍ସ ଆଣ୍ଡ୍ ମ୍ୟାଚ୍ ଅଫିସିଆଲ ଏରିଆ (ପିଏମ୍‌ଓଏ) ଆଚରଣ ସଂହିତା ଉଲ୍ଲଂଘନ କରିଛି। ତନ୍ମଧ୍ୟରେ କୋଚ୍ ମାଇକ୍ ହେସନ, ଅଧିନାୟକ ସଲମନ ଅଲି ଆଘା ଏବଂ ମ୍ୟାନେଜର ଆକ୍ରମ ଟିମାଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ହୋଇଥିବା ବାର୍ତ୍ତାଳାପର ଭିଡିଓ ରେକର୍ଡିଂ କରିବା ଅନ୍ୟତମ ରହିଛି। ଆଇସିସି ଆହୁରି ମଧ୍ୟ ପିସିବିର ଏକ ପ୍ରେସ୍ ରିଲିଜ୍‌କୁ ନେଇ ପ୍ରଶ୍ନ ଉଠାଇଛି, ଯେଉଁଥିରେ କି ପାଇକ୍ରଫ୍ଟ କ୍ଷମା ଭିକ୍ଷା କରିଥିବା ଉଲ୍ଲେଖ କରାଯାଇଛି। ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଭେନ୍ୟୁ ମ୍ୟାନେଜରଙ୍କ ଦ୍ୱାରା ସୃଷ୍ଟ ଭୁଲ୍ ବୁଝାମଣାକୁ ନେଇ ରେଫରି କେବଳ ଦୁଃଖ ପ୍ରକାଶ କରିଥିଲେ , ମାତ୍ର ଟିମ୍‌ର ମିଡିଆ ମ୍ୟାନେଜର ହେଉଛନ୍ତି ଦଳର ଏକ ଅଂଶବିଶେଷ। ସେ ଚାହିଁଲେ ପିଏମ୍ ଓଏର ଭିଡିଓ ଉତ୍ତୋଳନ କରିପାରିବେ। ତାଙ୍କ ଉପସ୍ଥିତି ଦ୍ୱାରା କୌଣସି ନିୟମ ଉଲ୍ଲଂଘନ ହୋଇନାହିଁ। ପିସିବି କହିଛି, ବର୍ତ୍ତମାନ ପ୍ରଚଳିତ ପ୍ରୋଟୋକଲ ଅନୁସାରେ ପିଏମ୍ ଓଏରେ କ୍ୟାମେରା ବ୍ୟବହାର ପାଇଁ ମିଡିଆ ମ୍ୟାନେଜରଙ୍କୁ ଅନୁମତି ରହିଛି। ଯଦି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି)କୁ ଅନୁପାଳନ କରାଯାଇ ନ ଥିଲା ତେବେ ଆଇସିସି ଏବିଷୟରେ ମ୍ୟାଚ ରେଫରିଙ୍କୁ ପ୍ରଶ୍ନ କରିବାର ଥିଲା। ଏ ପ୍ରସଙ୍ଗରେ ସେ ଆଣ୍ଟି କରପ୍‌ସନ ୟୁନିଟ୍ (ଏସିୟୁ)ର ଦୃଷ୍ଟି ଆକର୍ଷଣ କରିଛନ୍ତି ନା ନାହିଁ। ଖବର ଅନୁସାରେ ଆଇସିସିର ମ୍ୟାଚ ଅଫିସିଆଲ ପାକିସ୍ତାନର ଏସିୟୁ ଅଫିସିଆଲଙ୍କୁ ସମସ୍ତ ବିଷୟ ଜଣାଇଛନ୍ତି, ସେମାନେ ମଧ୍ୟ ଏହା ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟରେ ଭାରତ-ପାକିସ୍ତାନ ମ୍ୟାଚ୍ ବେଳେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପ୍ରତିପକ୍ଷ ପାକିସ୍ତାନର ସଲମନ ଅଲି ଆଘାଙ୍କ ସହ ସୌଜନ୍ୟମୂଳକ ହାତ ମିଳାଇ ନ ଥିଲେ। ଏହାଦ୍ୱାରା ମ୍ୟାଚ ରେଫରି ପାଇକ୍ରଫ୍ଟ 'ସ୍ପିରିଟ୍ ଅଫ୍ ଗେମ୍' ପ୍ରୋଟୋକଲ ଉଲ୍ଲଂଘନ କରିଥିବା ଦର୍ଶାଇ ପିସିବି ତାଙ୍କ ବିରୋଧରେ ଆଇସିସି ନିକଟରେ ଫେରାଦ ହୋଇଥିଲା। ଏହି ରେଫରିଙ୍କୁ ଟୁର୍ନାମେଣ୍ଟ କିମ୍ବା ପାକିସ୍ତାନ ମ୍ୟାଚଗୁଡ଼ିକରୁ ବାଦ୍ ଦେବା ଲାଗି ଦାବି କରାଯାଇଥିଲା। ଆଇସିସି ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିବା ପରେ ଏହି ପରିସ୍ଥିତି ସୃଷ୍ଟି ହେଇଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ